**ସଂକ୍ଷେପରେ**

## ବହୁଗୁଣ ଲାଭ ଦେବା ଆଳରେ ୮୫ ଲକ୍ଷରୁ ଊର୍ଦ୍ଧ୍ୱ ଠକେଇ
### ସାଇବର ଥାନା ହାତରେ ଯୁକ୍ତ୨ ପାସ୍ ଠକ

**ଭୁବନେଶ୍ୱର,୫।୪(ସତ୍ୟଜିତ୍ ରାଉତ):** ବହୁଗୁଣ ଲାଭ ଦେବା ଆଳରେ ୮୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ମାମଲାରେ ଭୁବନେଶ୍ୱର ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଥାନା ପୋଲିସ ଜଣେ ଯୁକ୍ତ୨ ପାସ୍ ଠକଙ୍କୁ ଶୁକ୍ରବାର ଗିରଫ କରିଛି। ଅଭିଯୁକ୍ତ ହେଲେ ପୁରୀ ଜିଲା ସଦର ଥାନା ଅନ୍ତର୍ଗତ ଆମ୍ବପଡ଼ାର ପ୍ରକାଶ ଚନ୍ଦ୍ର ସ୍ୱାଇଁ ଓରଫ ଗୁଗୁନା (୨୫)। ଏବେ ସେ ଖଣ୍ଡଗିରି ଥାନା ଅନ୍ତର୍ଗତ ଡୁମୁଡୁମାରେ ରହୁଛନ୍ତି। କୋର୍ଟଚାଲାଣ ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ପ୍ରକାଶ ପୂର୍ବରୁ ଏକ ଅନଲାଇନ୍ ଗିଫ୍ଟ କାର୍ଡ ବ୍ୟବସାୟ କରୁଥିଲେ। ସେ ଇନ୍‌ଷ୍ଟାଗ୍ରାମ ଦ୍ୱାରା ଏକ ଷ୍ଟକ୍ ଟ୍ରେଡିଂ ବିଜ୍ଞାପନ ଦେଖି ଜୁମ୍ ଗ୍ରୁପ ଭିଡିଓ କଲ୍‌ରେ ତାହା ଶିଖିଥିଲେ। ଅଧିକ ଟଙ୍କା ରୋଜଗାର କରିବା ଆଶାରେ ସେ ତାଙ୍କ ଗ୍ରାହକଙ୍କୁ ଟାର୍ଗେଟ୍ କରିଥିଲେ। ପୁରୀ ଜିଲା ସଦର ଥାନା ଅଞ୍ଚଳର ବିଶ୍ୱଜିତ ମହାନ୍ତି ଓ ପ୍ରକାଶ ଚୌଧୁରୀଙ୍କୁ ସେ ନିଜ କୋଏିନ୍ ପ୍ରାଇଭେଟ ଲିଃ ଓ ପ୍ରକାଶ କମ୍ୟୁନିକେଶନ୍ ନାମରେ ଦୁଇଟି କମ୍ପାନୀ ଥିବା କହି ଡକୁମେଣ୍ଟ ଦେଖାଇଥିଲେ। ତାଙ୍କ କମ୍ପାନୀରେ ଟଙ୍କା ଲଗାଇଲେ ସପ୍ତାହକୁ ବହୁଗୁଣ ଲାଭ ଦେବେ ବୋଲି କହିଥିଲେ। ବିଶ୍ୱଜିତ ଓ ପ୍ରକାଶ ତାଙ୍କୁ ୨୦୨୨ ମସିହାରେ ୮୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଦେଇଥିଲେ। ଅଭିଯୁକ୍ତ ପ୍ରକାଶ ଉଭୟଙ୍କ ଟଙ୍କା ଆଣି ଷ୍ଟକ୍ ଟ୍ରେଡିଂରେ ଲଗାଇ ଦେଇ ସବୁ କ୍ଷତି ସହିଥିଲେ। ବିଶ୍ୱଜିତ ଓ ପ୍ରକାଶ ଟଙ୍କା ଫେରାଇବାକୁ କହିବାରୁ ଅଭିଯୁକ୍ତ ଆଜିକାଲି କହି ଧରାଛୁଆଁ ଦେଇନଥିଲେ। ଅଭିଯୋଗକାରୀ ଏନେଇ ହାଇକୋର୍ଟରେ ପିଟିସନ୍ ଫାଇଲ କରିବା ପରେ ଭୁବନେଶ୍ୱର ସାଇବର ଥାନାକୁ ତଦନ୍ତ ନିର୍ଦ୍ଦେଶ ହୋଇଥିଲା। ୨୦୨୩ ନଭେମ୍ବର ୨୧ରେ ଏନେଇ ସାଇବର ଥାନା ପୋଲିସ ମାମଲା (ନଂ.୧୧୯/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ଅଭିଯୁକ୍ତ ପ୍ରକାଶ ଏହିଭଳି ଅନ୍ୟଲୋକଙ୍କୁ ମଧ୍ୟ ଠକିଥିବା ପୋଲିସ ସନ୍ଦେହ କରି ଅଧିକ ତଦନ୍ତ ଜାରି ରଖିଛି।

## ନୟାହାଟରେ ୧୦ ବର୍ଷ ହେଲା ନାହାନ୍ତି ପ୍ରାଣୀ ଚିକିତ୍ସକ

**ଯୋଗେଶ୍ୱରପୁର,୫।୪ (ରଶ୍ମିରଞ୍ଜନ ସାହୁ):** ନୟାହାଟ ଅଞ୍ଚଳର ଧୁମାଲ ଓ ଜଙ୍ଗଲବରୀ ପଞ୍ଚାୟତ ପାଇଁ ନରସିଂହପୁରଠାରେ ଥିବା ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଦୀର୍ଘ ୧୦ବର୍ଷ ହେବ ଚିକିତ୍ସକ ନ ଥିବାରୁ ପ୍ରାଣୀଙ୍କ ଚିକିତ୍ସା କ୍ଷେତ୍ରରେ ବାଧା ସୃଷ୍ଟି ହେଉଛି। ଫଳରେ ଗୋରୁ, ଛେଳି, ମେଣ୍ଢା, କୁକୁଡ଼ା, ବତକ ଆଦି ପ୍ରାଣୀଙ୍କ ଚିକିତ୍ସା ପାଇଁ ଆସୁଥିବା ମାଲିକମାନେ ନିରାଶ ହୋଇ ଫେରୁଛନ୍ତି। ଚିକିତ୍ସକ ନ ଥିବାରୁ ଏହି ପ୍ରାଣି ଚିକିତ୍ସାକେନ୍ଦ୍ର ଏକପ୍ରକାଣ ଭୂତ କୋଠି ହୋଇପଡିଛି। ଉକ୍ତ କେନ୍ଦ୍ରରେ ଡାକ୍ତର ନିଯୁକ୍ତି ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି କରାଯାଉଥିଲେ ମଧ୍ୟ ସୁଫଳ ମିଳୁନାହିଁ ବୋଲି ଧୁମାଲ ସରପଞ୍ଚ ମୋନାଲିସା ସିଂ ଜଙ୍ଗଲବରୀ ସରପଞ୍ଚ ପ୍ରଭାତୀ ସାହୁ ପ୍ରକାଶ କରିଛନ୍ତି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ବଜାରରେ ନକଲି ପାଣି ବୋତଲ, ପାଉଚ୍

**ଅସ୍ତରଙ୍ଗ, ୫।୪(ପ୍ରଦୀପ୍ତ କୁମାର ଦୀକ୍ଷିତ):** ରାଜ୍ୟରେ ଗତ କିଛିଦିନ ହେଲା ତାତି ବଢ଼ିଛି। ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ରହୁଥିବାବେଳେ ସକାଳୁ ହିଁ ଗରମ ଓ ଗୁଳୁଗୁଳି ଅନୁଭୂତ ହେଉଛି। ମଧ୍ୟାହ୍ନରେ ରାସ୍ତା ଖାଁ ଖାଁ ହୋଇପଡୁଛି। ଆଗକୁ ଗ୍ରୀଷ୍ମପ୍ରବାହ ଆହୁରି ବଢ଼ିବ ବୋଲି ପାଣିପାଗ ବିଭାଗ ଆକଳନ କରୁଥିବାବେଳେ ପିଇବା ପାଣି ଓ ଜଳଛତ୍ରକୁ ନେଇ ଏବେ ଚିନ୍ତା ଘାରିଲାଣି। ଅଧିକାଂଶ ଗ୍ରାମାଞ୍ଚଳରେ ଏପର୍ଯ୍ୟନ୍ତ ଜଳଛତ୍ର ଖୋଲିନାହିଁ। ଲୋକଙ୍କ ସରଳତାର ସୁଯୋଗ ନେଇ ବଜାରରେ ବର୍ତ୍ତମାନ ନକଲି ପାଣି ବୋତଲ ର୍ୟାକେଟ ସକ୍ରିୟ ହୋଇଉଠିଛନ୍ତି। ଏହି ର୍ୟାକେଟ ସାଧାରଣ ପାଣିକୁ ପାଉଚ ଓ ବୋତଲରେ ପ୍ୟାକେଟ କରି ବଜାରକୁ ଛାଡୁଛନ୍ତି। ଉକ୍ତ ପାଉଚ ଓ ପ୍ୟାକେଟରେ ବିଭିନ୍ନ ନାମୀଦାମୀ କମ୍ପାନୀର ଲୋଗୋ, ଲେବଲ ଲଗାଯିବା ସାଙ୍ଗକୁ ଆଇଏସ୍‌ଆଇ ମାର୍କା ଛାପି ଦେଉଛନ୍ତି। ଏହାର ଗୁଣବତ୍ତା ଯାଞ୍ଚ କରିବା ଓ ବେଆଇନ ପାଣି ବିକ୍ରେତା ତଥା କମ୍ପାନୀଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରଶାସନର ନିଘା ନାହିଁ। ଏହି ପାଣି ଆଦୌ ବିଶୁଦ୍ଧ ହୋଇ ନ ଥିବାରୁ ଏହାକୁ ପିଇ ଲୋକେ ଅସୁସ୍ଥ ହେଉଥିବା ଶୁଣିବାକୁ ମିଳୁଛି। ବର୍ତ୍ତମାନ ଅସ୍ତରଙ୍ଗ ବଜାର ଓ ଗ୍ରାମାଞ୍ଚଳରେ ପାଣି ବୋତଲ ପିଛା ୫ଟଙ୍କାରୁ ୨୦ଟଙ୍କା ପର୍ଯ୍ୟନ୍ତ ମିଳୁଛି। ବଜାରରେ ବିକ୍ରି ହେଉଥିବା ପାଣି ବୋତଲ ଖାଦ୍ୟ ସାମଗ୍ରୀ ଶ୍ରେଣୀରେ ଆସୁଛି। କିନ୍ତୁ ପାଣିବୋତଲ ପ୍ରସ୍ତୁତ କରି ବଜାରକୁ ଛାଡୁଥିବା କିଛି ବ୍ୟକ୍ତିବିଶେଷଙ୍କ ପାଖରେ ଆବଶ୍ୟକ ଫୁଡ୍ ଲାଇସେନ୍ସ ନାହିଁ। ବହୁ ସ୍ଥାନରେ ପାଣି ପରୀକ୍ଷଣ ରିପୋର୍ଟ ନ ଥିବାବେଳେ ଖାଦ୍ୟ ନିରୀକ୍ଷକ ଯାଞ୍ଚ କରିଥିବାର କୌଣସି ନଜିର ନାହିଁ।



### ଗାଁରୁ ସହର ସବୁଠି ଚାଲିଛି ବେଧଡ଼କ କାରବାର

ସରକାରୀ ଗାଇଡ୍‌ଲାଇନ ଅନୁଯାୟୀ, ଲାଇସେନ୍ସ ଏବଂ ଆଇଏସ୍‌ଆଇ ସ୍ୱୀକୃତି ମିଳିବା ପରେ ହିଁ ପାଣି କମ୍ପାନୀ ଖୋଲାଯାଇପାରିବ। ପାଣି ବିଶୋଧନ, ବୋତଲରେ ଭରିବା ଓ ଏହାକୁ ସିଲ କରି ବଜାରକୁ ଛାଡିବା ପର୍ଯ୍ୟନ୍ତ ବିଭିନ୍ନ ନିୟମ ରହିଛି। କିନ୍ତୁ ପ୍ରଶାସନର ଲଗାମ ନ ଥିବାରୁ ଅନେକ ଅସାଧୁ ବ୍ୟବସାୟୀ ସେମାନଙ୍କ କାରବାର ବଢାଇବାରେ ଲାଗିଛନ୍ତି। ବହୁ ମାତ୍ରାରେ ନକଲି କମ୍ପାନୀ ନାଁରେ ନକଲି ଲେବଲ ଲଗାଇ ପାଣି ବୋତଲ ମଧ୍ୟ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ଖରାଦିନେ ଚାହିଦା ଅଧିକ ରହୁଥିବାରୁ ନକଲି ର୍ୟାକେଟ ସକ୍ରିୟ ହୋଇଉଠିଛନ୍ତି। ଏହି ପାଣି ସ୍ୱାସ୍ଥ୍ୟ ଉପଯୋଗୀ କି ନୁହେଁ ସେ ନେଇ ପ୍ରଶାସନ ପକ୍ଷରୁ ମାନ ଯାଞ୍ଚ କରାଯିବା ସହ ଚଢ଼ାଉ ହେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

## ପ୍ରଧାନ ଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

**ନିମାପଡ଼ା, ୫।୪(ରଞ୍ଜନ ପଟ୍ଟନାୟକ):** ନିମାପଡ଼ା ବ୍ଲକ ଧନୁଆ ପଞ୍ଚାୟତ ଅଧୀନ ଶୂନଗୋରଡ଼ି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରଦ ଚନ୍ଦ୍ର ନାୟକ ଶୁକ୍ରବାର ଅବସର ନେଇଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୁରୀ ଜିଲା ସହକାରୀ ଶିକ୍ଷା ଅଧିକାରୀ ହିମାଂଶୁ ଭୂଷଣ ସମର୍ଥ ଯୋଗଦେଇ ପ୍ରଧାନ ଶିକ୍ଷକ ନାୟକ ଜଣେ ଉତ୍ତମ ବ୍ୟକ୍ତି ଓ ଛାତ୍ରବତ୍ସଳ ଶିକ୍ଷକ ବୋଲି କହିଥିଲେ। ନିରୋଦ ସାର୍‌ଙ୍କ ଆଶୀର୍ବାଦରେ ଆଜି ଅନେକ ଛାତ୍ରୀଛାତ୍ର ସଫଳତାର ଶୀର୍ଷସ୍ଥାନରେ ଉପନୀତ ହୋଇପାରିଛନ୍ତି ବୋଲି ମୁଖ୍ୟବକ୍ତା ଭାବେ ନିମାପଡ଼ା ବ୍ଲକ ଶିକ୍ଷାଧିକାରୀ ଦ୍ୱିତୀକାନ୍ତ ପ୍ରଧାନ କହିଛନ୍ତି। ନିମାପଡ଼ା ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ସୌଦାମିନୀ ଦାଶ, ଶ୍ରୀମନ୍ତ ଶେଖର ରଥ, ପ୍ରତିଭା ମହାନ୍ତି, ସିଆର୍‌ସିସି ନିହାଲ ଅଖତାର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନାୟକଙ୍କ ଗୁଣ ଓ ଗରିମା ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଏବଂ ଅଭିଭାବକମାନେ ଉପସ୍ଥିତ ଥିଲେ।



ଓଡ଼ିଶା କମ୍ବାଟ ଆସୋସିଏଶନ୍ ଏବଂ ପୁରୀ ଜିଲା କମ୍ବାଟ ଆସୋସିଏଶନ୍‌ର ମିଳିତ ଆନୁକୂଲ୍ୟରେ ଶରଧାବାଲିଠାରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ସର୍ବଭାରତୀୟ କମ୍ବାଟ ଚାମ୍ପିୟନଶିପ୍ କୁସ୍ତି ପ୍ରତିଯୋଗିତା ଉଦ୍‌ଘାଟନ ଉତ୍ସବରେ ନୃତ୍ୟ ପରିବେଷଣ କରାଯାଉଛି ।

## ସୁନୀଲଙ୍କୁ ଟାର୍ଗେଟ କଲେ ଜୟନ୍ତ

**ପୁରୀ,୫।୪(ଅଜିତ୍ ମହାନ୍ତି)** ଆଗାମୀ ସାଧାରଣ ନିର୍ବାଚନ ନିମନ୍ତେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ଏହିପରିପ୍ରେକ୍ଷୀରେ ପୁରୀ ବିଧାନସଭା ମଣ୍ଡଳୀ ଆସନ ନିମନ୍ତେ ବିଜେଡି ପକ୍ଷରୁ ସ୍ୱର୍ଗତ ମହେଶ୍ୱର ମହାନ୍ତିଙ୍କ ପୁଅ ସୁନୀଲ ମହାନ୍ତିଙ୍କୁ ଟିକେଟ ମିଳିଥିବା ବେଳେ ଭାଜପା ପକ୍ଷରୁ ଜୟନ୍ତ ଷଡଙ୍ଗୀଙ୍କୁ ପୁଣି ପ୍ରାର୍ଥୀ କରାଯାଇଛି। ତେବେ ପ୍ରାର୍ଥୀଙ୍କ ନାମ ଘୋଷଣା ପରେ ରାଜନୈତିକ ପାଣିପାଗ ସରଗରମ ହେବା ସହ ପରସ୍ପର ବିରୋଧରେ ଆରୋପ ପ୍ରତ୍ୟାରୋପ ରାଜନୀତି ଆରମ୍ଭ ହୋଇଯାଇଛି। ବିଜେଡି ପ୍ରାର୍ଥୀ ସୁନିଲ ମହାନ୍ତିଙ୍କୁ ପୁରୀ ବିଧାୟକ ତଥା ଭାଜପା ପ୍ରାର୍ଥୀ ଜୟନ୍ତ ଷଡ଼ଙ୍ଗୀ ପରୋକ୍ଷ ଟାର୍ଗେଟ କରି କହିଛନ୍ତି, ବିଜେଡି ନେତା କେବଳ ନିର୍ବାଚନ ସିଜିନ୍‌ରେ ଦେଖାଯାଆନ୍ତି। ନିର୍ବାଚନ ସରିଲେ ଲୋକଙ୍କ ଠାରୁ ଦୂରେଇ ଯାଆନ୍ତି। ହେଲେ ଆମ ସବୁବେଳେ ଲୋକଙ୍କ ସହ ଅଛୁ। ଲୋକଙ୍କ ସୁଖଦୁଃଖରେ ଆମେ ରହିବୁ। ତେବେ ପ୍ରତିପକ୍ଷ ପ୍ରାର୍ଥୀ ସୁନିଲ ମହାନ୍ତିଙ୍କ ପ୍ରଚାର ଲୋକଙ୍କ ଉପରେ ପଡ଼ିବ ନାହିଁ। ବିଜେଡ଼ିର ସୁପ୍ରିମୋ ନିଜେ ପରିକ୍ରମା ପ୍ରକଳ୍ପ ଉଦଘାଟନ ଉତ୍ସବରେ ସର୍ବସମ୍ମୁଖରେ ମୋତେ ଧନ୍ୟବାଦ୍ ଦେଇଥିଲେ। କାରଣ ଆମେ ସବୁବେଳେ ବିକାଶ ସହିତ ଅଛୁ ଓ ଲୋକଙ୍କ ସେବା କରୁଛୁ। ଏଣୁ ମୋ ବିଷୟରେ ମୋ ପ୍ରତିପକ୍ଷ ପ୍ରାର୍ଥୀଙ୍କ ସାର୍ଟିଫିକେଟ ଦରକାର ନାହିଁ। ସୁନିଲ ଜଣେ ବ୍ୟବସାୟୀ ଲୋକ। ଜନସେବା ବହୁତ୍ କଷ୍ଟ କାର୍ଯ୍ୟ। ତାହା ପାଇଁ ଅନେକ ଧୈର୍ଯ୍ୟ ଦରକାର। ଏଣୁ ସେ ରାଜନୀତି ପାଇଁ ଠିକ୍ ନୁହନ୍ତି। ତେଣୁ ତାଙ୍କୁ ଗୁରୁତ୍ୱ ଦେଉନାହାନ୍ତି ବୋଲି ଜୟନ୍ତ କହିଛନ୍ତି। ସେହିପରି ଖୁବଶୀଘ୍ର ଭାଜପା ପ୍ରଚାର କାର୍ଯ୍ୟକ୍ରମ କରିବ। ପୁରୀ ବିଧାନସଭା ଆସନରେ ଭାଜପା ବିପୁଳ ବିଜୟ ହାସଲ କରିବ ବୋଲି ଜୟନ୍ତ କହିଛନ୍ତି। ସମସ୍ତଙ୍କୁ ସାଙ୍ଗରେ ନେଇ ସେ ନିବାର୍ଚନ ବୈତରଣୀ ପାର ହେବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ୨୦୧୯ ମସିହାରେ ଜୟନ୍ତ ବିଜେଡିରୁ ଇସ୍ତଫା ଦେଇ ଭାଜପାରେ ସାମିଲ ହୋଇ ବିଧାୟକ ପ୍ରାର୍ଥୀ ଭାବେ ଲଢି ବିଜେଡିର ଭେଟରାନ ଲିଡର ମହେଶ୍ୱର ମହାନ୍ତିଙ୍କୁ ପରାସ୍ତ କରିଥିଲେ।

## ଅଗ୍ନିବିପନ୍ନ ପରିବାରଙ୍କୁ ସହାୟତା ଦେଲେ ସଞ୍ଜୟ



ଅଗ୍ନିବିପନ୍ନ ପରିବାରକୁ ସଞ୍ଜୟ ଦାସବର୍ମା ଭେଟି ସାନ୍ତ୍ୱନା ଦେଉଛନ୍ତି ।

**ସାକ୍ଷୀଗୋପାଳ, ୫।୪(ପ୍ରଶାନ୍ତ କୁମାର ବାରିକ/ କିଶୋର ମହାପାତ୍ର/ଭରତ ରାଉତ)** ସତ୍ୟବାଦୀ ବ୍ଲକ ସାରଙ୍ଗଯୋଡ଼ି ପଞ୍ଚାୟତ ଧୋଜାମୁଣ୍ଡେଇ ଗ୍ରାମରେ ଅଗ୍ନିକାଣ୍ଡ ଘଟି ମୋହନ ଦାସ, ବାଇଧର ଦାସ ଏବଂ ଦେବରାଜ ଦାସଙ୍କ ଘର ପୋଡ଼ିଯାଇଛି। ଶୁକ୍ରବାର ସତ୍ୟବାଦୀ ବିଧାନସଭା ମଣ୍ଡଳୀର ବିଜେଡି ପ୍ରାର୍ଥୀ ସଞ୍ଜୟ କୁମାର ଦାସବର୍ମା ଶୁକ୍ରବାର ଅଗ୍ନିବିପନ୍ନ ପରିବାରଙ୍କୁ ଭେଟି ଆଶ୍ୱାସନା ଦେବା ସହିତ ସମବେଦନା ଜଣାଇଛନ୍ତି। ଏଥିସହ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ, ଚୁଡ଼ା, ବିସ୍କୁଟ, ଚାଉଳ, ଡାଲି, ପାଲ, ଶୁଖିଲା ଖାଦ୍ୟ ଏବଂ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ଏହି ସମୟରେ ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ଉପାଧ୍ୟକ୍ଷଙ୍କ ପ୍ରତିନିଧି ପ୍ରକାଶ ପ୍ରଧାନ, ପୁରୀ ଜିଲା ବିଜେଡି ସାଧାରଣ ସମ୍ପାଦକ ଦେବାଶିଷ ରାୟ, ସାରଙ୍ଗଯୋଡ଼ି ପଞ୍ଚାୟତର ସମିତିସଭ୍ୟ ଧଡୁ ଜେନା, ପୂର୍ବତନ ଆମ୍ବା ଅଧ୍ୟକ୍ଷ ରାମଚନ୍ଦ୍ର ମହାନ୍ତି ଓ ବେବୀଲାଲ୍ ମିଶ୍ର, ପଞ୍ଚାୟତ ସଭାପତି ଲିଙ୍ଗ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବାବା ବୈଦ୍ୟନାଥ ଦେବଙ୍କ ଦଶଦୋଳ ଯାତ୍ରା

**କଣାସ, ୫।୪(ବିଭୂତି ଭୂଷଣ ତ୍ରିପାଠୀ):** କଣାସ ଅଞ୍ଚର ମୁଖ୍ୟ ମେଳଣ ବଡାସ ପଞ୍ଚାୟତର ଆରାଧ୍ୟ ଠାକୁର ବାବା ବୈଦ୍ୟନାଥ ଦେବଙ୍କ ଦଶଦୋଳ ଯାତ୍ରା ଶୁକ୍ରବାର ଜମିଛି। ବାବା ବୈଦ୍ୟନାଥ ଦେବ ସୁସଜ୍ଜିତ ବିମାନରେ ବସି ଘଣ୍ଟ, ମେହ୍ଁକାଳୀ, ଆତସବାଜି, ଡଗାନାଚ, ଘୋଡାନାଚ, ସଖୀନାଚ ମଧ୍ୟରେ ମେଳଣପଦାକୁ ଆସି ନିଜ ଆସ୍ଥାନରେ ବିରାଜମାନ କରିବା ପରେ ଆଖପାଖ ଅଞ୍ଚଳର ୨୯ଟି ଠାକୁର ସେମାନଙ୍କ ବିମାନରେ ଆସି ସ୍ୱ ସ୍ଥାନରେ ବିଜେ କରିଛନ୍ତି। ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ଲୋକଙ୍କ ଗହଳି ହୋଇଛି। ବଡାସ ଗ୍ରାମ୍ୟ କମିଟି ଏହି ମେଳଣ ପରିଚଳନା କରୁଥିବାବେଳେ କଣାସ ଥାନା ପୋଲିସ୍ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ମୁତୟନ ରହିଛି। ଏହି ଦୋଳଯାତ୍ରା ବହୁ ପୁରାତନ ବୋଲି ସ୍ଥାନୀୟ ଅଞ୍ଚଳର ପୁରୁଖା ଲୋକେ କହନ୍ତି । ସେହିପରି ଆରାଧ୍ୟ ଠାକୁର ବାବା ବୈଦ୍ୟନାଥ ଦେବଙ୍କ ମହିମା ଅପାର ବୋଲି ବିଶ୍ୱାସ ରହିଛି ।



ମେଳଣ ପଡ଼ିଆରେ ଠାକୁର ବିଜେ କରୁଛନ୍ତି ।

## କଣାସ ବ୍ଲକରେ ହାତୀ ଆତଙ୍କ



**କଣାସ, ୫।୪ (ବିଭୂତି ଭୂଷଣ ତ୍ରିପାଠୀ):** ଚନ୍ଦକା ଜଙ୍ଗଲର ଅବକ୍ଷୟ ଯୋଗୁ କିଛିବର୍ଷ ହେଲା ଜଙ୍ଗଲରେ ରହୁଥିବା ହାତୀମାନେ ଗାଁମୁହାଁ ହୋଇ ବହୁ ଧନଜୀବନ ନଷ୍ଟ କରୁଥିବା ନଜିର ରହିଛି। କଣାସ ବ୍ଲକର ବିଭିନ୍ନ ଗ୍ରାମପଞ୍ଚାୟତରେ ପାଚିଲାଧାନ ଖାଇବା ପାଇଁ ହାତୀମାନେ ଚାଲିଆସୁଛନ୍ତି। ହାତୀପଲ ଧାନ ଖାଇବା ସହିତ ବାଡିବଗିଚାରେ ଥିବା ଫସଲ ନଷ୍ଟ କରିଦେଉଛନ୍ତି। ଗୁରୁବାରଠାରୁ ଦୁଇଟି ହାତୀ ଖୋର୍ଦ୍ଧା ବ୍ଲକର ଶରଧାପୁର ଅଞ୍ଚଳରେ ରହିଥିବାବେଳେ ଶୁକ୍ରବାର ଗଡ଼ସାନପୁଟ ଗ୍ରାମ ଦେଇ ଗଡ଼ବଡ଼ପୁଟ ଠାରେ ରାଜୁଆ ନଦୀ ପାର ହୋଇ ଗଡ଼ସାନପୁଟ ଗ୍ରାମପଞ୍ଚାୟତର ବେହେଣ୍ଡା ଗ୍ରାମର ମୌଜାରେ ଅମରିବଣ ଭିତରେ ଦିନତମାମ ରହିଛନ୍ତି। ହାତୀଙ୍କୁ ଫେରାଇ ନେବା ପାଇଁ କଣାସ-ଡେଲାଙ୍ଗ ରେଞ୍ଜର ଶାନ୍ତନୁ ଦଳାଇ ଷ୍ଟାଫ୍ ସହିତ ଘଟଣାସ୍ଥଳରେ ଜଗିରହିଥିବା ବେଳେ କଣାସ ଥାନା ଆଇଆଇସି ରାକେଶ କୁମାର ତ୍ରିପାଠୀ ଏବଂ ପୋଲିସ କର୍ମଚାରୀମାନେ ହାତୀ ଉପରେ ନଜର ରଖି ଜଗିରହିଛନ୍ତି।

## ଗଙ୍ଗାଧର ମହାପାତ୍ରଙ୍କ ଜୀବନ ଦର୍ଶନ ଉପରେ ଆଲୋଚନା

**ସାକ୍ଷୀଗୋପାଳ, ୫। ୪( ପ୍ରଶାନ୍ତ କୁମାର ବାରିକ/ କିଶୋର ମହାପାତ୍ର):** ସତ୍ୟବାଦୀର ଗଙ୍ଗାଧର ମହାପାତ୍ର ସ୍ମୃତି କମିଟି ପକ୍ଷରୁ ଶୁକ୍ରବାର ସ୍ୱାଧିନତା ସଂଗ୍ରାମୀ, ଆଇନଜୀବୀ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଗଙ୍ଗାଧର ମହାପାତ୍ରଙ୍କ ଅଷ୍ଟଦଶତମ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ ତାଙ୍କ ଜନ୍ମମାଟି ବିଶ୍ୱନାଥପୁର ଗ୍ରାମରେ ପାଳିତ ହୋଇଯାଇଛି। ସ୍ମୃତି କମିଟି ପକ୍ଷରୁ ସ୍ୱର୍ଗତ ମହାପାତ୍ରଙ୍କ ପୁତ୍ର ତଥା ଓଡ଼ିଶା ଉଚ୍ଚ ନ୍ୟାୟଳୟର ବରିଷ୍ଠ ଆଇନଜୀବୀ ଉମାବଲ୍ଲଭ ମହାପାତ୍ର, ଆଇନଜୀବୀ ପୁଷ୍କର ମହାପାତ୍ର, ବିପିନ ଦଳାଇ, ସତ୍ୟବାଦୀ ସେବା ଟ୍ରଷ୍ଟ ସମ୍ପାଦକ ତଥା ଆଇନଜୀବୀ ସୁଶାନ୍ତ କୁମାର ରଥ ଏବଂ ବିଶ୍ୱନାଥପୁର ସରପଞ୍ଚ ସର୍ବେଶ୍ୱର ଷଡ଼ଙ୍ଗୀ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ମହାପାତ୍ରଙ୍କ ପ୍ରତିମୂର୍ତ୍ତି ଓ ସତ୍ୟବାଦୀର ପଞ୍ଚସଖାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ତାଙ୍କ ଜନ୍ମମାଟି ବିଶ୍ୱନାଥପୁର ଗ୍ରାମର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ଗୋପୀନାଥ ଦେବଙ୍କୁ ପୂଜାପାଠ କରାଯାଇଥିଲା। ଅପରାହ୍ନରେ ଗୋପୀନାଥ ଦେବ ନୋଡାଲ ବିଦ୍ୟାପୀଠ ପରିସରରେ ଛାତ୍ରୀଛାତ୍ରଙ୍କୁ ନେଇ ଗଙ୍ଗାଧର ମହାପାତ୍ରଙ୍କ ଜୀବନ ଦର୍ଶନ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ତ୍ରିପାଠୀ ସଭାପତିତ୍ୱ କରିଥିଲେ। ମେଧାବୀ ଛାତ୍ରୀଛାତ୍ର ରଶ୍ମିତା ପରିଡା, ତୃଷ୍ଣାଞ୍ଜଳି ବିଶ୍ୱାଳ, ଚିରଞ୍ଜିବୀ ବିଶୋଇ ଓ ସତ୍ୟଜିତ ଶତପଥୀଙ୍କୁ ଗଙ୍ଗାଧର ମହାପାତ୍ର ସ୍ମୃତି କମିଟି ପକ୍ଷରୁ ଆର୍ଥିକ ରାଶି ସହାୟତା ଦିଆଯାଇଥିଲା। ଶିକ୍ଷକ ଦାମୋଦର ମିଶ୍ର ଏବଂ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।




ଗଙ୍ଗାଧର ମହାପାତ୍ରଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଉଛି ।

## ‘ଶ୍ରୀଜଗନ୍ନାଥ ଚେତନା ଘରେ ଘରେ ଜାଗରଣ ହେଉ’

### ପଦ୍ମଶ୍ରୀ ସଦାଶିବ ରଥଶର୍ମାଙ୍କ ୩୫ତମ ମହାପ୍ରୟାଣ ଦିବସ

**ପୁରୀ, ୫।୪(ଅଜିତ୍ ମହାନ୍ତି)** ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ପଦ୍ମଶ୍ରୀ ସଦାଶିବ ରଥଶର୍ମାଙ୍କ ୩୫ତମ ବାର୍ଷିକ ମହାପ୍ରୟାଣ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଶ୍ରୀନୀଳାଦ୍ରି ସତ୍‌ସଂଘ, ବିଶ୍ୱ ଜଗନ୍ନାଥ ଚେତନା ସଂସଦ, ଚାରଣ ଗୋଷ୍ଠୀ ଏବଂ ରଥଶର୍ମା ସ୍ମୃତି ସଂସଦ ପକ୍ଷରୁ ମିଳିତ ଭାବେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାରେ ଆଧାତ୍ମିକ ପରିବେଶ ଓ ଶୃଙ୍ଖଳିତ ସମାଜ ଗଠନ ପାଇଁ ଶ୍ରୀଜଗନ୍ନାଥ ଚେତନା ଘରେ ଘରେ ପ୍ରଚାରିତ ହୋଇ ଧର୍ମୀୟ ଜନଜାଗରଣ ସୃଷ୍ଟି କରୁ ବୋଲି ଅତିଥିମାନେ କହିଥିଲେ। ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଗବେଷକ ଡ. ଭାସ୍କର ମିଶ୍ର, ଗୀତିକାର ବଦ୍ରି ମିଶ୍ର, ବରିଷ୍ଠ ସେବାୟତ ଜଗନ୍ନାଥ ପୂଜାପଣ୍ଡା ସାମନ୍ତ, ଉତ୍ତରପାର୍ଶ୍ୱ ମଠାଧୀଶ ନାରାୟଣ ରାମାନୁଜ ଦାସ, ଦଇତାପତି ରାମଚନ୍ଦ୍ର ଦାସମହାପାତ୍ର ଏବଂ ଗୋବିନ୍ଦ ଚନ୍ଦ୍ର ବେହେରା ଯୋଗଦେଇ ପଣ୍ଡିତ ସଦାଶିବ ରଥଶର୍ମାଙ୍କ ସମୟରେ ଶ୍ରୀଜଗନ୍ନାଥ ସଂସ୍କୃତି ଓ ସାହିତ୍ୟର ବିକାଶ ସହ ଶ୍ରୀଜଗନ୍ନାଥଙ୍କ ମହିମାକୁ ବିଶ୍ୱମୟ କରିବାରେ ତାଙ୍କର ଆମେରିକା ଗସ୍ତ ସମ୍ପର୍କରେ ଆଲୋକପାତ କରିଥିଲେ। ସକାଳୁ ଏ ନେଇ ଶ୍ରୀମନ୍ଦିରରେ ଗୀତା ପାଠ ସହ ମନ୍ଦିର ଓ ନଗର ପରିକ୍ରମା ହୋଇଥିଲା। ଶ୍ରୀମଦ୍ ଭାଗବତ ପାରାୟଣ, କୀର୍ତ୍ତନ ପରିବେଷଣ କରାଯାଇଥିଲା। ସନ୍ଧ୍ୟାରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ରଥଶର୍ମାଙ୍କ ପ୍ରତିମୂର୍ତ୍ତିରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ଗବେଷକ ଡ. ଭାସ୍କର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ୟାମପ୍ରକାଶ ସେନାପତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିବୃନ୍ଦ ।

## ସଂକ୍ଷେପରେ

### ୬ ଅନାଥ ପିଲାଙ୍କୁ ସହାୟତା

ନିଶ୍ଚିନ୍ତକୋଇଲି,୫।୪
(ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ବ୍ଲକ ଜୟରାମପୁର ପଞ୍ଚାୟତର ଏକ ସଂଖ୍ୟାଲଘୁ ପରିବାରର ମା'ବାପାଙ୍କ ମୃତ୍ୟୁପରେ ଗୋଟିଏ ଝିଅକୁ ସମ୍ପର୍କୀୟ ପୋଷ୍ୟଭାବେ ଗ୍ରହଣ କରିଥିବାବେଳେ ୬ ପିଲା ଅନାଥ ହୋଇ ବେସାହାରା ହୋଇଯାଇଛନ୍ତି। ଖବରପାଇ ମାହାଙ୍ଗା ବିଧାୟକ ଏହି ଅନାଥ ପିଲାଙ୍କୁ ସହାୟତାର ହାତ ବଢାଇଛନ୍ତି। ସେମାନଙ୍କୁ ଖାଦ୍ୟ ସାମଗ୍ରୀ ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏଥିସହ ଆଗାମୀ ଦିନରେ ବିଭିନ୍ନ ସହାୟତା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ପରିବାରକୁ ସରକାରୀ ସହାୟତା ଯୋଗାଇ ଦିଆଯିବା ନିମନ୍ତେ ସାଧାରଣରେ ଦାବି ହୋଇଛି। ରସୁଲପୁର ଗ୍ରାମର ଅକ୍ତରୀ ସୁଲତାନା(୩୩) ୮ମାସ ତଳେ ଅକାଳରେ ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁ ପରେ ସ୍ୱାମୀ ସେକ ଅବଦୁଲ ସାବୁର(୪୧) ରୋଗରେ ଆକ୍ରାନ୍ତ ହୋଇଯାଇଥିଲେ। ଗୁରୁବାର ତାଙ୍କର ମୃତ୍ୟୁ ଘଟିଛି। ଏହି ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାବେଳେ ବାପା ଦିନ ମଜୁରିଆଭାବେ କାମ କରୁଥିଲେ। ଫଳରେ ତାଙ୍କ ସନ୍ତାନମାନେ ବେସାହାରା ହୋଇଯାଇଛନ୍ତି। ଏନେଇ ବିଧାୟକ ଜେନାଙ୍କ ତତ୍ତ୍ୱାବଧାନରେ ବ୍ଲକ ଉପାଧ୍ୟକ୍ଷ ଅଶୋକ ଓଝା ଓ ସ୍ଥାନୀୟ ଲୋକପ୍ରତିନିଧି ସେଠାରେ ପହଞ୍ଚି ସମ୍ପୃକ୍ତ ଅନାଥ ପରିବାରକୁ ସହାୟତା ପ୍ରଦାନ କରିଛନ୍ତି।

# ପିଇବା ପାଣି ପାଇଁ ଡହଳବିକଳ ପଥଚାରୀ

## ଭଣ୍ଡାଇଦେଲା ବିଏମ୍‌ସି ଜଳସେବା ଶିବିର

ଭୁବନେଶ୍ୱର, ୫।୪ (ବନ୍ଦନା ସେଠୀ)

ରାଜଧାନୀ ଭୁବନେଶ୍ୱରରେ ତାପମାତ୍ରାରେ ହଠାତ୍ ୬ ଡିଗ୍ରୀ ବୃଦ୍ଧି ଚିନ୍ତା ବଢ଼ାଇ ଦେଇଛି। ଶୁକ୍ରବାର ସହରର ତାପମାତ୍ରା ୪୩ ଡିଗ୍ରୀ ଟପିବା ସହ ଏସିଆ ମହାଦେଶର ଷଷ୍ଠ ଓ ଭାରତର ଦ୍ୱିତୀୟ ଉତ୍ତପ୍ତ ସହର ଭାବେ ପରିଗଣିତ ହୋଇଛି। ସକାଳ ଟାଇଁଟାଇଁ ଖରାକୁ ଗରମ ପବନ ସନ୍ଧ୍ୟା ପର୍ଯ୍ୟନ୍ତ ଲାଗି ରହିଥିଲା। ଲୋକେ ଘରୁ ବାହାରିବାକୁ ଭୟ କରିଥିଲେ ମଧ୍ୟ ଜରୁରୀ କାମରେ ଛାତ୍ରୀଛାତ୍ର, ଶ୍ରମିକ ଓ ସାଧାରଣ ଲୋକଙ୍କ ଆତଯାତ ରହିଥିଲା। ହେଲେ ଗରମ ପବନରେ ଲୋକଙ୍କ ତଣ୍ଟି ଶୁଖିଯାଉଥିବା ଭଳି ଅନୁଭବ କରୁଥିଲେ। ଖରାଯୋଗୁ ଅଧିକାଂଶ ଦୋକାନ ବଜାର ବନ୍ଦ ରହିଥିବାରୁ ଲୋକଙ୍କୁ ପିଇବା ପାଣି ଓ ମୃଦୁ ପାନୀୟ ପାଇଁ ବହୁ ବାଟ ଯିବାକୁ ପଡିଥିଲା। ବିଶେଷକରି ଶ୍ରମିକ, ଛାତ୍ରୀଛାତ୍ର ଓ ପଥଚାରୀମାନେ ପିଇବା ପାଣି ପାଇଁ ଡହଳବିକଳ ହେଉଥିବା ଦେଖିବାକୁ ମିଳିଥିଲା। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଜଳସେବା ଶିବିର ଖୋଲିଥିଲେ ମଧ୍ୟ ଏପରି ସମୟରେ ଅଧିକାଂଶ କାମକୁ ଆସି ନ ଥିଲା। ସହରରେ ପଥଚାରୀଙ୍କୁ କିପରି ସ୍ୱଚ୍ଛ ଜଳ ମିଳି ପାରିବ ସେ ନେଇ ଆବଶ୍ୟକ ବ୍ୟବସ୍ଥା କରାଯିବା ସହ ଲୋକଙ୍କୁ ନିୟୋଜିତ କରାଯାଇଥିବା ମେୟର ସୁଲୋଚନା ଦାସ କହୁଥିଲେ ମଧ୍ୟ ବାସ୍ତବ ସ୍ଥିତି କିନ୍ତୁ ଭିନ୍ନ ଥିଲା। ପ୍ରାୟ ମାସେ ହେବ ସହରର ବିଭିନ୍ନ ସ୍ଥାନରେ ଜଳସେବା ଶିବିର ଖୋଲା ଯାଇଥିଲେ ବି ଏଗୁଡିକ ସେବାରେ ଲାଗିପାରୁ ନ ଥିବା 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିଲା। ହେଲେ ବିଏମ୍‌ସି ଘଟଣାକୁ ଗୁରୁତ୍ୱ ନ ଦେବାରୁ ଶୁକ୍ରବାର ଅହସ୍ୟ ଖରାତାତିରେ ଆଉଟୁପାଉଟୁ ହେଉଥିବା ଲୋକେ ବିଏମ୍‌ସିର ଜଳସେବା ଶିବିର ନିକଟକୁ ଯାଇ ନିରାଶ ହୋଇ ଫେରୁଥିବା ଦୃଶ୍ୟ ବେଶ୍ କଷ୍ଟଦାୟକ ଥିଲା। ଅନେକ ସ୍ଥାନରେ ଖୋଲିଥିବା ଶିବିରରେ ମାଠିଆ ନ ଥିବାବେଳେ ଆଉ କେତେକ ସ୍ଥାନରେ ମାଠିରେ ପାଣି ନ ଥିଲା। ପୁଣି କେଉଁଠି ବି ପାଣି ଦେବାକୁ ଲୋକ ନ ଥିଲେ। ଏହାକୁ ନେଇ ଶୋଷରେ ଥିବା ପଥଚାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଟାଇଁଟାଇଁ ଖରାରେ କିଛି ଲୋକ ରସୁଲଗଡ଼ସ୍ଥିତ ଜଳଛତ୍ର ନିକଟରେ ପାଣି ପିଇବାକୁ ପହଞ୍ଚିଲେ। ଜଳଛତ୍ରରେ ଦୁଇଟି ମାଠିଆ ଘୋଡ଼ାହୋଇ ଥୁଆ ହୋଇଥିଲା। ମାତ୍ର ପାଣି ଦେବାକୁ କେହି ନ ଥିଲେ। ନିଜେ ପାଣି ପିଇବବେ ବୋଲି ଘୋଡ଼ଣି କାଢିଲା ବେଳକୁ ମାଠିଆ ଖାଲି। ତେଣୁ ନିରାଶ ହୋଇ ସେଠାରୁ ଫେରିଥିଲେ। ଏହା କେବଳ ଗୋଟିଏ ଦିନର ବା ଗୋଟିଏ ଅଞ୍ଚଳର ଘଟଣା ନୁହେଁ। ସହରର ଅନେକ ସ୍ଥାନରେ ଏଭଳି ଖାଲି ଜଳସେବା ଶିବିର ଏବଂ ଖାଲି ମାଠିଆ ରଖି ବିଏମ୍‌ସି ଭଣ୍ଡାଇ ଚାଲିଛି। ହାତଗଣତି କେତେକ ଶିବିରରେ ଲୋକଙ୍କୁ ନିୟୋଜିତ କରି ତାହାର ଫଟୋ ନିଜ ଏକ୍ସ ଆକାଉଣ୍ଟରେ ପୋଷ୍ଟ କରୁଛି। ଏଥିସହ ସମସ୍ତ ୱାର୍ଡରେ ୨ଟି ଲେଖାଏ ଶିବିର କରିବା ସହ ନିୟମିତ ଭାବେ ପାଣି ବଦଳା ଯାଉଥିବା କହି ବାହାବା ନେବାକୁ ଚେଷ୍ଟା କରୁଛି। ତେବେ ଏ ସମ୍ପର୍କରେ ଜଳ ସେବା ଶିବିର ଦାୟିତ୍ୱରେ ଥିବା ବିଏମ୍‌ସିର ଜରୁରୀକାଳୀନ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅଧିକାରୀ ଧନଞ୍ଜୟ ମହାନ୍ତିଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

### ଅଂଶୁଘାତ ମୁକାବିଲା ଲାଗି ପଦକ୍ଷେପ ନିଆଯାଉଛି : ମେୟର

ଭୁବନେଶ୍ୱର, ୫।୪ (ବନ୍ଦନା ସେଠୀ) - ପ୍ରବଳ ଗ୍ରୀଷ୍ମ ପ୍ରବାହ ପାଇଁ କଲବଲ ହେଲେଣି ରାଜଧାନୀବାସୀ। ଶୁକ୍ରବାର ସହରରେ ତାପମାତ୍ରା ୪୩ ଡିଗ୍ରୀ ପାର୍ କରିଥିବାବେଳେ ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସତର୍କତା ଅବଲମ୍ବନ କରାଯାଇଛି। ସହରର ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲାଯିବା ସହ ସେଠାରେ ପଥଚାରୀଙ୍କୁ ଜଳ ଯୋଗାଇବାକୁ ଲୋକଙ୍କୁ ନିୟୋଜିତ କରାଯାଇଛି। ଏହାବାଦ୍ କ୍ୟାପିଟାଲ୍ ହସ୍ପିଟାଲ ଏବଂ ଅନ୍ୟାନ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଂଶୁଘାତର ଆଶୁ ଚିକିତ୍ସା ପାଇଁ ବ୍ୟବସ୍ଥା କରାଯାଇଥିବା ମେୟର ସୁଲୋଚନା ଦାସ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଅଂଶୁଘାତ ଆକ୍ରାନ୍ତଙ୍କ ଚିକିତ୍ସା ଲାଗି କ୍ୟାପିଟାଲ ହସ୍ପିଟାଲରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସେହିପରି ଶ୍ରମିକଙ୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କ୍ରାଉନ୍ ହୋଟେଲ ନିକଟ, କଳ୍ପନା ଛକ ଏବଂ ଡୁମୁଡୁମାସ୍ଥିତ ଆଇଟିସି ୱେଲ୍‌କମ୍ ହୋଟେଲ ନିକଟରେ ସେଡ୍ ନିର୍ମାଣ କରାଯାଉଛି। ବିଡିଏ ପକ୍ଷରୁ ଏହାର ନିର୍ମାଣ କାର୍ଯ୍ୟ ଚାଲିଛି। ନିର୍ମାଣ ସରିବା ପରେ ଶ୍ରମିକମାନଙ୍କୁ ଖରା, ବର୍ଷା ଦାଉରୁ ରକ୍ଷା ମିଳିବ। ଏହାବାଦ୍ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ମଧ୍ୟ କରାଯାଉଛି। ଏଥିସହ ବିଏମ୍‌ସି ତାର ଏକ୍ସ ଆକାଉଣ୍ଟରେ ସତର୍କ ସୂଚନା ଜାରି କରିଛି। ଟାଣ ଖରାରେ ବାହାରକୁ ଯିବାକୁ ବାରଣ କରାଯିବା ସହ ଖରାରେ କଠିନ ପରିଶ୍ରମ ନ କରିବା, ବାହାରକୁ ଗଲେ ସାଙ୍ଗରେ ପାଣି ବୋତଲ, କଳା ଚଷମା, ଯୋତା, ଚପଲ, ମୁଣ୍ଡରେ ଟୋପି, ଛତା, ଓଦା ଗାମୁଛା ବ୍ୟବହାର କରିବା, ପ୍ରଚୁର ପରିମାଣର ପାଣି, ଓଆର୍‌ଏସ୍ ଦ୍ରବଣ, ପଣା, ତୋରାଣି, ଘୋଳଦହି ଆଦି ପିଇବା, ଅଂଶୁଘାତରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ଯଥାଶୀଘ୍ର ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ପାଇଁ ପରାମର୍ଶ ଦିଆଯାଇଛି।




### ସାଇବର ଥାନା ହାତରେ ଯୁକ୍ତ୨ ପାସ୍ ଠକ

## ବହୁଗୁଣ ଲାଭ ଦେବା ଆଳରେ ୮୫ ଲକ୍ଷରୁ ଊର୍ଦ୍ଧ୍ୱ ଠକେଇ

ଭୁବନେଶ୍ୱର,୫।୪(ସତ୍ୟଜିତ୍ ରାଉତ)

ବହୁଗୁଣ ଲାଭ ଦେବା ଆଳରେ ୮୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ମାମଲାରେ ଭୁବନେଶ୍ୱର ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଥାନା ପୋଲିସ ଜଣେ ଯୁକ୍ତ୨ ପାସ୍ ଠକଙ୍କୁ ଶୁକ୍ରବାର ଗିରଫ କରିଛି। ଅଭିଯୁକ୍ତ ହେଲେ ପୁରୀ ଜିଲା ସଦର ଥାନା ଆମ୍ବପଡ଼ାର ପ୍ରକାଶ ଚନ୍ଦ୍ର ସ୍ୱାଇଁ ଓରଫ ଗୁଗୁନା। ଏବେ ସେ ଖଣ୍ଡଗିରି ଥାନା ଡୁମୁଡୁମାରେ ରହୁଛନ୍ତି। କୋର୍ଟଚାଲାଣ ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ପ୍ରକାଶ ପୂର୍ବରୁ ଏକ ଅନଲାଇନ୍ ଗିଫ୍ଟ କାର୍ଡ ବ୍ୟବସାୟ କରୁଥିଲେ। ସେ ଇନ୍‌ଷ୍ଟାଗ୍ରାମ ଦ୍ୱାରା ଏକ ଷ୍ଟକ୍ ଟ୍ରେନିଂ ବିଜ୍ଞାପନ ଦେଖି ଜୁମ୍ ଗ୍ରୁପ ଭିଡିଓ କଲ୍‌ରେ ତାହା ଶିଖିଥିଲେ। ଅଧିକ ଟଙ୍କା ରୋଜଗାର କରିବା ଆଶାରେ ସେ ତାଙ୍କ ଗ୍ରାହକଙ୍କୁ ଟାର୍ଗେଟ୍ କରିଥିଲେ। ପୁରୀ ଜିଲା ସଦର ଥାନା ଅଞ୍ଚଳର ବିଶ୍ୱଜିତ ମହାନ୍ତି ଓ ପ୍ରକାଶ ଚୌଧୁରୀଙ୍କୁ ସେ ନିଜ କୋଭିନ୍ ପ୍ରାଇଭେଟ ଲିଃ ଓ ପ୍ରକାଶ କମ୍ୟୁନିକେଶନ୍ ନାମରେ ଦୁଇଟି କମ୍ପାନୀ ଥିବା କହି ଡକୁମେଣ୍ଟ ଦେଖାଇଥିଲେ। ତାଙ୍କ କମ୍ପାନୀରେ ଟଙ୍କା ଲଗାଇଲେ ସପ୍ତାହକୁ ବହୁଗୁଣ ଲାଭ ଦେବେ ବୋଲି କହିଥିଲେ। ବିଶ୍ୱଜିତ ଓ ପ୍ରକାଶ ତାଙ୍କୁ ୨୦୨୨ ମସିହାରେ ୮୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଦେଇଥିଲେ।

# ନିର୍ମାଣ କରାଯାଇଥିବା ଗାର୍ଡୱାଲ ଭାଙ୍ଗିବାକୁ ନିର୍ଦ୍ଦେଶ

ନିଶ୍ଚିନ୍ତକୋଇଲି,୫।୪
(ଅଶୋକ କୁମାର ମହାପାତ୍ର)

- ଗ୍ରାମ୍ୟ ଉନ୍ନୟନ, ଜଳ ସମ୍ପଦ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ
- ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଅନୁଧ୍ୟାନ କଲେ

ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ଓ କେନ୍ଦୁପାଟଣା ଜଳସମ୍ପଦ ବିଭାଗ ମଧ୍ୟରେ ଚାଲିଥିବା ବିବାଦ ଜଟିଳ ହେବାରେ ଲାଗିଛି। ଜଳ ସମ୍ପଦ ବିଭାଗର ବିନା ଅନୁମତିରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଉପରେ ଶୁକ୍ରବାର ଜଳସମ୍ପଦ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସଞ୍ଜିବ କୁମାର ବର୍ଷିଥିଲେ। ବେଆଇନ ଭାବେ କେନାଲ ଶଯ୍ୟାରେ ନିର୍ମାଣ କରାଯାଇଥିବା ଗାର୍ଡୱାଲକୁ ତୁରନ୍ତ ଭାଙ୍ଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ମନମୁଖୀଭାବେ ଦୀର୍ଘ ଦିନ ହେଲା କେନ୍ଦୁପାଟଣା ଜଳ ସମ୍ପଦ ବିଭାଗ ଅଧିନରେ ଥିବା ୮ ଇ-୧ନଂ. କେନାଲ ଶଯ୍ୟାରେ ବେଆଇନ ଭାବେ ଗାର୍ଡୱାର୍ଲ ନିର୍ମାଣ କରୁଥିଲା। ଏନେଇ ଜଳ ସମ୍ପଦ ବିଭାଗର କୌଣସି ଅନୁମତି ନିଆଯାଇ ନ ଥିବା ଅଭିଯୋଗ ହୋଇଥିଲା। ଅଟକଳ ଅନୁଯାୟୀ,ଏହି ଗାର୍ଡ ୱାଲ ନିର୍ମାଣ କରାଯାଉ ନ ଥିବାବେଳେ ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ଓ ଚଞ୍ଚକତା କରାଯାଉଥିବା ଅଭିଯୋଗ ହୋଇଥିଲା। ଏପରିକି ଜମିକୁ ଜଳ ସେଚନ ନିମନ୍ତେ ନିର୍ମାଣ କରାଯାଇଥିବା ସୋଠଗୁଡିକୁ ଠିକାଦାର ବନ୍ଦ କରି ରାସ୍ତା ନିର୍ମାଣ କାର୍ଯ୍ୟ କରୁଥିଲା। ଏନେଇ ନିଶ୍ଚିନ୍ତକୋଇଲି ବ୍ଲକ ନଡକାଇ ପଞ୍ଚାୟତର ଶତାଧିକ ଏକର ଜମି ଜଳସେଚନରୁ ବଞ୍ଚିତ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଥିଲା। ଏନେଇ ଧରିତ୍ରୀରେ ଗୁରୁବାର ଖବର ପ୍ରକାଶପାଇବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଶୁକ୍ରବାର ଅଧୀକ୍ଷଣ ଯନ୍ତ୍ରୀ ସଞ୍ଜିବ କୁମାର ଘଟଣାସ୍ଥଳ ପରିଦର୍ଶନ କରିବେ ବୋଲି ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସରୋଜ କୁମାର ରଣାଙ୍କୁ ଜଣାଇଥିଲେ। ତାଙ୍କର ଏହି ଗସ୍ତ ସମୟରେ ଯନ୍ତ୍ରୀ ରଣାଙ୍କୁ ସେଠାରେ ଉପସ୍ଥିତ ରହିବାକୁ କହିଥିଲେ। ମାତ୍ର ରଣା ଏଥିରେ ସହଯୋଗ କରି ନ ଥିଲେ। ଏହି ଘଟଣାକୁ କେନ୍ଦ୍ରକରି ଚାଷୀମହଲରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଅଧିକ୍ଷଣ ଯନ୍ତ୍ରୀ ନିର୍ମାଣ କାର୍ଯ୍ୟ ଠିକ୍ ଭାବେ କରାଯାଉ ନ ଥିବା ଦର୍ଶାଇ ଗାର୍ଡୱାଲକୁ ତୁରନ୍ତ ଭାଙ୍ଗିବା ନିମନ୍ତେ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ଉର୍ମି ପ୍ରିୟଦର୍ଶିନୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟରେ କେନ୍ଦୁପାଟଣା ଜଳସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ମଳିକ, ଅଚ୍ୟୁତପୁର ଜଳସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀ ଶୁଭକାନ୍ତ ପରିଡା, ସହକାରୀ ନିର୍ବାହୀ ଯନ୍ତ୍ରୀ ଅକ୍ଷୟ କୁମାର ମଳିକ ପ୍ରମୁଖ ଉପସ୍ଥିତ ଥିଲେ।


ଜଳସମ୍ପଦ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସଞ୍ଜିବ କୁମାର ଘଟଣାସ୍ଥଳ ଅନୁଧ୍ୟାନ କରୁଛନ୍ତି।

# ୩ୟ ଥର ଲାଗି ସାଲେପୁରରୁ ଟିକେଟ୍ ହାତେଇଲେ ପ୍ରଶାନ୍ତ

ସାଲେପୁର,୫।୪ (ଅରବିନ୍ଦ ଭୂୟାଁ)

ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ତୃତୀୟ ଥର ପାଇଁ ଏହି ଆସନରୁ ଦଳୀୟ ଟିକେଟ୍ ହାତେଇବାକୁ ସକ୍ଷମ ହୋଇଛନ୍ତି। ଏନେଇ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କ ସମର୍ଥକମାନେ ନିର୍ବାଚନ ମଣ୍ଡଳୀରେ ଉତ୍ସବ ମନାଇଛନ୍ତି। ସାଲେପୁରର ପୂର୍ବତନ ବିଧାୟକ ତଥା କଟକ ଜିଲା ଭାଜପା ସଭାପତି ପ୍ରକାଶ ବେହେରା ବିଜେଡି ଦଳରେ ସାମିଲ ହେବାପରେ ଏହି ବିଧାନସଭା ଆସନରେ ବିଜେଡି ପାଇଁ ଏକ ପ୍ରକାର ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଥିଲା। ସେ ସାଲେପୁର ନିର୍ବାଚନ ମଣ୍ଡଳୀର ହୋଇଥିବାରୁ ଓ ଥରେ ବିଧାୟକ ଭାବେ ଏଠାରୁ ନିର୍ବାଚିତ ହୋଇଥିବାରୁ ଏହି ଆସନ ତାଙ୍କ ହାତକୁ ଯାଉଛି ବୋଲି ଚର୍ଚ୍ଚା ହୋଇଥିଲା। ମାତ୍ର ବିଜେଡି ସୁପ୍ରିମୋ ବର୍ତ୍ତମାନର ବିଧାୟକ ପ୍ରଶାନ୍ତ ବେହେରାଙ୍କ ଉପରେ ଆସ୍ଥା ପ୍ରକଟ କରି ତାଙ୍କୁ ଦଳୀୟ ଟିକେଟ ପ୍ରଦାନ କରିଛନ୍ତି। ଏହି ଖବର ପ୍ରଚାରିତ ହେବାପରେ ପ୍ରଶାନ୍ତଙ୍କ ସମର୍ଥକମାନେ ବିଭିନ୍ନ ଦେବଦେବୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ଅଖଣ୍ଡ ଦୀପ ଜାଳିଛନ୍ତି। ଏଥିସହ ପରସ୍ପର ମଧ୍ୟରେ ମିଷ୍ଟାନ୍ନ ବଣ୍ଟନ କରି ଆନନ୍ଦ ପ୍ରକାଶ କରିଥିଲେ। ଅପରପକ୍ଷେ ଏହି ଆସନ ପାଇଁ ଏପର୍ଯ୍ୟନ୍ତ ଭାଜପା ଓ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ଘୋଷଣା କରାଯାଇନାହିଁ।

### ମନ୍ଦିରରେ ପୂଜାର୍ଚ୍ଚନା କଲେ ସମର୍ଥକ


ପ୍ରଶାନ୍ତ ବେହେରା

# ବିଜେଡିର ମିଶ୍ରଣ ପର୍ବ


କାର୍ଯ୍ୟକ୍ରମରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସମେତ ଅନ୍ୟମାନେ।

ଖୁଣ୍ଟୁଣୀ ୫।୪(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀସ୍ଥିତ ବିଜେଡି କାର୍ଯ୍ୟାଳୟରେ ଶୁକ୍ରବାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଘଣ୍ଟିଖାଲ ମଣ୍ଡଳର ପୂର୍ବତନ ସଭାପତି ରଞ୍ଜନ ସେନାପତି, ତାଙ୍କ ସମର୍ଥକ ବିନୋଦ କୁମାର ବେଉରା, ବିରଞ୍ଚି ବେହେରା, ତପନ ବସ୍ତିଆ, ସନ୍ତୋଷ ସ୍ୱାଇଁ, ରଞ୍ଜିତ କୁମାର ବାରିକ, ଦୀନବନ୍ଧୁ ପ୍ରଧାନଙ୍କ ସମେତ ୪୦ରୁ ଊର୍ଦ୍ଧ୍ୱ ଅନ୍ୟ କାର୍ଯ୍ୟକର୍ତ୍ତା ଭାଜପା ଛାଡି ବିଜେଡିରେ ସାମିଲ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ଆଠଗଡ ବିଧାୟକ ତଥା କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଉପସ୍ଥିତ ଥିଲେ। ଏ ନେଇ ରଞ୍ଜନ କହିଛନ୍ତି, ବିଜେଡି ରାଜ୍ୟର ପ୍ରଗତିକୁ ଆଗେଇ ନେବ। ରାଜ୍ୟ ଭାଜପା ଆଠଗଡ଼ରେ ଉପଯୁକ୍ତ ପ୍ରାର୍ଥୀ ଦେଇ ନ ଥିବାରୁ ଏହାକୁ ବିରୋଧ କରି ସେ ଓ ତାଙ୍କ ସମର୍ଥକ ଭାଜପା ଛାଡି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଛନ୍ତି। ସେହିପରି ଖୁଣ୍ଟୁଣୀର କଂଗ୍ରେସ ତ୍ୟାଗ କରି ସତ୍ୟାନନ୍ଦ ରାଉତ ଏହି ମିଶ୍ରଣ ପର୍ବରେ ସାମିଲ ହୋଇଥିଲେ। ଏଥିରେ ପୂର୍ବତନ ବ୍ଲକ ଅଧକ୍ଷ ରଞ୍ଜନ କୁମାର ଆଚାର୍ଯ୍ୟ, ୩ ନମ୍ବର ଜୋନ୍ ଜିଲା ପରିଷଦ ସଭ୍ୟ ବଳଭଦ୍ର ବାଘ, ଖୁଣ୍ଟଣୀ ସରପଞ୍ଚ କୈଳାସ ଦାସ, ସମିତି ସଭ୍ୟ ଗଗନ ପରିଡା, ଘଣ୍ଟିଖାଲ ସରପଞ୍ଚଙ୍କ ପ୍ରତିନିଧି ସୁବାସ ବିଶ୍ୱାଳ, ଖୁଣ୍ଟୁଣୀ ପଞ୍ଚାୟତ ସଭାପତି ବିପିନ ବିହାରୀ ପ୍ରଧାନ ଯୋଗଦେଇଥିଲେ।

# ୪ ଲୁଟେରା ଗିରଫ, ୯.୬୯ ଲକ୍ଷ ଜବତ

ଭୁବନେଶ୍ୱର,୫।୪(ସତ୍ୟଜିତ୍ ରାଉତ)

### ବ୍ୟବସାୟୀଙ୍କଠାରୁ ୧୧ ଲକ୍ଷ ଲୁଟ୍ ଘଟଣା

ଦୁଇ ବ୍ୟବସାୟୀଙ୍କୁ ଧମକାଇ ୧୧ ଲକ୍ଷ ଲୁଟ୍ ମାମଲାରେ କମିଶନରେଟ୍ ପୋଲିସ ସଫଳତା ପାଇଛି। ଭୁବନେଶ୍ୱର ଇନ୍‌ଫୋସିଟି ପୋଲିସ ଏହି ମାମଲାରେ ସମ୍ପୃକ୍ତ ୪ ଜଣ ଲୁଟେରାଙ୍କୁ ଶୁକ୍ରବାର ଗିରଫ କରିଛି। ସେମାନେ ହେଲେ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅଞ୍ଚଳର ସୋମନାଥ ଜେନା ଓରଫ ସୋମା (୩୧), ସଦର ଥାନା କଦଳିବାଡ଼ି ଗ୍ରାମର ଦୀପ୍ତିରଞ୍ଜନ ବଳିଆରସିଂ ଓରଫ ଦୀପକ (୩୧), ନୟାଗଡ ଜିଲା ଚାନ୍ଦପୁର ଥାନା ଅଞ୍ଚଳର ଆଶିଷ କୁମାର ଦାସ (୨୫) ଓ ଜଙ୍କିଆ ଥାନା ଅଞ୍ଚଳର ସ୍ମୃତିରଞ୍ଜନ ସେଠୀ ଓରଫ ବବ୍‌ଲୁ (୨୫)। ସେମାନଙ୍କଠାରୁ ନଗଦ ୯ ଲକ୍ଷ ୬୯ ହଜାର ଟଙ୍କା, ୪ ବାଇକ ଓ ୩ ମୋବାଇଲ ଜବତ ହୋଇଛି। ସମସ୍ତଙ୍କୁ କୋର୍ଟଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୋଗକାରୀ ଖାରବେଳନଗର ଥାନା ଅନ୍ତର୍ଗତ ଶାସ୍ତ୍ରୀନଗରରର ଉଦୟଭାନୁ ବିଶ୍ୱାଳ ତାଙ୍କ ୫ ସହଯୋଗୀଙ୍କ ସହ ମିଶି ଖୁଚୁରା ଟଙ୍କା ବ୍ୟବସାୟ କରନ୍ତି। ସେ ଶମ୍ଭୁନାଥ ସାହୁ ଓ ଧର୍ମେନ୍ଦ୍ର ରେଡ୍ଡୀଙ୍କୁ ଛୋଟ ନୋଟ୍ ଓ ଖୁଚୁରା ଆଣିବାକୁ ୧୧ ଲକ୍ଷ ବଡ଼ ନୋଟ ଦେଇଥିଲେ। ଶମ୍ଭୁନାଥ ଓ ଧର୍ମେନ୍ଦ୍ର ଗତ ମାର୍ଚ୍ଚ ୩୦ରେ ଏସ୍‌ବିଆଇ ଛତ୍ରପୁର ବ୍ରାଞ୍ଚରେ ୧୧ ଲକ୍ଷ ଟଙ୍କାର ବଡ଼ ନୋଟ ବଦଳାଇ ଦୁଇଟି ବ୍ୟାଗରେ ଖୁଚୁରା ଓ ଛୋଟ ନୋଟ୍ ଆଣି ଏକ ସ୍କୁଟିରେ ଭୁବନେଶ୍ୱର ଫେରୁଥିଲେ। ଅପରାହ୍ନ ୫ଟା ୩୦ରେ ପିତାପଲ୍ଲୀ ଓଭର ବାଇପାସ୍ ନିକଟରେ ୩ଟି ବାଇକରେ ଲୁଟେରାମାନେ ଆସି ଉଭୟଙ୍କୁ ଅଟକାଇଥିଲେ। ସେମାନେ ଉଭୟଙ୍କୁ ଧମକାଇ ସ୍କୁଟି ଓ ଟଙ୍କା ଭର୍ତ୍ତି ବ୍ୟାଗ୍ ନେଇ ଫେରାର ହୋଇଯାଇଥିଲେ। ଏନେଇ ଉଦୟଭାନୁଙ୍କ ଏତଲାକ୍ରମେ ଇନ୍‌ଫୋସିଟି ଥାନା ପୋଲିସ ମାର୍ଚ୍ଚ ୩୧ରେ ମାମଲା (ନଂ.୮୮/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ସୋମନାଥଙ୍କ ନାମରେ ଖୋର୍ଦ୍ଧା ଥାନାରେ ଗୋଟିଏ ହତ୍ୟା ମାମଲା ସମେତ ୩ଟି ମାମଲା ରହିଥିବା ବେଳେ ଖୋର୍ଦ୍ଧା ସଦର ଥାନାରେ ଦୀପ୍ତିରଞ୍ଜନଙ୍କ ନାମରେ ଗୋଟିଏ ମାମଲା ରହିଥିବା ପୋଲିସ କମିଶନର ସଞ୍ଜୀବ ପଣ୍ଡା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।


ଲୁଟ୍ ସାମଗ୍ରୀ ସହ ଅଭିଯୁକ୍ତ।

# ଓକିଲ ସଂଘ ନବନିର୍ବାଚିତ ପ୍ରତିନିଧିମାନଙ୍କ ଶପଥଗ୍ରହଣ


ନବ ନିର୍ବାଚିତ ଓକିଲ ସଂଘ ପ୍ରତିନିଧିମାନେ ଶପଥ ଗ୍ରହଣ କରୁଛନ୍ତି।

ଆଠଗଡ,୫।୪(ସତ୍ୟ ପ୍ରସାଦ ରଥ)

ଆଠଗଡ ଓକିଲ ସଂଘର ନବନିର୍ବାଚିତ ପ୍ରତିନିଧିମାନେ ଶୁକ୍ରବାର ଶପଥଗ୍ରହଣ କରିଛନ୍ତି। ଆଠଗଡ ବିଚାର ବିଭାଗୀୟ ଅଦାଲତ ପରିସର ଓକିଲ ସଂଘର ସଭାଗୃହରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଆଇନଜୀବୀ ତଥା ନିର୍ବାଚନ ଅଧିକାରୀ ବିଷ୍ଣୁ ପ୍ରସାଦ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ନବନିର୍ବାଚିତ ସଭାପତି ସତ୍ୟେନ ପଣ୍ଡା, ଉପସଭାପତି ସୁବାସ ଚନ୍ଦ୍ର ସାହୁ, ସମ୍ପାଦକ ବନବିହାରୀ ସାହୁ, ଯୁଗ୍ମସମ୍ପାଦକ ସୁପ୍ରଭା ଦୋରା, ସହ ସମ୍ପାଦକ ଶ୍ରୀନିବାସ ଦାସ ଓ କାର୍ଯ୍ୟକାରିଣୀ ସଦସ୍ୟ ଦୀପାଳୀ ଦାଶ ଓ ଅଶେଷ କୁମାର ରାଉତ ପ୍ରମୁଖ ଶପଥଗ୍ରହଣ କରିଥିଲେ। ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ସଭାପତି ପ୍ରସନ୍ନ କୁମାର ରାଉତ, ପ୍ରଶାନ୍ତ କୁମାର ମିଶ୍ର, ସଞ୍ଜୟ କୁମାର ଦାଶ, ବିନୟ କୁମାର ଶୁକ୍ଳା, ମନୋରଞ୍ଜନ ମହାନ୍ତି, ଦୀପକ ପ୍ରସାଦ ମାନସିଂହ, ନିମାଇଁ ଚରଣ ଦାସ, ସୁଶାନ୍ତ କୁମାର ମହାପାତ୍ର,ଅରୁଣ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ନିର୍ବାଚିତ ପ୍ରତିନିଧିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

**ସଂକ୍ଷେପରେ**

## କଏଦୀଙ୍କ ଶରୀରରେ କୃତ୍ରିମ ହାତ ଲାଗିଲା

ଭୁବନେଶ୍ୱର,୫।୪
(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱରସ୍ଥିତ ଝାରପଡା ଜେଲ୍‌ର ଜଣେ ବିଚାରାଧୀନ କଏଦୀ ଛବିଳ ନାଏକ(୫୦)ଙ୍କ ଶରୀରରେ ଏକ କୃତ୍ରିମ ଅଙ୍ଗ ଲଗାଯାଇଛି। କ୍ୟାପିଟାଲ ହସ୍ପିଟାଲ ଡାକ୍ତର ସୁବ୍ରତ ଦାସ ଏବଂ ତାଙ୍କ ଟିମ୍‌ର ଉଦ୍ୟମରେ ତାଙ୍କର କୃତ୍ରିମ ବାମ ହାତ ଲଗାଯାଇଛି। ହାତ ଲାଗିବା ପରେ ଛବିଳ ଭାବବିହ୍ୱଳ ହୋଇ ଡାକ୍ତର ଓ ଜେଲ୍ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଛବିଳଙ୍କ ଘର ଖୋର୍ଦ୍ଧା ଜିଲା



ବାଲିପାଟଣା ଅଞ୍ଚଳରେ। ଏକ କେସ୍‌ରେ ସ୍ଥାନୀୟ ପୋଲିସ ତାଙ୍କୁ ଗିରଫ କରିଥିଲା। ଜାମିନ ନ ମିଳିବାରୁ ଛବିଳ ଗତବର୍ଷ ମେ ୧୨ରେ ଜେଲକୁ ଆସିଥିଲେ। ତାଙ୍କ ବାମ ହାତର କହୁଣି ଉପରଠୁ ତଳକୁ ନ ଥିଲା। ଫଳରେ ଜେଲରେ ସେ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଜେଲର ପ୍ରସନ୍ନ ସାହୁ ତାଙ୍କର କୃତିମ ଅଙ୍ଗ ଲଗାଇବାକୁ ଉପରିସ୍ଥ ଅଧିକାରୀଙ୍କ ସହ କଥା ହୋଇ ଯୋଜନା କରିଥିଲେ। ଏହାପରେ ଡାକ୍ତରଙ୍କ ପରାମର୍ଶ ପରେ ଛବିଳଙ୍କର କୃତ୍ରିମ ଅଙ୍ଗ ଲଗାଯାଇପାରିଛି। ଫଳରେ ଛବିଳ ବାମ ହାତରେ କିଛି କାର୍ଯ୍ୟ କରିପାରୁଥିବା ଦେଖିବାକୁ ମିଳୁଛି।

## କଳାହାଣ୍ଡିରୁ ବାଘ ଛାଲ ଜବତ, ୨ ଗିରଫ

ଭୁବନେଶ୍ୱର,୫।୪
(ସୂର୍ଯ୍ୟକାନ୍ତ ବେହେରା)

କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଏକ ବାଘ ଛାଲ ବିକ୍ରି ଯୋଜନାକୁ ଭଣ୍ଡୁର କରିଛି। ବାଘ ଛାଲ ବିକ୍ରି ପାଇଁ ଗ୍ରାହକ ଅପେକ୍ଷାରେ ଥିବା ବେଳେ କଳାହାଣ୍ଡି ନର୍ଲା ରେଳ ଷ୍ଟେଶନ ନିକଟରେ ଏସ୍‌ଟିଏଫ୍ ଟିମ୍ ଗୁରୁବାର ସକାଳେ ସ୍ଥାନୀୟ ପୋଲିସ ସହାୟତାରେ ଚଢାଉ କରି ୨ଜଣ ବେପାରୀଙ୍କୁ ଗିରଫ କରିଛି।



ସେମାନେ ହେଲେ ଏହି ଜିଲା ଅନ୍ତର୍ଗତ ଲାଞ୍ଜିଗଡ ଥାନା ଅଞ୍ଚଳର ଚକ୍ର ବେନାଲ ଓ ନର୍ଲା ଥାନା ଅଞ୍ଚଳର ପୂର୍ଣ୍ଣ ଚନ୍ଦ୍ର ବାଗ। ଉଭୟଙ୍କଠାରୁ ଗୋଟିଏ କଲରାପତିଆ ବାଘ ଛାଲ ଜବତ ହୋଇଛି। ତେବେ ଅଭିଯୁକ୍ତଦ୍ୱୟ ଉକ୍ତ ବାଘ ଛାଲ ପାଖରେ ରଖିବାର କୌଣସି ବୈଧ ପ୍ରମାଣ ବା ଅନୁମତି ପତ୍ର ଦେଖାଇ ନ ପାରିବାରୁ ଏସ୍‌ଟିଏଫ୍ ମାମଲା (୧୬/୨୪) ରୁଜୁ କରି ସ୍ଥାନୀୟ ଏମ୍. ରାମପୁର ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରିଥିଲା। ଜାମିନ ନ ମିଳିବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପଟେ ସେମାନେ ଏହି ଛାଲ କେଉଁଠି ଆଣିଥିଲେ, କାହାକୁ ବିକ୍ରି କରିଥାନ୍ତେ, କେଉଁ ଜଙ୍ଗଲରେ ବାଘଟିକୁ ଶିକାର କରାଯାଇଛି, ସେନେଇ ଅଧିକ ଖୋଳତାଡ ଚଳାଇଛି ଏସ୍‌ଟିଏଫ୍। ଏଥିସହ ଜବତ ଛାଲକୁ ପରୀକ୍ଷା ପାଇଁ ଡେରାଡୁନ୍‌ସ୍ଥିତ ପରୀକ୍ଷାଗାରକୁ ପଠାଇଥିବା ଏସ୍‌ଟିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି।

## ଦେଶୀମଦ ଜବତ, ବେପାରୀ ଗିରଫ

ବାରଙ୍ଗ,୫।୪(ଲିଙ୍ଗରାଜ ରାଉତ)

ବେଆଇନ ଭାବେ ଦେଶୀମଦ ବିକ୍ରି କରୁଥିବା ଅଭିଯୋଗରେ ନନ୍ଦନକାନନ ଥାନା ପୋଲିସ କେନ୍ଦୁପାଟଣା ଗ୍ରାମର ବୈରାଗୀ ବାରିକଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ୫୪ ଲିଟର ଦେଶୀମଦ ଜବତ ହୋଇଛି।ଏନେଇ ଥାନାରେ ଏକ ମାମଲା (ନଂ.୯୦/୨୪)ରୁଜୁ ହୋଇଛି। ସୂଚନା ମୁତାବକ, ବୈରାଗୀ ଦେଶୀମଦ ବିକ୍ରି କରୁଥିବା ସୂଚନା ପାଇ ନନ୍ଦନକାନନ ଥାନାର ଏକ ଟିମ୍ ଗୁରୁବାର ରାତିରେ କେନ୍ଦୁପାଟଣା ଗ୍ରାମରେ ଚଢ଼ାଉ କରିଥିଲା। ଏହି ସମୟରେ ବୈରାଗୀ ନିଜ ଘରେ ମଦ ବିକ୍ରି କରୁଥିବା ପୋଲିସ ଦେଖିବାକୁ ପାଇଥିଲା। ଏହା ପରେ ପୋଲିସ ତାଙ୍କୁ ଗିରଫ କରିଥିଲା।

# ଅନନ୍ତ ବନାମ ଅମରେଶ, ରୁଦ୍ର



ପୁରୀ ବୀରଗୋବିନ୍ଦପୁରସ୍ଥିତ ଦକ୍ଷିଣକାଳୀ ମନ୍ଦିରରେ ଠାକୁରଙ୍କୁ ଦର୍ଶନ ପରେ ଅନ୍ୟମାନଙ୍କ ସହ ଟିକେଟ୍ ଆଶାୟୀ ଅମରେଶ ଜେନା। ୩୬ ନଂ. ୱାର୍ଡରେ ରୁଦ୍ର ସାମନ୍ତରାୟ ଲୋକଙ୍କୁ ଭେଟୁଛନ୍ତି।

**ବିଜେଡିକୁ ମଧ୍ୟ ଭୁବନେଶ୍ୱର ଚିନ୍ତା: କିଏ ହାତେଇବ ଟିକେଟ**
- ଦକ୍ଷିଣକାଳୀଙ୍କ ଆଶୀର୍ବାଦ ନେଲେ ଅମରେଶ
- ତୁଳସୀ ଗଛ ଦେଇ ଜନସମର୍ଥନ ସାଉଣ୍ଟୁଛନ୍ତି ରୁଦ୍ର

ଭୁବନେଶ୍ୱର, ୫।୪ (ବନ୍ଦନା ସେଠୀ)

ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀରେ ବିଜେଡି ଟିକେଟ୍‌କୁ ନେଇ ଅଙ୍କ ଛିଣ୍ଡୁ ନ ଥିବାବେଳେ ଆଶାୟୀଙ୍କ ମଧ୍ୟରେ ଟଣାଓଟରା ଲାଗି ରହିଛି। ଗୋଟେପଟେ ବିଜେଡି ବିଧାୟକ ଅନନ୍ତ ନାରାୟଣ ଜେନା ଟିକେଟ୍ ପାଇବାକୁ ବିଭିନ୍ନ ରଣନୀତି ଆପଣାଉ ଥିବାବେଳେ ବିଜେଡି ସାଧାରଣ ସମ୍ପାଦକ ତଥା ୱାର୍ଡ ନଂ. ୪୫ର କର୍ପୋରେଟର ଅମରେଶ ଜେନା ଓରଫ ବାଇଁଆ ମଧ୍ୟ କଳବଳ କୌଶଳ ଲଗାଇ ଦେଇଛନ୍ତି। ଏଥିରେ ଅମରେଶଙ୍କୁ ଓଡ଼ିଶା ପରିବାର ଯୁଗ୍ମ ସମ୍ପାଦକ ରୁଦ୍ର ସାମନ୍ତରାୟ ସହଯୋଗ କରୁଛନ୍ତି। ଦୁହେଁ ଗୋଟିଏ ଟିମ୍ ହୋଇ ଅନନ୍ତଙ୍କ ବିରୋଧରେ ଜନସମର୍ଥନ ସାଉଣ୍ଟିବାରେ ଲାଗିଛନ୍ତି। ଏପରିକି ଅମରେଶ ଓ ରୁଦ୍ରଙ୍କ ମଧ୍ୟରୁ ଦଳ ଯାହାକୁ ଟିକେଟ୍ ଦେବ ଅନ୍ୟଜଣେ ବିନା ଦ୍ୱିଧାରେ ସମର୍ଥନ ଦେବେ। କିନ୍ତୁ ଅନନ୍ତଙ୍କୁ ଟିକେଟ୍ ମିଳିଲେ, ଦୁହିଁଙ୍କ ମଧ୍ୟରୁ ଜଣେ କେହି ସ୍ୱାଧୀନ ଭାବେ ମଇଦାନକୁ ଓହ୍ଲାଇବେ ବୋଲି କହୁଛନ୍ତି। ଏପରି ଟଣାଓଟରା ଭିତରେ କିଏ ବିଧାୟକ ଟିକେଟ ହାତେଇବେ ତାହାକୁ ନେଇ ଚର୍ଚ୍ଚା ଲାଗି ରହିଥିବାବେଳେ ଏହାକୁ ନେଇ ଦଳର ଚିନ୍ତା ବଢ଼ିଛି। କାହାକୁ ଟିକେଟ ଦେବେ, କାହାକୁ ବୁଝାଶୁଝା କରି ଶାନ୍ତି କରାଇବେ, ସେଥିପାଇଁ ଦଳୀୟ ଶିବିରରେ ଉଦ୍ୟମ ଜାରି ରହିଥିବା ସୂଚନା ମିଳିଛି। ହେଲେ ଏପରିସ୍ଥିତିରେ ଅମରେଶ ଓ ରୁଦ୍ର ସେମାନଙ୍କ କ୍ୟାମ୍ପେନକୁ ଜୋର୍‌ଦାର କରିଥିବା ଜଣାପଡିଛି।

ଅମରେଶ ଶୁକ୍ରବାର ସନ୍ଧ୍ୟାରେ ଭୁବନେଶ୍ୱରର ପ୍ରଥମ ମେୟର ମିହିର ମହାନ୍ତି, ପୂର୍ବତନ ବିଧାୟକ ବାଦଲ ମହାନ୍ତି, ୱାର୍ଡ ନଂ. ୩୭ର କର୍ପୋରେଟର ବନ୍ଦିତା ପାଲ୍‌ଙ୍କ ସ୍ୱାମୀ ତଥା ସାମାଜିକ କର୍ମୀ ଅର୍ଜୁନ ବେହେରା ଓ ଅନ୍ୟ ସମର୍ଥକଙ୍କ ସହିତ ପୁରୀ ବୀରଗୋବିନ୍ଦପୁରସ୍ଥିତ ଦକ୍ଷିଣକାଳୀ ମନ୍ଦିରକୁ ଯାଇ ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଛନ୍ତି। ଏଥିସହ ଡୋର୍ ଟୁ ଡୋର୍ କ୍ୟାମ୍ପେନ୍ ମଧ୍ୟ ଆରମ୍ଭ କରିଦେଇଛନ୍ତି। ସେହିପରି ରୁଦ୍ର ଦଳବଳ ଧରି ଆଇଜି ପାର୍କ ଏବଂ ୱାର୍ଡ ନଂ. ୪୧ ଅନ୍ତର୍ଗତ ଅଶୋକ ନଗର ଅଞ୍ଚଳର ପ୍ରତ୍ୟେକ ଘରକୁ ଘର ବୁଲି ଲୋକଙ୍କୁ ଭେଟିଛନ୍ତି। ସମସ୍ତଙ୍କୁ ତୁଳସୀ ଗଛ ଦେଇ ସେମାନଙ୍କ ଆଶୀର୍ବାଦ ଲୋଡୁଥିବା ଦେଖିବାକୁ ମିଳିଛି। ଗୁରୁବାର ଅମରେଶଙ୍କ ସମର୍ଥକ ନିର୍ବାଚନମଣ୍ଡଳୀରେ ଥିବା ମୋଟ୍ ୧୯୯ଟି ବୁଥ୍‌ରୁ ୨ଶହରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରାଯାଇଥିଲା। ଖୁବ୍‌ଶୀଘ୍ର ବୁଥ୍ ସ୍ତରୀୟ ପ୍ରସ୍ତୁତି ପାଇଁ ଯୋଜନା ଚଳାଇଛନ୍ତି। ଅପରପକ୍ଷେ ମଧ୍ୟ ନିର୍ବାଚନ ମଣ୍ଡଳୀରେ ମୋଟ୍ ୧୯ଜଣ କର୍ପୋରେଟର ଥିବାବେଳେ ସେଥିରୁ ୩ଜଣ ଭାଜପା ଏବଂ ଜଣେ ସ୍ୱାଧୀନ କର୍ପୋରେଟର ରହିଛନ୍ତି। କେବଳ ଭାଜପାକୁ ଛାଡିଦେଲେ ବାକି କର୍ପୋରେଟରମାନେ ଖୋଲାଖୋଲି ଏବଂ ଭିତିରିଆ ଅମରେଶ ଓ ରୁଦ୍ରଙ୍କ ସପକ୍ଷରେ ରହିଥିବା ସୂଚନା ମିଳିଛି। ଏଥିସହ ଉଭୟଙ୍କୁ କେତେଜଣ ପୂର୍ବତନ କର୍ପୋରେଟର ଏବଂ ୱାର୍ଡର ବରିଷ୍ଠ ନାଗରିକ ସହଯୋଗର ହାତ ବଢାଇଥିବାରୁ ଏମାନଙ୍କ ପଲ୍ଲା ଭାରି ଥିବା ଆଲୋଚନା ହେଉଛି।

## କଟକ ଡିସିପି ହେଲେ ପ୍ରକାଶ ଆର୍

ଭୁବନେଶ୍ୱର,୫।୪(ସତ୍ୟଜିତ୍ ରାଉତ)

**ଆଇପିଏସ୍ ସ୍ତରରେ ଅଦଳବଦଳ**
- ଉମାଶଙ୍କର ଦାଶ ହେଲେ ଅନୁଗୋଳ ଏସ୍‌ପି
- ବ୍ରିଜେଶ କୁମାର ରାଏଙ୍କୁ ରାଉରକେଲା ଏସ୍‌ପି ଦାୟିତ୍ୱ

ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସରକାର ଆଇପିଏସ୍ ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି। ଏନେଇ ଗୃହ ବିଭାଗ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଭିଜିଲାନ୍ସ ଡିଆଇଜି ଥିବା ପ୍ରକାଶ ଆରଙ୍କୁ କଟକ ଡିସିପି ଭାବେ ନୂଆ ନିଯୁକ୍ତି ଦିଆଯାଇଛି। କେନ୍ଦ୍ରାଞ୍ଚଳ ପୋଲିସ ଆଇଜି ଆଶିଷ କୁମାର ସିଂଙ୍କୁ ସିଏମ୍ ସିକ୍ୟୁରିଟି ଦାୟିତ୍ୱ ଦିଆଯାଇଥିବା ବେଳେ କଟକ ଡିସିପି ଥିବା କନ୍‌ୱର ବିଶାଳ ସିଂଙ୍କୁ ଏସ୍‌ଆଇଡବ୍ଲ୍ୟୁ ଡିଆଇଜି ଭାବେ ଅବସ୍ଥାପିତ କରାଯାଇଛି। ରାଉରକେଲା ଏସ୍‌ପି ମିତ୍ରଭାନୁ ମହାପାତ୍ରଙ୍କୁ ଅତିରିକ୍ତ ଏସ୍‌ଆରସି, ଖୋର୍ଦ୍ଧା ଏସ୍‌ପି ଯୁଗଳ କିଶୋର ବାନୋଥଙ୍କୁ ପୋଲିସ ମୁଖ୍ୟାଳୟ ଏଆଇଜି, ବ୍ରହ୍ମପୁର ଏସ୍‌ପି ସର୍ଭଣା ବିବେକ ଏମ୍‌ଙ୍କୁ ଭିଜିଲାନ୍ସ ଏସ୍‌ପି ଓ ଅନୁଗୋଳ ଏସ୍‌ପି ସୁଧାଂଶୁ ଶେଖର ମିଶ୍ରଙ୍କୁ ଭିଜିଲାନ୍ସ ଏସ୍‌ପି ଭାବେ ବଦଳି କରାଯାଇଛି। ସେହିପରି ଭିଜିଲାନ୍ସ ଆଇଜି ସଞ୍ଜୟ କୁମାର କୌସାଲଙ୍କୁ କେନ୍ଦ୍ରାଞ୍ଚଳ ଆଇଜି ଭାବେ ବଦଳି କରାଯାଇଥିବା ବେଳେ ଏସ୍‌ଆଇଡବ୍ଲ୍ୟୁ ଡିଆଇଜି ଉମାଶଙ୍କର ଦାଶଙ୍କୁ ଅନୁଗୋଳ ଏସ୍‌ପି ଓ ସିକ୍ୟୁରିଟି ୱିଙ୍ଗ୍‌ର ଇଣ୍ଟେଲିଜେନ୍ସ ଇନ୍‌ଚାର୍ଜ ଥିବା ଡିଆଇଜି ବ୍ରିଜେସ୍ କୁମାର ରାଏଙ୍କୁ ରାଉରକେଲା ଏସ୍‌ପି ଭାବେ ଅବସ୍ଥାପିତ କରାଯାଇଛି।



ପ୍ରକାଶ ଆର୍

ଉଲ୍ଲେଖଯୋଗ୍ୟ, ଗତ ମଙ୍ଗଳବାର ନିର୍ବାଚନ କମିଶନ ୬ ଆଇପିଏସ୍ ଅଫିସର ଆଶିଷ କୁମାର ସିଂ, କନ୍‌ୱର ବିଶାଳ ସିଂ, ମିତ୍ରଭାନୁ ମହାପାତ୍ର, ଯୁଗଳ କିଶୋର ବାନୋଥ, ସର୍ଭଣା ବିବେକ ଏମ୍ ଓ ସୁଧାଂଶୁ ଶେଖର ମିଶ୍ର ଏବଂ ଦୁଇ ଆଇଏଏସ୍ ଅଫିସର ଭିନିତ ଭରଦ୍ୱାଜ ଓ ପାରୁଲ ପଟ୍ଟୱାରିଙ୍କ ବିଶ୍ୱସନୀୟତା ଉପରେ ସନ୍ଦେହ ପ୍ରକଟ କରି ତୁରନ୍ତ ନିର୍ବାଚନ ସଂକ୍ରାନ୍ତୀୟ କାର୍ଯ୍ୟରୁ ଦୂରେଇ ରଖିବାକୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ବେଗୁନିଆରେ ପୁଣି ଅପରାଜିତାଙ୍କୁ ବିରୋଧ



ବୈଠକରେ ଯୋଗଦେଇଥିବା ଭାଜପା ନେତା ଓ କର୍ମୀମାନେ।

ଖୋର୍ଦ୍ଧା/ବେଗୁନିଆ,୫।୪
(ପ୍ରଭାତ ପାଣିଗ୍ରାହୀ/ହରପ୍ରସନ୍ନ ପଣ୍ଡା)

ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କୁ ନେଇ ଭାଜପା କର୍ମୀଙ୍କ ମହଲରେ ଅସନ୍ତୋଷ ବଢ଼ିବାରେ ଚାଲିଛି। ଶୁକ୍ରବାର ବେଗୁନିଆରେ ପୁଣି ଜୋର୍ ଧରିଛି ଅପରାଜିତା ହଟାଅ ବିଜେପି ବଞ୍ଚାଅ ନାରା। ନିର୍ବାଚନୀ ବିଗୁଲ ବାଜିସାରିଥିବା ବେଳେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ପାଇଁ ଭାଜପା ପ୍ରାର୍ଥୀ ଘୋଷଣା କରିସାରିଛି। ପୂର୍ବରୁ ଅପରାଜିତାଙ୍କ ମନମୁଖି କାର୍ଯ୍ୟକୁ ନେଇ କର୍ମୀଙ୍କ ମହଲରେ ଅସନ୍ତୋଷ ରହିଥିବା ବେଳେ ୨୦୨୪ ପାଇଁ ଦଳ ପୁଣିଥରେ ତାଙ୍କ ନାମ ଘୋଷଣା ପରଠାରୁ ଅସନ୍ତୁଷ୍ଟ କର୍ମୀମାନେ ବିରୋଧ କରିଆସୁଛନ୍ତି। ବେଗୁନିଆ–ବୋଲଗଡ଼ ନିର୍ବାଚନ ମଣ୍ଡଳୀର ଦଳୀୟ କର୍ମକର୍ତ୍ତାଙ୍କୁ ଅବହେଳା ସହ ସଂସଦୀୟ ପାଣ୍ଠିକୁ ଅନ୍ୟ ଦଳର କର୍ମୀଙ୍କୁ ପ୍ରଦାନ ପ୍ରତିବାଦରେ ପୁନର୍ବାର ଅପରାଜିତାଙ୍କୁ ବିରୋଧ କରିଛନ୍ତି ଦଳୀୟ କର୍ମକର୍ତ୍ତା। ଦକ୍ଷିଣ ବେଗୁନିଆ ୨୪ ନମ୍ବର ଜୋନ୍‌ରେ ଏହି ବିରୋଧର ସ୍ୱର ଦେଖିବାକୁ ମିଳିଛି। ନିଧିପୁରର ମା'ଜାଗେଶ୍ୱରୀ ପୀଠରେ ଏକାଠି ହୋଇଥିଲେ ଦଳର ବରିଷ୍ଠ, ଯୁବ, ଛାତ୍ର କର୍ମୀ। ବିଭିନ୍ନ ଫୋରମ୍‌ରେ ଜଣାଇବା ସତ୍ତ୍ୱେ ଦଳ ପୁଣି ତାଙ୍କୁ ଟିକେଟ ଦେଇଥିବାରୁ ଏବେ ଗାଁ ଗାଁ ବୁଲି ନୋଟାରେ ଭୋଟ ଦେବାକୁ ସଜବାଜ ହେଉଛନ୍ତି ଅସନ୍ତୁଷ୍ଟ ଭାଜପା କର୍ମୀ। ଅପରାଜିତା ଭୋଟ ପାଇଁ କିଭଳି ଜନସାଧାରଣଙ୍କୁ ମିଛ ପ୍ରତିଶ୍ରୁତି ଦେଉଛନ୍ତି, ଆଗାମୀ ଦିନରେ ଏହାର ଦୃଢ଼ ଜବାବ ଦିଆଯିବ ବୋଲି କର୍ମୀମାନେ କହିଛନ୍ତି।

## ବିଜେଡି ପକ୍ଷରୁ ଟିକେଟ ମିଳିଲେ ପ୍ରାର୍ଥୀ ହେବି: ମନୋଜ

କଳାପଥର,୫।୪(ଗଙ୍ଗାଧର ସାହୁ)

କୋଟଗଡ଼ ପାର୍କ ପରିସରରେ ବେଗୁନିଆ–ବୋଲଗଡ଼ ନିର୍ବାଚନ ମଣ୍ଡଳୀର ସାମାଜିକକର୍ମୀ ତଥା ଯୁବନେତା ମନୋଜ କୁମାର ପ୍ରଧାନଙ୍କ ଦ୍ୱାରା ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶ ତଥା କାର୍ଯ୍ୟଶୈଳୀରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବାକୁ ଇଚ୍ଛା ବ୍ୟକ୍ତ କରିଛନ୍ତି ମନୋଜ। ତେବେ ବିଜେଡି ପକ୍ଷରୁ ଟିକେଟ ମିଳିଲେ ଉକ୍ତ ଅଞ୍ଚଳରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି। ନିର୍ବାଚନ ମଣ୍ଡଳୀରେ ବାକି ରହିଥିବା ମୁଖ୍ୟ କାର୍ଯ୍ୟ ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ, ବେକାରୀ ସମସ୍ୟା ଦୂର ଓ ଜଳସେଚନ ସୁବିଧା ପାଇଁ କାର୍ଯ୍ୟ କରିବେ ବୋଲି ସେ ପ୍ରକାଶ କରିଛନ୍ତି।

## 'ଶ୍ରୀଜଗନ୍ନାଥ ଚେତନା ଘରେ ଘରେ ଜାଗରଣ ହେଉ'

ପୁରୀ, ୫।୪(ଅଜିତ୍ ମହାନ୍ତି)

ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ପଦ୍ମଶ୍ରୀ ସଦାଶିବ ରଥଶର୍ମାଙ୍କ ୩୫ତମ ବାର୍ଷିକ ମହାପ୍ରୟାଣ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଶ୍ରୀନୀଳାଦ୍ରି ସତ୍‌ସଂଘ, ବିଶ୍ୱ ଜଗନ୍ନାଥ ଚେତନା ସଂସଦ, ଚାରଣ ଗୋଷ୍ଠୀ ଏବଂ ରଥଶର୍ମା ସ୍ମୃତି ସଂସଦ ପକ୍ଷରୁ ମିଳିତ ଭାବେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାରେ ଆଧ୍ୟାତ୍ମିକ ପରିବେଶ ଓ ଶୃଙ୍ଖଳିତ ସମାଜ ଗଠନ ପାଇଁ ଶ୍ରୀଜଗନ୍ନାଥ ଚେତନା ଘରେ ଘରେ ପ୍ରଚାରିତ ହୋଇ ଧର୍ମୀୟ ଜନଜାଗରଣ ସୃଷ୍ଟି କରୁ ବୋଲି ଅତିଥିମାନେ କହିଥିଲେ। ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଗବେଷକ ଡ. ଭାସ୍କର ମିଶ୍ର, ଗୀତିକାର ବଦ୍ରି ମିଶ୍ର, ବରିଷ୍ଠ ସେବାୟତ ଜଗନ୍ନାଥ ପୂଜାପଣ୍ଡା ସାମନ୍ତ, ଉତ୍ତରପାର୍ଶ୍ୱ ମଠାଧୀଶ ନାରାୟଣ ରାମାନୁଜ ଦାସ, ଦଇତାପତି ରାମଚନ୍ଦ୍ର ଦାସମହାପାତ୍ର ଏବଂ ଗୋବିନ୍ଦ ଚନ୍ଦ୍ର ବେହେରା ଯୋଗଦେଇ ପଣ୍ଡିତ ସଦାଶିବ ରଥଶର୍ମାଙ୍କ ସମୟରେ ଶ୍ରୀଜଗନ୍ନାଥ ସଂସ୍କୃତି ଓ ସାହିତ୍ୟର ବିକାଶ ସହ ଶ୍ରୀଜଗନ୍ନାଥଙ୍କ ମହିମାକୁ ବିଶ୍ୱମୟ କରିବାରେ ତାଙ୍କର ଆମେରିକା ଗସ୍ତ ସମ୍ପର୍କରେ ଆଲୋକପାତ କରିଥିଲେ। ସକାଳୁ ଏ ନେଇ ଶ୍ରୀମନ୍ଦିରରେ ଗୀତା ପାଠ ସହ ମନ୍ଦିର ଓ ନଗର ପରିକ୍ରମା ହୋଇଥିଲା। ଶ୍ରୀମଦ୍ ଭାଗବତ ପାରାୟଣ, କୀର୍ତ୍ତନ ପରିବେଷଣ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ରଥଶର୍ମାଙ୍କ ପ୍ରତିମୂର୍ତ୍ତିରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ଗବେଷକ ଡ. ଭାସ୍କର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଶଙ୍ଖ ଭବନ ଆଗରେ ବାସନ୍ତୀଙ୍କ ଶକ୍ତି ପ୍ରଦର୍ଶନ



ଖୋର୍ଦ୍ଧା,୫।୪(ପ୍ରଭାତ ପାଣିଗ୍ରାହୀ)

ନିର୍ବାଚନ ବିଗୁଲ୍ ବାଜିସାରିଥିବା ବେଳେ ଦଳୀୟ ଟିକେଟକୁ ନେଇ ଅସନ୍ତୋଷ, ବିକ୍ଷୋଭ, ଇସ୍ତଫା ଜାରି ରହିଛି। ଟିକେଟ ଘୋଷଣା ହେବାପରେ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଚାଲିଛି। ଅସନ୍ତୁଷ୍ଟ ପ୍ରାର୍ଥୀ ସମର୍ଥକଙ୍କୁ ନେଇ ଶୀର୍ଷ ନେତୃତ୍ୱଙ୍କ ଆଗରେ ନିଜର ଶକ୍ତି ପ୍ରଦର୍ଶନ ସହ ଟିକେଟ ପାଇଁ ଦାବି ଜାରି ରଖିଛନ୍ତି। ଏଭଳି ଅବସ୍ଥା ୩ ପ୍ରମୁଖ ଦଳ କଂଗ୍ରେସ, ବିଜେଡି ଏବଂ ଭାଜପାରେ ଦେଖିବାକୁ ମିଳିଛି। ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ପାଇଁ ଟିକେଟ ଆଶାୟୀ ବିଜୁ ମହିଳା ଜନତା ଦଳ ରାଜ୍ୟ ଉପସଭାନେତ୍ରୀ ବାସନ୍ତୀ ମହାପାତ୍ର ଶୁକ୍ରବାର ଭୁବନେଶ୍ୱର ଶଙ୍ଖ ଭବନ ଆଗରେ ନିଜର ଶତାଧିକ ସମର୍ଥକଙ୍କ ସହିତ ଶକ୍ତି ପ୍ରଦର୍ଶନ ସହ ଟିକେଟ ପାଇବା ପାଇଁ ଏକମାତ୍ର ଦାବିଦାର ବୋଲି କହିଛନ୍ତି।

ଶୁକ୍ରବାର ବିଜେଡି ତା'ର ୩ୟ ପର୍ଯ୍ୟାୟ ବିଧାନସଭା ଟିକେଟ ଘୋଷଣା କରିଥିବା ବେଳେ ସେଥିରୁ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ବାଦ୍ ପଡ଼ିଛି। ଏ ନେଇ ବାସନ୍ତୀଙ୍କ ସପକ୍ଷରେ ସମର୍ଥକମାନେ ଶଙ୍ଖ ଭବନ ଆଗରେ ଜୋର୍‌ଦାର ବିକ୍ଷୋଭ କରିଥିଲେ। ବାସନ୍ତୀଙ୍କୁ ଟିକେଟ ନ ଦେଲେ ଆଉ କାହାକୁ ଭୋଟ ଦେବେନାହିଁ ବୋଲି ଗଣମାଧ୍ୟମ ଆଗରେ କହିଛନ୍ତି। ଦଳର ଏକମାତ୍ର କର୍ମୀ ଭାବେ ସୁଖଦୁଃଖର ସାଥୀ ଭାବେ ବାସନ୍ତୀ ଛିଡ଼ା ହେଉଥିବା ବେଳେ ବିଧାୟକଙ୍କ ଦେଖା ମିଳେନାହିଁ ବୋଲି ଅଭିଯୋଗ କରିଛନ୍ତି। ଗତ ୫ ବର୍ଷ ମଧ୍ୟରେ ସ୍ଥାନୀୟ ବିଧାୟକଙ୍କ କାର୍ଯ୍ୟ ସନ୍ତୋଷଜନକ ନୁହେଁ। ରାଜ୍ୟ ସରକାର ନିର୍ବାଚନରେ ୩୩ ପ୍ରତିଶତ ସ୍ଥାନ ମହିଳାଙ୍କ ପାଇଁ ସଂରକ୍ଷଣ ଘୋଷଣା କରିଥିବା ବେଳେ ଖୋର୍ଦ୍ଧାରୁ ବାସନ୍ତୀଙ୍କୁ ଟିକେଟ ଦିଆଯାଉ ବୋଲି ସମର୍ଥକମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ବାସନ୍ତୀ କହିଛନ୍ତି, ଶଙ୍ଖ ଭବନ ଆଗରେ ବିକ୍ଷୋଭ କରିବାକୁ ଆସିନାହିଁ। ଶୁଭେଚ୍ଛୁ, ସମର୍ଥକଙ୍କ କଥା ରଖି ଶଙ୍ଖ ଭବନ ଆସିଛି। ଦୀର୍ଘବର୍ଷ ହେବ ଖୋର୍ଦ୍ଧା, ଟାଙ୍ଗୀ ବ୍ଲକରେ ଦଳୀୟ ସଙ୍ଗଠନ ସହ ପୁଣିଥରେ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ଲାଗି ମୁଖ୍ୟମନ୍ତ୍ରୀ ଆସନରେ ବସାଇବା ପାଇଁ ପ୍ରଚାର ଜାରି ରଖିଛି। ମୁଖ୍ୟମନ୍ତ୍ରୀଙ୍କ ଉପରେ ମୋର ବିଶ୍ୱାସ, ଆଶା ରହିଛି। ଶେଷ ମୁହୂର୍ତ୍ତରେ ମୋ ନାମ ଘୋଷଣା ହୋଇପାରେ ବୋଲି ବାସନ୍ତୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

## ଦେଶୀ ମଦ କାରଖାନାରେ ଚଢ଼ାଉ, ୫ ଗିରଫ



ଭୁବନେଶ୍ୱର,୫।୪
(ସୂର୍ଯ୍ୟକାନ୍ତ ବେହେରା)

ମୈତ୍ରୀବିହାର ଥାନା ଅନ୍ତର୍ଗତ ସାଲିଆ ସାହିରେ ବେଆଇନ ଭାବେ ଦେଶୀମଦ ପ୍ରସ୍ତୁତ ଚାଲିଥିବା କମିଶନରେଟ ପୋଲିସ ଶୁକ୍ରବାର ଚଢାଉ କରିଛି। ଚଢାଉ ବେଳେ ପୋଲିସ ୧୦୮୦ ଲିଟର ଦେଶୀ ମଦ , ମଦପ୍ରସ୍ତୁତି ଉପକରଣ ଜବତ କରିଛି। ଏହାସହ ପୋଲିସ ୫ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବିଶ୍ୱନାଥ ବାଦସେଠ,ଜୟ ଚନ୍ଦ୍ର ପ୍ରଧାନ,ସପନ ସୋରେନ ,ଅନନ୍ତ କଦମସେଠ,ବିଜୟ କୁମାର ମାରାଣ୍ଡି। ଜାମିନ ନମିଳିବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ପୋଲିସ ଓ ଅବକାରୀ ଟିମ ଯେତେ ଚଢାଉ କରି ଧରୁଥିଲେ ମଧ୍ୟ ବେପାରୀମାନେ କୌଣସି ଖାତିର ନ କରି ଦିନକୁ ଦିନ ବେଆଇନ ମଦ ପ୍ରସ୍ତୁତ କରି ଚାଲିଛନ୍ତି।

# ଅଶାନ୍ତ ହେଉଛି ଶ୍ରୀକ୍ଷେତ୍ର

ପୁରୀ, ୫।୪(ଅଜିତ୍ ମହାନ୍ତି)

**ପୁଣି ଫୁଟିଲା ବୋମା**
- ଅଭିଯୁକ୍ତ ଫେରାର
- ସହରବାସୀ, ପର୍ଯ୍ୟଟକ ଆତଙ୍କିତ

ସାଧାରଣ ନିର୍ବାଚନ ପାଖେଇ ଆସୁଥିବାବେଳେ ପୁରୀ ସହର ଅଶାନ୍ତ ହେବାରେ ଲାଗିଛି। ଦିନକୁ ଦିନ ଅପରାଧ ବଢିବାରେ ଲାଗିଛି। ସାମାନ୍ୟ କଥାକୁ ନେଇ କେତେବେଳେ ହତ୍ୟାକାଣ୍ଡ ଘଟୁଛି ତ ପୁଣି କେତେବେଳେ ବୋମା ଫୁଟୁଛି। ଦୁଇଦିନ ତଳେ ବୋମାମାଡ଼ ଓ ହତ୍ୟାକାଣ୍ଡ ଘଟଣା ଘଟିଥିବାବେଳେ ଶୁକ୍ରବାର ପୁଣି ବୋମା ଫୁଟିଛି। ହୋମଗାର୍ଡଙ୍କ ଉପସ୍ଥିତିରେ ଜନଗହଳିପୂର୍ଣ୍ଣ ରାସ୍ତାରେ ଦିନ ଦ୍ୱିପ୍ରହରରେ ଏହି ଘଟଣା ଘଟିଛି। ଶ୍ରୀମନ୍ଦିରଠାରୁ ମାତ୍ର ୪୦୦ରୁ ୫୦୦ ମିଟର ଭିତରେ ଅର୍ଥାତ୍ ବାସେଳୀସାହି ଥାନା ଅନ୍ତର୍ଗତ ବାରବାଟୀ ଜାଗା କଲ୍ୟାଣ ମଣ୍ଡପ ନିକଟରେ ଏହି ଘଟଣା ଘଟିଥିବାବେଳେ ପାର୍କିରେ ଗାଡ଼ି ରଖୁଥିବା ଯାତ୍ରୀମାନେ ଭୟଭୀତ ହୋଇପଡ଼ିଛନ୍ତି।

ସୂଚନା ଅନୁଯାୟୀ, ଶୁକ୍ରବାର ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟା ବେଳେ ଜଣେ ବ୍ୟକ୍ତି ଦୁଇଟି ବୋମା ନେଇଯାଉଥିଲେ। ତେବେ ସେ ଚାଲିଚାଲି ଯାଉଥିବା ସମୟରେ ଗୋଟିଏ ବୋମା ରାସ୍ତାରେ ଫୁଟିଥିବା ବେଳେ ଆଉ ଗୋଟିଏ ବୋମା ତଳେ ପଡ଼ିଥିଲେ ମଧ୍ୟ ଫୁଟି ନ ଥିଲା। କୌଣସି ଅପରାଧ ଘଟାଇବା ପାଇଁ ଉକ୍ତ ବ୍ୟକ୍ତି ଜଣକ ବୋମା ନେଇ ଯାଉଥିଲେ ବୋଲି ପୋଲିସ ସନ୍ଦେହ କରୁଛି। ତେବେ ସମ୍ପୃକ୍ତ ବ୍ୟକ୍ତି ଫେରାର ହୋଇଯାଇଥିବାବେଳେ ତାଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ରାସ୍ତା ମଝିରେ ବୋମା ଫୁଟିବା ଯୋଗୁ ସେଠାରେ ଥିବା ପର୍ଯ୍ୟଟକ ଓ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଥିଲେ।



ଏନେଇ ଖବର ପାଇ ବାସେଳିସାହି ଥାନା ପୋଲିସ, ଟାଉନ ଥାନା ପୋଲିସ ଏବଂ ଅତିରିକ୍ତ ଏସ୍‌ପି ଶୁଶୀଲ କୁମାର ମିଶ୍ର ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଅଫୁଟା ବୋମାକୁ ପୋଲିସ ଇଟା ଦ୍ୱାରା କଭର କରିବା ସହ ବ୍ୟାରିକେଡ୍ କରିଥିଲା। କୌଣସି ଅପରାଧ ଘଟାଇବା ପାଇଁ ଏହି ବୋମା ବ୍ୟବହାର କରାଯାଇଥାନ୍ତା ବୋଲି ଅନୁମାନ କରାଯାଉଛି। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ପୋଲିସ ତୁରନ୍ତ ଅପରାଧୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସହରବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ସାଲିଆସାହିରୁ ବିପୁଳ ଦେଶୀ ମଦ ଜବତ, ୫ ଗିରଫ

**ଭୁବନେଶ୍ୱର,୫।୪ (ସୂର୍ଯ୍ୟକାନ୍ତ ବେହେରା):** ମୈତ୍ରୀବିହାର ଥାନା ଅନ୍ତର୍ଗତ ସାଲିଆ ସାହିରେ ବେଆଇନ ଭାବେ ଦେଶୀମଦ ପ୍ରସ୍ତୁତ ଚାଲିଥିବା କମିଶନରେଟ ପୋଲିସ ଶୁକ୍ରବାର ଚଢାଉ କରିଛି । ଚଢାଉ ବେଳେ ପୋଲିସ ୧୦୮୦ ଲିଟର ଦେଶୀ ମଦ , ମଦପ୍ରସ୍ତୁତି ଉପକରଣ ଜବତ କରିଛି । ଏହାସହ ପୋଲିସ ୫ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି । ସେମାନେ ହେଲେ ବିଶ୍ୱନାଥ ବାଦସେଠ,ଜୟ ଚନ୍ଦ୍ର ପ୍ରଧାନ,ସପନ ସୋରେନ ,ଅନନ୍ତ କଦମସେଠ,ବିଜୟ କୁମାର ମାରାଣ୍ଡି । ଜାମିନ ନମିଳିବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଅନ୍ୟପକ୍ଷରେ ପୋଲିସ ଓ ଅବକାରୀ ଟିମ ଯେତେ ଚଢାଉ କରି ଧରୁଥିଲେ ମଧ୍ୟ ବେପାରୀମାନେ କୌଣସି ଖାତିର ନ କରି ଦିନକୁ ଦିନ ବେଆଇନ ମଦ ପ୍ରସ୍ତୁତ କରି ଚାଲିଛନ୍ତି ।

### ଚୋରା ମଦ କାରବାର: ଅଭିଯୁକ୍ତ ଗିରଫ

**ଅସ୍ତରଙ୍ଗ, ୫।୪ (ମମତା ଜେନା):** ଅସ୍ତରଙ୍ଗ ଅଞ୍ଚଳରେ ଦେଶୀ ମଦ କାରବାର ବୃଦ୍ଧି ପାଇବାରେ ଲାଗିଛି। ନଈଗୁଆଁ, ଓସ୍ତପୁର, ଆଳସାହି ଭୀମାଛକ, ନଗର, ଅଠାତିରା, ଆଳଙ୍ଗପୁରର ଅନେକ ସ୍ଥାନରେ ଚୋରା ଦେଶୀ ମଦ ବିକ୍ରି ହେଉଛି। ବିଶେଷ ସୂତ୍ରରୁ ଖବର ପାଇ ଅସ୍ତରଙ୍ଗ ଥାନା ସବ୍‌ଇନ୍ସପେକ୍ଟର ଦୀପକ ସାମନ୍ତସିଂହାରଙ୍କ ନେତୃତ୍ୱରେ ଏଏସ୍‌ଆଇ ଖଗେଶ୍ୱର କରଙ୍କ ସହ ଏକ ଟିମ୍ ଆଳଙ୍ଗପୁରସ୍ଥିତ ରାଜେନ୍ଦ୍ର ସାହାଣୀଙ୍କ ଦୋକାନରେ ଚଢ଼ାଉ କରିଥିଲେ। ସେଠାରୁ ୩୨ଟି ଦେଶୀ ଆସ୍କାର୍ଫଟି ବୋତଲ ଓ ୬ଲିଟର ୪୦୦ ଗ୍ରାମ ଦେଶୀମଦ ଜବତ କରାଯାଇଛି। ରାଜେନ୍ଦ୍ରଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ଏକ ମାମଲା ରୁଜୁ ହୋଇଛି।

### କ୍ୟାପିଟାଲ ହସ୍ପିଟାଲ: ରୋଗୀଙ୍କ ସମ୍ପର୍କୀୟ ପାଇଁ ହେବ ବିଶ୍ରାମସ୍ଥଳୀ

**ଭୁବନେଶ୍ୱର, ୫।୪(ଅସମାପିକା ସାହୁ):** କ୍ୟାପିଟାଲ ହସ୍ପିଟାଲରେ ରୋଗୀଙ୍କ ସମ୍ପର୍କୀୟ ପାଇଁ ବିଶ୍ରାମସ୍ଥଳୀ ନିର୍ମାଣ ହେବ। ଏଥିପାଇଁ ୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବ। ଏ ନେଇ ଶୁକ୍ରବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। କେଉଁ ଦିଗରେ କେତେ ଟଙ୍କା ଖର୍ଚ୍ଚ ହେବ ସେ ନେଇ ସବିଶେଷ ସୂଚନା ଦିଆଯାଇଛି। ୨୦୦ ଶଯ୍ୟା ବିଶିଷ୍ଟ ଏହି ବିଶ୍ରାମ ସ୍ଥଳୀ ପାଇଁ ସ୍ୱାସ୍ଥ୍ୟ ବିଭାଗର ପ୍ରଶାସନିକ ଅନୁମୋଦନ ମିଳିଥିବା ସେଥିରେ ଉଲ୍ଲେଖ କରାଯାଇଛି। ଏଥିପାଇଁ ୮ କୋଟି ୮୧ଲକ୍ଷ ୭୭ହଜାର ୩୦୦ଟଙ୍କା ଖର୍ଚ୍ଚ ହେବ। ଅନୁମୋଦିତ ହୋଇଥିବା ଟଙ୍କା ଠାରୁ ଅଧିକ ଟଙ୍କା ଖର୍ଚ୍ଚ ନ କରିବା ପାଇଁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଶୀଘ୍ର ଏହି କାମ ସାରିବା ପାଇଁ ମଧ୍ୟ କୁହାଯାଇଛି।

### ବର-ଓସ୍ତ ବିବାହ ଦେଲା ସଚେତନତା ବାର୍ତ୍ତା

**ସାକ୍ଷୀଗୋପାଳ, ୫।୪(ଭରତ ରାଉତ):** ପଶ୍ଚିମ ସତ୍ୟବାଦୀ ଅଧୀନ ଡାହାଣ ଗ୍ରାମରେ ବର ଓସ୍ତ ବିବାହ ସମ୍ପନ୍ନ ହୋଇଛି। ରୀତିନୀତି, ହୋମଯଜ୍ଞ ସହିତ ପୁରୋହିତଙ୍କ ମନ୍ତ୍ରଧ୍ୱନିରେ ଏହି ବିବାହ ଉତ୍ସବ ହୋଇଥିଲା। ବାହାଘର ପାଇଁ ବେଦି ବନ୍ଧାଯିବା ସହ ଯୋଡ଼ିମହୁରୀ ବାଜିଛି। ବାଜା, ବାଣରେ ସ୍ଥାନୀୟ ଅଞ୍ଚଳ କମ୍ପିଛି। ସେହିପରି ଭୋଜିଭାତର ଆୟୋଜନ କରାଯାଇଥିଲା। ବର କନ୍ୟାଙ୍କୁ ମଙ୍ଗୁଳା ପରି ଏମାନଙ୍କୁ ମଧ୍ୟ ହଳଦୀ ଲଗାଇ ମଙ୍ଗୁଳାଇବା ସହ ବନ୍ଦାପନା କରାଯାଇଥିଲା।ନିଜ ମାନସିକ ପୂରଣ ହେବା ପରେ ଦୁଇ ପରିବାର ମିଶି ଏହି ବିବାହ ଦାୟିତ୍ୱ ତୁଲାଇଥିଲେ। ଡାହାଣ ଗ୍ରାମର ରଞ୍ଜନ ସ୍ୱାଇଁ ବର ଅର୍ଥାତ ବରଗଛର ପିତା ହୋଇଥିବା ବେଳେ କୁନା ପ୍ରଧାନ କନ୍ୟା ଅର୍ଥାତ୍ ଓସ୍ତ ଗଛର ପିତା ଦାୟିତ୍ୱ ତୁଲାଇଥିଲେ। ଏହି ନିଆରା ବିବାହ ଦେଖିବା ପାଇଁ ଅଞ୍ଚଳର ଅନେକ ଲୋକ ଉପସ୍ଥିତ ଥିଲେ। ଏନେଇ ବରିଷ୍ଠ ନାଗରିକ ତଥା ସ୍ତମ୍ଭକାର ଦେବଭକ୍ତି ମିଶ୍ର କହିଛନ୍ତି, ବିଶ୍ୱାସ ଓ ବୈଦିକ ମାନ୍ୟତା ଯାହା ଥାଉନା କାହିଁକି ବୃକ୍ଷ ହେଉଛି ଏ ପ୍ରାଣୀ ଜଗତ ପାଇଁ ଅତ୍ୟନ୍ତ ଦରକାରୀ। ବିଶେଷକରି ଉଭୟ ବର ଏବଂ ଓସ୍ତ ଗଛ ବାୟୁମଣ୍ଡଳକୁ ଅଧିକ ଅମ୍ଳଜାନ ଦେଇଥାନ୍ତି। ତେଣୁ ଏଗଛ ଲଗାଇବା ଉଚିତ। ବର ଓସ୍ତ ବାହାଘରରେ ଏହି ବାର୍ତ୍ତା ରହିଛି। ସେହିପରି ସାମାଜିକ କର୍ମୀ ସନ୍ତୋଷ କୁମାର ପଣ୍ଡା କହିଛନ୍ତି, ବୃକ୍ଷ ହିଁ ଜୀବନ। ସଚେତନତା ବାର୍ତ୍ତା ଲୋକଙ୍କୁ ଦେବା ଉଦ୍ଦେଶ୍ୟରେ ବର ଏବଂ ଓସ୍ତ ଗଛର ବିବାହ କରାଯାଇଛି।

# ଅଶାନ୍ତ ହେଉଛି ଶ୍ରୀକ୍ଷେତ୍ର

ପୁରୀ, ୫।୪(ଅଜିତ୍ ମହାନ୍ତି)



- ପୁଣି ଫୁଟିଲା ବୋମା, ଅଭିଯୁକ୍ତ ଫେରାର
- ସହରବାସୀ, ପର୍ଯ୍ୟଟକ ଆତଙ୍କିତ

ସାଧାରଣ ନିର୍ବାଚନ ପାଖେଇ ଆସୁଥିବାବେଳେ ପୁରୀ ସହର ଅଶାନ୍ତ ହେବାରେ ଲାଗିଛି। ଦିନକୁ ଦିନ ଅପରାଧ ବଢିବାରେ ଲାଗିଛି। ସାମାନ୍ୟ କଥାକୁ ନେଇ କେତେବେଳେ ହତ୍ୟାକାଣ୍ଡ ଘଟୁଛି ତ ପୁଣି କେତେବେଳେ ବୋମା ଫୁଟୁଛି। ଦୁଇଦିନ ତଳେ ବୋମାମାଡ଼ ଓ ହତ୍ୟାକାଣ୍ଡ ଘଟଣା ଘଟିଥିବାବେଳେ ଶୁକ୍ରବାର ପୁଣି ବୋମା ଫୁଟିଛି। ହୋମଗାର୍ଡଙ୍କ ଉପସ୍ଥିତିରେ ଜନଗହଳିପୂର୍ଣ୍ଣ ରାସ୍ତାରେ ଦିନ ଦ୍ୱିପ୍ରହରରେ ଏହି ଘଟଣା ଘଟିଛି। ଶ୍ରୀମନ୍ଦିରଠାରୁ ମାତ୍ର ୪୦୦ରୁ ୫୦୦ ମିଟର ଭିତରେ ଅର୍ଥାତ୍ ବାସେଳୀସାହି ଥାନା ଅନ୍ତର୍ଗତ ବାରବାଟୀ ଜାଗା କଲ୍ୟାଣ ମଣ୍ଡପ ନିକଟରେ ଏହି ଘଟଣା ଘଟିଥିବାବେଳେ ପାର୍କିଂରେ ଗାଡ଼ି ରଖୁଥିବା ଯାତ୍ରୀମାନେ ଭୟଭୀତ ହୋଇପଡ଼ିଛନ୍ତି।

ସୂଚନା ଅନୁଯାୟୀ, ଶୁକ୍ରବାର ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟା ବେଳେ ଜଣେ ବ୍ୟକ୍ତି ଦୁଇଟି ବୋମା ନେଇଯାଉଥିଲେ। ତେବେ ସେ ଚାଲିଚାଲି ଯାଉଥିବା ସମୟରେ ଗୋଟିଏ ବୋମା ରାସ୍ତାରେ ଫୁଟିଥିବା ବେଳେ ଆଉ ଗୋଟିଏ ବୋମା ତଳେ ପଡ଼ିଥିଲେ ମଧ୍ୟ ଫୁଟି ନ ଥିଲା। କୌଣସି ଅପରାଧ ଘଟାଇବା ପାଇଁ ଉକ୍ତ ବ୍ୟକ୍ତି ଜଣକ ବୋମା ନେଇ ଯାଉଥିଲେ ବୋଲି ପୋଲିସ ସନ୍ଦେହ କରୁଛି। ତେବେ ସମ୍ପୃକ୍ତ ବ୍ୟକ୍ତି ଫେରାର ହୋଇଯାଇଥିବାବେଳେ ତାଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ରାସ୍ତା ମଝିରେ ବୋମା ଫୁଟିବା ଯୋଗୁ ସେଠାରେ ଥିବା ପର୍ଯ୍ୟଟକ ଓ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଥିଲେ। ଏନେଇ ଖବର ପାଇ ବାସେଳିସାହି ଥାନା ପୋଲିସ, ଟାଉନ ଥାନା ପୋଲିସ ଏବଂ ଅତିରିକ୍ତ ଏସ୍‌ପି ଶୁଶୀଲ କୁମାର ମିଶ୍ର ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଅଫୁଟା ବୋମାକୁ ପୋଲିସ ଇଟା ଦ୍ୱାରା କଭର କରିବା ସହ ବ୍ୟାରିକେଡ୍ କରିଥିଲା। କୌଣସି ଅପରାଧ ଘଟାଇବା ପାଇଁ ଏହି ବୋମା ବ୍ୟବହାର କରାଯାଇଥାନ୍ତା ବୋଲି ଅନୁମାନ କରାଯାଉଛି। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ପୋଲିସ ତୁରନ୍ତ ଅପରାଧୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସହରବାସୀ ଦାବି କରିଛନ୍ତି।

## ଖୋର୍ଦ୍ଧା ଜିଲାରେ ସ୍କୁଲ ସମୟ ବଦଳିଲା

ଖୋର୍ଦ୍ଧା, ୫।୪(ପ୍ରଭାତ ପାଣିଗ୍ରାହୀ)

**ସକାଳ ସାଢ଼େ ୬ଟାରୁ ସାଢ଼େ ୧୦ଟା ପାଠପଢ଼ା**

ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ଜିଲାରେ ସ୍କୁଲ ସମୟ ପରିବର୍ତ୍ତନ କରାଯାଇଛି। ଦ୍ୱାଦଶ ଶ୍ରେଣୀ ଯାଏ ସମସ୍ତ ସ୍କୁଲ ଓ ଅଙ୍ଗନୱାଡ଼ି ପାଇଁ ସମୟ ନିର୍ଘଣ୍ଟ ହୋଇଛି। ସକାଳ ସାଢ଼େ ୬ଟାରୁ ସ୍କୁଲ ଖୋଲିବ ଓ ସାଢ଼େ ୧୦ଟାରେ ଛୁଟି ହେବ। ଜିଲାର ସମସ୍ତ ସରକାରୀ, ଘରୋଇ ଏବଂ ଅନୁଦାନପ୍ରାପ୍ତ ସ୍କୁଲ ଏହାକୁ ମାନିବେ। ଏ ନେଇ ଶୁକ୍ରବାର ଖୋର୍ଦ୍ଧା ଜିଲାପାଳ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ଶୁକ୍ରବାର ଅପରାହ୍ନରେ ପାଣିପାଗ ବିଭାଗର ହିଟ୍ ୱେଭ୍ ରିପୋର୍ଟ ଆସିବା ପରେ ସ୍କୁଲ ସମୟ ବଦଳାଇବାକୁ ନିଷ୍ପତ୍ତି ନିଆଯାଇଛି। ଏହା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ସକାଳ ୭ଟାରୁ ପୂର୍ବାହ୍ନ ସାଢ଼େ ୧୧ଟା ପର୍ଯ୍ୟନ୍ତ ସ୍କୁଲ ଖୋଲିବା ପାଇଁ ନିର୍ଦ୍ଦେଶ ଥିଲା।

## ଭଙ୍ଗାଘରେ ବିତୁଛି ଜୀବନ



ବୋଲଗଡ଼,୫।୪(ଦେବବ୍ରତ ହୋତା)

- ବ୍ରଜବନ୍ଧୁଙ୍କ ଚିକିତ୍ସାରେ ଅର୍ଥ ସାଜିଛି ବାଧକ
- ସରକାରୀ ସହାୟତା ପାଇଁ ନିବେଦନ

ବୋଲଗଡ଼ ବ୍ଲକ ବାଙ୍କୋଇ ଗ୍ରାମ ବାରିକ ସାହିର ବ୍ରଜବନ୍ଧୁ ସୁବୁଦ୍ଧି। ଏବେ ତାଙ୍କ ସ୍ତ୍ରୀ ଅହଲ୍ୟା ସୁବୁଦ୍ଧି ଓ ଝିଅ ବିଳାସ ସୁବୁଦ୍ଧିଙ୍କୁ ନେଇ ତାଙ୍କ ପରିବାର। ୧୫ବର୍ଷ ତଳେ ସରକାରଙ୍କ ପକ୍ଷରୁ ଆବାସ ଯୋଜନାରେ ସହାୟତା ପାଇଥିଲେ ମଧ୍ୟ ସେହି ସମୟରେ ସାନ ପୁଅ ଲିଭର କ୍ୟାନ୍ସରରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିବାରୁ ଘର କରିପାରି ନ ଥିଲେ। ଏବେ ବ୍ରଜବନ୍ଧୁ ନିଜେ କ୍ୟାନ୍ସର ରୋଗରେ ପୀଡ଼ିତ ହୋଇ ଅର୍ଥାଭାବରୁ ଠିକ୍ ଭାବେ ଚିକିତ୍ସା ହୋଇପାରୁ ନାହାନ୍ତି। ଅନ୍ୟପଟେ ଅର୍ଥ ଅଭାବରୁ ଛପର ନ କରିପାରିବାରୁ ପଡିଶାଙ୍କ ସହାୟତାରେ ଭଙ୍ଗାଘରେ ଜରିପାଲ ପକାଇ ରହୁଛନ୍ତି।

ପ୍ରକାଶ ଯେ, ବଡ଼ପୁଅ ଭୁବନେଶ୍ୱରରେ ରହୁଥିବା ବେଳେ ବ୍ରଜବନ୍ଧୁ ସେଲୁନ କରି ପରିବାର ଚଳାଉଥିଲେ। ଯାହା ରୋଜଗାର ହେଉଥିଲା ପରିବାରର ଗୁଜୁରାଣ ମେଣ୍ଟାଇବା ପରେ ବଳକା ଟଙ୍କାରେ ଦୁଇ ଝିଅଙ୍କ ବାହାଘର କରିଥିଲେ। ତେବେ ଜଣେ ଝିଅ ଆସି ବାପଘରେ ଅଛନ୍ତି । ତେବେ ବୟସର ଅପରାହ୍ନରେ କ୍ୟାନ୍ସର ଯୋଗୁ ବ୍ରଜବନ୍ଧୁ କାର୍ଯ୍ୟ କରିପାରୁ ନାହାନ୍ତି। ଫଳରେ ଆର୍ଥିକ ସମସ୍ୟା ବଢ଼ିଚାଲିଛି। ଝିଅ ହିଁ ତାଙ୍କର ସମସ୍ତ ସେବା କରୁଥିବା କହିଛନ୍ତି ବ୍ରଜବନ୍ଧୁ। ଚିକିତ୍ସାରେ ଅର୍ଥ ସାଜିଛି ବାଧକ। ଘର ଚଳାଇବା ମଧ୍ୟ କଷ୍ଟକର ହୋଇପଡିଛି। ଗ୍ରାମବାସୀ ଅର୍ଥ ଯୋଗାଡ଼ କରି ଚିକିତ୍ସା ପାଇଁ ପ୍ରଦାନ କରିଥିଲେ ବି ତାହା ସମୁଦ୍ରକୁ ଶଙ୍ଖେ ଭଳି। ଖବରପାଇ ସାମାଜିକକର୍ମୀ ମନୋଜ ପ୍ରଧାନ ପହଞ୍ଚି ବ୍ରଜବନ୍ଧୁଙ୍କୁ କିଛି ଆର୍ଥିକ ସହାୟତା ପ୍ରଦାନ କରିବା ସହ ତାଙ୍କ ଚିକିତ୍ସାରେ ଯାହା ଆବଶ୍ୟକ ପଡ଼ିବ ସହଯୋଗ କରିବେ ବୋଲି କହିଛନ୍ତି। ବ୍ରଜବନ୍ଧୁଙ୍କୁ ସରକାରୀ ଯୋଜନାରେ ରହିବା ପାଇଁ ଘର ପ୍ରଦାନ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ସେ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। ଏହି ପରିବାରକୁ ପ୍ରଶାସନ ପକ୍ଷରୁ ସହାୟତା ପ୍ରଦାନ କରାଯିବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

## ନଈରୀ ଦଶଦୋଳ ମେଳଣରେ ୪୩ ଠାକୁର



ଗମ୍ଭାରୀମୁଣ୍ଡା,୫।୪(ଦିଲୀପ ସ୍ୱାଇଁ)

ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ଅନ୍ତର୍ଗତ ନଈରୀଠାରେ ଦଶଦୋଳ ମେଳଣ ଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନାଧିପତି ହରିହରେଶ୍ୱର ମହାଦେବଙ୍କ ଆମନ୍ତ୍ରଣକ୍ରମେ ଚିଲିକା ଓ ବାଣପୁର ଅଞ୍ଚଳର ବିଭିନ୍ନ ପୀଠରୁ ମୋଟ୍ ୪୩ ଦେବଦେବୀ ସାମିଲ ହୋଇଥିଲେ। ଠାକୁରମାନେ ସୁସଜ୍ଜିତ ଦୋଳବିମାନରେ ଶୋଭାଯାତ୍ରାରେ ଆସି ନଈରୀରେ ପହଞ୍ଚିଥିଲେ। ମେଳଣ କମିଟି ପକ୍ଷରୁ ଆମନ୍ତ୍ରିତ ଠାକୁରଙ୍କୁ ଭେଟିପୂଜା ନୈବେଦ୍ୟ ଅର୍ପଣ କରାଯାଇଥିଲା। ଶୁକ୍ରବାର ଅପରାହ୍ନରେ ଆନୁଷ୍ଠାନିକ ପୂଜା, ହୋମ ହେବା ପରେ ସମସ୍ତ ଦେବଦେବୀ ସ୍ୱ ସ୍ୱ ବିମାନରେ ବିଜେହୋଇ ପଡ଼ିଆକୁ ପ୍ରବେଶ କରିଥିଲେ। ଶ୍ରଦ୍ଧାଳୁଙ୍କ ହରିବୋଲ, ହୁଳହୁଳି, ଘଣ୍ଟଘଣ୍ଟା ଧ୍ୱନିରେ ସୁସଜ୍ଜିତ ବିମାନରେ ବିଜେ ଦେବଦେବୀ ଦୋଳପଡ଼ିଆରେ ସପ୍ତବାର ପ୍ରଦକ୍ଷିଣ କରିବା ପରେ ସ୍ୱମନ୍ଦିର ଅଭିମୁଖେ ବାହୁଡ଼ିଥିଲେ।

## 'ଶ୍ରୀଜଗନ୍ନାଥ ଚେତନା ଘରେ ଘରେ ଜାଗରଣ ହେଉ'

**ପଦ୍ମଶ୍ରୀ ସଦାଶିବ ରଥଶର୍ମାଙ୍କ ୩୫ତମ ମହାପ୍ରୟାଣ ଦିବସ**

ପୁରୀ, ୫।୪(ଅଜିତ୍ ମହାନ୍ତି)

ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ପଦ୍ମଶ୍ରୀ ସଦାଶିବ ରଥଶର୍ମାଙ୍କ ୩୫ତମ ବାର୍ଷିକ ମହାପ୍ରୟାଣ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଶ୍ରୀନୀଳାଦ୍ରି ସତ୍‌ସଂଘ, ବିଶ୍ୱ ଜଗନ୍ନାଥ ଚେତନା ସଂସଦ, ଚାରଣ ଗୋଷ୍ଠୀ ଏବଂ ରଥଶର୍ମା ସ୍ମୃତି ସଂସଦ ପକ୍ଷରୁ ମିଳିତ ଭାବେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାରେ ଆଧ୍ୟାତ୍ମିକ ପରିବେଶ ଓ ଶୃଙ୍ଖଳିତ ସମାଜ ଗଠନ ପାଇଁ ଶ୍ରୀଜଗନ୍ନାଥ ଚେତନା ଘରେ ଘରେ ପ୍ରଚାରିତ ହୋଇ ଧର୍ମୀୟ ଜନଜାଗରଣ ସୃଷ୍ଟି କରୁ ବୋଲି ଅତିଥିମାନେ କହିଥିଲେ। ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଗବେଷକ ଡ. ଭାସ୍କର ମିଶ୍ର, ଗୀତିକାର ବଦ୍ରି ମିଶ୍ର, ବରିଷ୍ଠ ସେବାୟତ ଜଗନ୍ନାଥ ପୂଜାପଣ୍ଡା ସାମନ୍ତ, ଉତ୍ତରପାର୍ଶ୍ୱ ମଠାଧୀଶ ନାରାୟଣ ରାମାନୁଜ ଦାସ, ଦଇତାପତି ରାମଚନ୍ଦ୍ର ଦାସମହାପାତ୍ର ଏବଂ ଗୋବିନ୍ଦ ଚନ୍ଦ୍ର ବେହେରା ଯୋଗଦେଇ ପଣ୍ଡିତ ସଦାଶିବ ରଥଶର୍ମାଙ୍କ ସମୟରେ ଶ୍ରୀଜଗନ୍ନାଥ ସଂସ୍କୃତି ଓ ସାହିତ୍ୟର ବିକାଶ ସହ ଶ୍ରୀଜଗନ୍ନାଥଙ୍କ ମହିମାକୁ ବିଶ୍ୱମୟ କରିବାରେ ତାଙ୍କର ଆମେରିକା ଗସ୍ତ ସମ୍ପର୍କରେ ଆଲୋକପାତ କରିଥିଲେ। ସକାଳୁ ଏ ନେଇ ଶ୍ରୀମନ୍ଦିରରେ ଗୀତା ପାଠ ସହ ମନ୍ଦିର ଓ ନଗର ପରିକ୍ରମା ହୋଇଥିଲା। ଶ୍ରୀମଦ୍ ଭାଗବତ ପାରାୟଣ, କୀର୍ତ୍ତନ ପରିବେଷଣ କରାଯାଇଥିଲା। ସନ୍ଧ୍ୟାରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ରଥଶର୍ମାଙ୍କ ପ୍ରତିମୂର୍ତ୍ତିରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ଗବେଷକ ଡ. ଭାସ୍କର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ୟାମପ୍ରକାଶ ସେନାପତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ପିଲାଚୋର ସନ୍ଦେହରେ ବଢୁଛି ଆକ୍ରମଣ

ବୋଲଗଡ଼,୫।୪(ଦେବବ୍ରତ ହୋତା)

ବୋଲଗଡ଼ ଅଞ୍ଚଳରେ ଗତ ଏକ ସପ୍ତାହ ହେବ ପିଲାଚୋର ବୁଲୁଥିବା ନେଇ ଗୁଜବ ବ୍ୟାପିବାରେ ଲାଗିଛି। ଫଳରେ ବାସିନ୍ଦାଙ୍କ ମନରେ ଭୟ ସୃଷ୍ଟି କରୁଛି। ଅଜଣା ଲୋକଙ୍କୁ ଦେଖିଲେ ପିଲାଚୋର ସନ୍ଦେହରେ ସେମାନଙ୍କୁ ମାଡ଼ମାରି ଲହୁଲୁହାଣ କରୁଥିବା ଦେଖିବାକୁ ମିଳିଛି। ଖଙ୍ଗୁରିଆ ପଞ୍ଚାୟତ ଅରଖପଲି ଗ୍ରାମରେ ବିଳମ୍ବିତ ରାତିରେ ତିନି ଯୁବକଙ୍କ ସହ ଜଣେ ମହିଳା ସନ୍ଦେହଜନକ ଭାବେ ବୁଲୁଥିବା ଦେଖି ଲୋକେ ପଚରାଉଚରା କରିଥିଲେ ମଧ୍ୟ ସେମାନଙ୍କ ଭାଷା ବୁଝିପାରି ନ ଥିଲେ। ଯୁବକମାନେ ମାରଣାସ୍ତ୍ର ଧରିଥିବାରୁ ସନ୍ଦେହ ଦୃଢ଼ୀଭୂତ ହୋଇଥିଲା। ସ୍ଥାନୀୟ ଲୋକେ ଏମାନଙ୍କୁ ଧରିବା ପାଇଁ ଗୋଡ଼ାଇବାରୁ ଯୁବକମାନେ ଖସି ପଳାଇଥିବା ବେଳେ ମହିଳା ଜଣଙ୍କୁ କାବୁକରି ବୋଲଗଡ଼ ପୋଲିସ ଜିମା ଦେଇଥିଲେ। ପୋଲିସ ଅନୁସନ୍ଧାନ କରି ସମ୍ପୃକ୍ତ ମହିଳା ମାନସିକ ବିକୃତ ଓ ରାୟଗଡ଼ା ଜିଲାର ବୋଲି ସୂଚନା ଦେଇଛି। ଅନୁରୂପଭାବେ ଗତ ସୋମବାର ଚୁଡ଼ା, କପାସିଆ ଖଉରୁଣୀ, ଅସନପଲି ଓ ଅରଖପଲି ଆଦି ଗ୍ରାମକୁ ପିଲାଚୋର ପଶିଆସିଥିବା ନେଇ ଗୁଜବ ଉଠିଥିଲା। ଗ୍ରାମବାସୀ ଦୁର୍ବୃତ୍ତମାନଙ୍କୁ ଖୋଜାଖୋଜି କରିଥିଲେ। ତେବେ ଖବରପାଇ ସ୍ଥାନୀୟ ପୋଲିସ ପହଞ୍ଚି ଅନୁସନ୍ଧାନ କରିଥିଲେ ମଧ୍ୟ କାହାକୁ ପାଇ ନ ଥିଲା। ଏପରିକି ପିଲାଚୋର ସନ୍ଦେହରେ ଗତ ରବିବାର ରାତିରେ ଜଣେ ଦିବ୍ୟାଙ୍ଗ ବୃଦ୍ଧଙ୍କୁ ଗାଁଦାଣ୍ଡରେ ହାତଗୋଡ଼ ବାନ୍ଧି ପିଟିପିଟି ହତ୍ୟାକରି ପାହାଡ଼ ତଳେ ପୋତି ଦେଇଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ଗତ ବୁଧବାର ରାଜସୁନାଖଳା କୁମାରୀ ଛକରେ ଜଣେ ଶିଶୁ ହାତରୁ ଖାଦ୍ୟ ଛଡ଼ାଇ ନେଇଥିଲେ ଜଣେ ବୃଦ୍ଧ ପାଗଳ। ହେଲେ ସ୍ଥାନୀୟ ଲୋକେ କିଛି ବୁଝିବା ଆଗରୁ ବୃଦ୍ଧଙ୍କୁ ନିସ୍ତୁକ ମାଡ଼ମାରି ଲହୁଲୁହାଣ କରିଦେଲେ। ଖବରପାଇ ବାଙ୍କୋଇ ଫାଣ୍ଡି ଅଧିକାରୀ ଦିଲୀପ ସାହୁ ପହଞ୍ଚି ବୃଦ୍ଧଙ୍କୁ ଉଦ୍ଧାର କରି ଫାଣ୍ଡିକୁ ନେଇଥିଲେ। ପରେ ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ ତାଙ୍କୁ ଛାଡ଼ିଦିଆଯାଇଥିଲା। ତେବେ ସୋସିଆଲ ମିଡିଆରେ ପ୍ରତିଦିନ ଭାଇରାଲ ହେଉଥିବା ଏଭଳି ଘଟଣା ଜନସାଧାରଣରେ ଆତଙ୍କ ସୃଷ୍ଟି କରିଛି।

## ସାଇବର ଥାନା ହାତରେ ଯୁକ୍ତ୨ ପାସ୍ ଠକ

ଭୁବନେଶ୍ୱର,୫।୪(ସତ୍ୟଜିତ୍ ରାଉତ)

**ବହୁଗୁଣ ଲାଭ ଦେବା ଆଳରେ ୮୫ ଲକ୍ଷରୁ ଊର୍ଦ୍ଧ୍ୱ ଠକେଇ**

ବହୁଗୁଣ ଲାଭ ଦେବା ଆଳରେ ୮୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ମାମଲାରେ ଭୁବନେଶ୍ୱର ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଥାନା ପୋଲିସ ଜଣେ ଯୁକ୍ତ୨ ପାସ୍ ଠକଙ୍କୁ ଶୁକ୍ରବାର ଗିରଫ କରିଛି। ଅଭିଯୁକ୍ତ ହେଲେ ପୁରୀ ଜିଲା ସଦର ଥାନା ଅନ୍ତର୍ଗତ ଆମ୍ବପଡ଼ାର ପ୍ରକାଶ ଚନ୍ଦ୍ର ସ୍ୱାଇଁ ଓରଫ ଗୁଗୁନା (୨୫)। ଏବେ ସେ ଖଣ୍ଡଗିରି ଥାନା ଅନ୍ତର୍ଗତ ଡୁମୁଡୁମାରେ ରହୁଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ପ୍ରକାଶ ପୂର୍ବରୁ ଏକ ଅନଲାଇନ୍ ଗିଫ୍ଟ କାର୍ଡ ବ୍ୟବସାୟ କରୁଥିଲେ। ସେ ଇନ୍‌ଷ୍ଟାଗ୍ରାମ ଦ୍ୱାରା ଏକ ଷ୍ଟକ୍ ଟ୍ରେଡିଂ ବିଜ୍ଞାପନ ଦେଖି ଜୁମ୍ ଗ୍ରୁପ ଭିଡିଓ କଲ୍‌ରେ ତାହା ଶିଖିଥିଲେ। ଅଧିକ ଟଙ୍କା ରୋଜଗାର କରିବା ଆଶାରେ ସେ ତାଙ୍କ ଗ୍ରାହକଙ୍କୁ ଟାର୍ଗେଟ୍ କରିଥିଲେ। ପୁରୀ ଜିଲା ସଦର ଥାନା ଅଞ୍ଚଳର ବିଶ୍ୱଜିତ ମହାନ୍ତି ଓ ପ୍ରକାଶ ଚୌଧୁରୀଙ୍କୁ ସେ ନିଜ କୋଇନ୍ ପ୍ରାଇଭେଟ ଲିଃ ଓ ପ୍ରକାଶ କମ୍ୟୁନିକେଶନ୍ ନାମରେ ଦୁଇଟି କମ୍ପାନୀ ଥିବା କହି ଡକୁମେଣ୍ଟ ଦେଖାଇଥିଲେ। ତାଙ୍କ କମ୍ପାନୀରେ ଟଙ୍କା ଲଗାଇଲେ ସପ୍ତାହକୁ ବହୁଗୁଣ ଲାଭ ଦେବେ ବୋଲି କହିଥିଲେ। ବିଶ୍ୱଜିତ ଓ ପ୍ରକାଶ ତାଙ୍କୁ ୨୦୨୨ ମସିହାରେ ୮୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଦେଇଥିଲେ। ଅଭିଯୁକ୍ତ ପ୍ରକାଶ ଉଭୟଙ୍କ ଟଙ୍କା ଆଣି ଷ୍ଟକ୍ ଟ୍ରେଡିଂରେ ଲଗାଇ ଦେଇ ସବୁ କ୍ଷତି ସହିଥିଲେ। ବିଶ୍ୱଜିତ ଓ ପ୍ରକାଶ ଟଙ୍କା ଫେରାଇବାକୁ କହିବାରୁ ଅଭିଯୁକ୍ତ ଆଜିକାଲି କହି ଧରାଛୁଆଁ ଦେଉନଥିଲେ।

## କଣାସରେ ହାତୀ ଆତଙ୍କ

କଣାସ, ୫।୪ (ବିଭୂତି ଭୂଷଣ ତ୍ରିପାଠୀ)

ଚନ୍ଦକା ଜଙ୍ଗଲର ଅବକ୍ଷୟ ଯୋଗୁ କିଛିବର୍ଷ ହେଲା ଜଙ୍ଗଲରେ ରହୁଥିବା ହାତୀମାନେ ଗାଁମୁହାଁ ହୋଇ ବହୁ ଧନଜୀବନ ନଷ୍ଟ କରୁଥିବା ନଜିର ରହିଛି। କଣାସ ବ୍ଲକର ବିଭିନ୍ନ ଗ୍ରାମପଞ୍ଚାୟତରେ ପାଚିଲାଧାନ ଖାଇବା ପାଇଁ ହାତୀମାନେ ଚାଲିଆସୁଛନ୍ତି। ହାତୀପଲ ଧାନ ଖାଇବା ସହିତ ବାଡିବଗିଚାରେ ଥିବା ଫସଲ ନଷ୍ଟ କରିଦେଉଛନ୍ତି। ଗୁରୁବାରଠାରୁ ଦୁଇଟି ହାତୀ ଖୋର୍ଦ୍ଧା ବ୍ଲକର ଶରଧାପୁର ଅଞ୍ଚଳରେ ରହିଥିବାବେଳେ ଶୁକ୍ରବାର ଗଡ଼ସାନପୁଟ ଗ୍ରାମ ଦେଇ ଗଡ଼ବଡ଼ପୁଟ ଠାରେ ରାଜୁଆ ନଦୀ ପାର ହୋଇ ଗଡ଼ସାନପୁଟ ଗ୍ରାମପଞ୍ଚାୟତର ବେହେଣ୍ଟା ଗ୍ରାମର ମୌଜାରେ ଅମରିବଣ ଭିତରେ ଦିନତମାମ ରହିଛନ୍ତି। ହାତୀଙ୍କୁ ଫେରାଇ ନେବା ପାଇଁ କଣାସ-ଡେଲାଙ୍ଗ ରେଞ୍ଜର ଶାନ୍ତନୁ ଦଳାଇ ଷ୍ଟାଫ୍ ସହିତ ଘଟଣାସ୍ଥଳରେ ଜଗିରହିଥିବା ବେଳେ କଣାସ ଥାନା ଆଇଆଇସି ରାକେଶ କୁମାର ତ୍ରିପାଠୀ ଏବଂ ପୋଲିସ କର୍ମଚାରୀମାନେ ହାତୀ ଉପରେ ନଜର ରଖି ଜଗିରହିଛନ୍ତି।



ବେହେଣ୍ଟା ମୌଜାରେ ହାତୀ ବୁଲୁଛନ୍ତି।

## ୪ ଲୁଟେରା ଗିରଫ: ୯.୬୯ ଲକ୍ଷ ଜବତ

ଭୁବନେଶ୍ୱର,୫।୪(ସତ୍ୟଜିତ୍ ରାଉତ)



**ବ୍ୟବସାୟୀଙ୍କଠାରୁ ୧୧ ଲକ୍ଷ ଲୁଟ୍ ଘଟଣା**

ଦୁଇ ବ୍ୟବସାୟୀଙ୍କୁ ଧମକାଇ ୧୧ ଲକ୍ଷ ଲୁଟ୍ ମାମଲାରେ କମିଶନରେଟ୍ ପୋଲିସ ସଫଳତା ପାଇଛି। ଭୁବନେଶ୍ୱର ଇନ୍‌ଫୋଭ୍ୟାଲି ପୋଲିସ ଏହି ମାମଲାରେ ସମ୍ପୃକ୍ତ ୪ ଜଣ ଲୁଟେରାଙ୍କୁ ଶୁକ୍ରବାର ଗିରଫ କରିଛି। ସେମାନେ ହେଲେ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅଞ୍ଚଳର ସୋମନାଥ ଜେନା ଓରଫ ସୋମା (୩୧), ସଦର ଥାନା କଦଳିବାଡ଼ି ଗ୍ରାମର ଦୀପ୍ତିରଞ୍ଜନ ବଳିଆରସିଂ ଓରଫ ଦୀପକ (୩୧), ନୟାଗଡ ଜିଲା ଚାନ୍ଦପୁର ଥାନା ଅଞ୍ଚଳର ଆଶିଷ କୁମାର ଦାସ (୨୫) ଓ ଜଙ୍କିଆ ଥାନା ଅଞ୍ଚଳର ସ୍ମୃତିରଞ୍ଜନ ସେଠୀ ଓରଫ ବବ୍‌ଲୁ (୨୫)। ସେମାନଙ୍କଠାରୁ ନଗଦ ୯ ଲକ୍ଷ ୬୯ ହଜାର ଟଙ୍କା, ୪ ବାଇକ ଓ ୩ ମୋବାଇଲ ଜବତ ହୋଇଛି। ସମସ୍ତଙ୍କୁ କୋର୍ଟଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୋଗକାରୀ ଖାରବେଳନଗର ଥାନା ଅନ୍ତର୍ଗତ ଶାସ୍ତ୍ରୀନଗରରର ଉଦୟଭାନୁ ବିଶ୍ୱାଳ ତାଙ୍କ ୫ ସହଯୋଗୀଙ୍କ ସହ ମିଶି ଖୁଚୁରା ଟଙ୍କା ବ୍ୟବସାୟ କରନ୍ତି। ସେ ଶମ୍ଭୁନାଥ ସାହୁ ଓ ଧର୍ମେନ୍ଦ୍ର ରେଡ୍ଡୀଙ୍କୁ ଛୋଟ ନୋଟ୍ ଓ ଖୁଚୁରା ଆଣିବାକୁ ୧୧ ଲକ୍ଷ ବଡ଼ ନୋଟ ଦେଇଥିଲେ। ଶମ୍ଭୁନାଥ ଓ ଧର୍ମେନ୍ଦ୍ର ଗତ ମାର୍ଚ୍ଚ ୩୦ରେ ଏସ୍‌ବିଆଇ ଛତ୍ରପୁର ବ୍ରାଞ୍ଚରେ ୧୧ ଲକ୍ଷ ଟଙ୍କାର ବଡ଼ ନୋଟ ବଦଳାଇ ଦୁଇଟି ବ୍ୟାଗରେ ଖୁଚୁରା ଓ ଛୋଟ ନୋଟ୍ ଆଣି ଏକ ସ୍କୁଟିରେ ଭୁବନେଶ୍ୱର ଫେରୁଥିଲେ। ଅପରାହ୍ନ ୫ଟା ୩୦ରେ ପିତାପଲ୍ଲୀ ଓଭର ବାଇପାସ୍ ନିକଟରେ ୩ଟି ବାଇକରେ ଲୁଟେରାମାନେ ଆସି ଉଭୟଙ୍କୁ ଅଟକାଇଥିଲେ। ସେମାନେ ଉଭୟଙ୍କୁ ଧମକାଇ ସ୍କୁଟି ଓ ଟଙ୍କା ଭର୍ତ୍ତି ବ୍ୟାଗ୍ ନେଇ ଫେରାର ହୋଇଯାଇଥିଲେ। ଏନେଇ ଉଦୟଭାନୁଙ୍କ ଏତଲାକ୍ରମେ ଇନ୍‌ଫୋଭ୍ୟାଲି ଥାନା ପୋଲିସ ମାର୍ଚ୍ଚ ୩୧ରେ ମାମଲା (ନଂ.୮୮/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ସୋମନାଥଙ୍କ ନାମରେ ଖୋର୍ଦ୍ଧା ଥାନାରେ ଗୋଟିଏ ହତ୍ୟା ମାମଲା ସମେତ ୩ଟି ମାମଲା ରହିଥିବା ବେଳେ ଖୋର୍ଦ୍ଧା ସଦର ଥାନାରେ ଦୀପ୍ତିରଞ୍ଜନଙ୍କ ନାମରେ ଗୋଟିଏ ମାମଲା ରହିଥିବା ପୋଲିସ କମିଶନର ସଞ୍ଜୀବ ପଣ୍ଡା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୫।୪।୨୦୨୪

| | |
|---|---|
| ୪,୫୮,୪୫୭ ଟଙ୍କା | |
| ସୁନା | ୮୦୦ ମିଲିଗ୍ରାମ |
| ରୁପା | ୪୦ ଗ୍ରାମ |

# ଅଶାନ୍ତ ହେଉଛି ଶ୍ରୀକ୍ଷେତ୍ର

■ ପୁଣି ଫୁଟିଲା ବୋମା, ଅଭିଯୁକ୍ତ ଫେରାର
■ ସହରବାସୀ, ପର୍ଯ୍ୟଟକ ଆତଙ୍କିତ

ପୁରୀ, ୫।୪(ଅଜିତ୍ ମହାନ୍ତି)

ସାଧାରଣ ନିର୍ବାଚନ ପାଖେଇ ଆସୁଥିବାବେଳେ ପୁରୀ ସହର ଅଶାନ୍ତ ହେବାରେ ଲାଗିଛି। ଦିନକୁ ଦିନ ଅପରାଧ ବଢ଼ିବାରେ ଲାଗିଛି। ସାମାନ୍ୟ କଥାକୁ ନେଇ କେତେବେଳେ ହତ୍ୟାକାଣ୍ଡ ଘଟୁଛି ତ ପୁଣି କେତେବେଳେ ବୋମା ଫୁଟୁଛି। ଦୁଇଦିନ ତଳେ ବୋମାମାଡ଼ ଓ ହତ୍ୟାକାଣ୍ଡ ଘଟଣା ଘଟିଥିବାବେଳେ ଶୁକ୍ରବାର ପୁଣି ବୋମା ଫୁଟିଛି। ହୋମଗାର୍ଡଙ୍କ ଉପସ୍ଥିତିରେ ଜନଗହଳିପୂର୍ଣ୍ଣ ରାସ୍ତାରେ ଦିନ ଦ୍ୱିପ୍ରହରରେ ଏହି ଘଟଣା ଘଟିଛି। ଶ୍ରୀମନ୍ଦିରଠାରୁ ମାତ୍ର ୪୦୦ରୁ ୫୦୦ ମିଟର ଭିତରେ ଅର୍ଥାତ୍ ବାସେଳୀସାହି ଥାନା ଅନ୍ତର୍ଗତ ବାରବାଟୀ ଜାଗା କଲ୍ୟାଣ ମଣ୍ଡପ ନିକଟରେ ଏହି ଘଟଣା ଘଟିଥିବାବେଳେ ପାର୍କିଂରେ ଗାଡ଼ି ରଖୁଥିବା ଯାତ୍ରୀମାନେ ଭୟଭୀତ ହୋଇପଡ଼ିଛନ୍ତି।

ସୂଚନା ଅନୁଯାୟୀ, ଶୁକ୍ରବାର ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟା ବେଳେ ଜଣେ ବ୍ୟକ୍ତି ଦୁଇଟି ବୋମା ନେଇଯାଉଥିଲେ। ତେବେ ସେ ଚାଲିଚାଲି ଯାଉଥିବା ସମୟରେ ଗୋଟିଏ ବୋମା ରାସ୍ତାରେ ଫୁଟିଥିବା ବେଳେ ଆଉ ଗୋଟିଏ ବୋମା ତଳେ ପଡ଼ିଥିଲେ ମଧ୍ୟ ଫୁଟି ନ ଥିଲା। କୌଣସି ଅପରାଧ ଘଟାଇବା ପାଇଁ ଉକ୍ତ ବ୍ୟକ୍ତି ଜଣକ ବୋମା ନେଇ ଯାଉଥିଲେ ବୋଲି ପୋଲିସ ସନ୍ଦେହ କରୁଛି। ତେବେ ସମ୍ପୃକ୍ତ ବ୍ୟକ୍ତି ଫେରାର ହୋଇଯାଇଥିବାବେଳେ ତାଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ରାସ୍ତା ମଝିରେ ବୋମା ଫୁଟିବା ଯୋଗୁ ସେଠାରେ ଥିବା ପର୍ଯ୍ୟଟକ ଓ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଥିଲେ। ଏନେଇ ଖବର ପାଇ ବାସେଳିସାହି ଥାନା ପୋଲିସ, ଟାଉନ ଥାନା ପୋଲିସ ଏବଂ ଅତିରିକ୍ତ ଏସ୍‌ପି ଶୁଶୀଲ କୁମାର ମିଶ୍ର ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଅଫୁଟା ବୋମାକୁ ପୋଲିସ ଇଟା ଦ୍ୱାରା କଭର କରିବା ସହ ବ୍ୟାରିକେଡ୍ କରିଥିଲା। କୌଣସି ଅପରାଧ ଘଟାଇବା ପାଇଁ ଏହି ବୋମା ବ୍ୟବହାର କରାଯାଇଥାନ୍ତା ବୋଲି ଅନୁମାନ କରାଯାଉଛି। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ପୋଲିସ ତୁରନ୍ତ ଅପରାଧୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସହରବାସୀ ଦାବି କରିଛନ୍ତି।


ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି ।

## ସର୍କିଟ ହାଉସ୍ ମ୍ୟାନେଜରଙ୍କୁ ଶ୍ରଦ୍ଧାଞ୍ଜଳି


କାର୍ଯ୍ୟକ୍ରମରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ଅନ୍ୟମାନେ ।

ପୁରୀ, ୫।୪(ଅଜିତ୍ ମହାନ୍ତି)

ପୁରୀ ସର୍କିଟ ହାଉସ ମ୍ୟାନେଜର ଦାୟିତ୍ୱରେ ଥିବା ଅଶୋକ କୁମାର ଦାସଙ୍କର ଗୁରୁବାର ରାତିରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ଦାସଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଶୁକ୍ରବାର ସର୍କିଟ ହାଉସଠାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସ୍ୱର୍ଗତ ଦାସଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରି ଦୁଇମିନିଟ ନୀରବ ପ୍ରାର୍ଥନା କରିଥିଲେ। ସେହିପରି ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପଜିଲାପାଳ ଗୋପୀନାଥ କୁଅଁର, ଅତିରିକ୍ତ ଉପଜିଲାପାଳ ନୀଳମାଧବ ମାଝୀ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ରାକେଶ କୁମାର ପଣ୍ଡା, ବିବେକାନନ୍ଦ ସାହୁ, ସହଦେବ ସାହୁ, ମନୀଷା ଷଡ଼ଙ୍ଗୀ, ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର, ବିଭିନ୍ନ ବିଭାଗର ଅଧିକାରୀ ଏବଂ ସର୍କିଟ ହାଉସ କର୍ମଚାରୀମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ସଂକ୍ଷେପରେ

### କଂଗ୍ରେସ କର୍ମୀ ସମ୍ମିଳନୀ

ନିମାପଡ଼ା, ୫।୪(ରଞ୍ଜନ ପଟ୍ଟନାୟକ):

ସ୍ଥାନୀୟ ଦିଘାଲୋ ନିକଟସ୍ଥ ମନସାକାନନ ଠାରେ ଶୁକ୍ରବାର ନିରୋଦ ବରଣ ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ କଂଗ୍ରେସ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିମାପଡ଼ା ନିର୍ବାଚନମଣ୍ଡଳୀ ଅଧୀନ ସମସ୍ତ ପଞ୍ଚାୟତ ଏବଂ ଏନ୍‌ଏସିର ଶତାଧିକ ଦଳୀୟ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ଖୁଣ୍ଟିଆ କହିଥିଲେ, ଉଭୟ ରାଜ୍ୟ ଓ କେନ୍ଦ୍ରରେ କ୍ଷମତାସୀନ ବିଜେଡି ଏବଂ ଭାଜପା ସରକାର ଭ୍ରଷ୍ଟାଚାରରେ ବୁଡିରହିଛନ୍ତି। ଆସନ୍ତା ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ କର୍ମୀମାନେ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ। ବୈଠକରେ ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା କବିତା ପ୍ରିୟଦର୍ଶିନୀ, ସୁଧୀର ମହାନ୍ତି, ଦେବେନ୍ଦ୍ର ପ୍ରଧାନ, ଅରକ୍ଷିତ ଜେନା, ଗୋବିନ୍ଦ ମଲ୍ଲିକ, ଅଜୟ ଦାଶ, ପ୍ରଦୀପ୍ତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

### ଚୋରା ମଦ କାରବାର: ଅଭିଯୁକ୍ତ ଗିରଫ

ଅସ୍ତରଙ୍ଗ, ୫।୪ (ମମତା ଜେନା):

ଅସ୍ତରଙ୍ଗ ଅଞ୍ଚଳରେ ଦେଶୀ ମଦ କାରବାର ବୃଦ୍ଧି ପାଇବାରେ ଲାଗିଛି। ନଈଗୁଆଁ, ଓସ୍ତପୁର, ଆଳସାହି ଭୀମାଛକ, ନଗର, ଅଠାତିରା, ଆଳଙ୍ଗପୁରର ଅନେକ ସ୍ଥାନରେ ଚୋରା ଦେଶୀ ମଦ ବିକ୍ରି ହେଉଛି। ବିଶେଷ ସୂତ୍ରରୁ ଖବର ପାଇ ଅସ୍ତରଙ୍ଗ ଥାନା ସବ୍‌ଇନ୍ସପେକ୍ଟର ଦୀପକ ସାମନ୍ତସିଂହାରଙ୍କ ନେତୃତ୍ୱରେ ଏଏସ୍‌ଆଇ ଖଗେଶ୍ୱର କରଙ୍କ ସହ ଏକ ଟିମ୍ ଆଳଙ୍ଗପୁରସ୍ଥିତ ରାଜେନ୍ଦ୍ର ସାହାଣୀଙ୍କ ଦୋକାନରେ ଚଢ଼ାଉ କରିଥିଲେ। ସେଠାରୁ ୩୨ଟି ଦେଶୀ ଆସ୍କାଫର୍ଟି ବୋତଲ ଓ ୬ଲିଟର ୪୦୦ ଗ୍ରାମ ଦେଶୀମଦ ଜବତ କରାଯାଇଛି। ରାଜେନ୍ଦ୍ରଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ଏକ ମାମଲା ରୁଜୁ ହୋଇଛି।

## ଟ୍ରେନ୍‌ରେ ଡକାୟତି ଯୋଜନା: ଧରାପଡ଼ିଲେ ୫




ପୁରୀ, ୫।୪(ଅଜିତ୍ ମହାନ୍ତି)

ଡକାୟତି ଯୋଜନା କରିବା ଅଭିଯୋଗରେ ୫ଜଣଙ୍କୁ ପୁରୀ ଆର୍‌ପିଏଫ୍ ଏବଂ ଜିଆର୍‌ପି ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପୁରୀ ଗଡ଼ିଶାଗଦା ଥାନା ଅଞ୍ଚଳର ଜୟନ୍ତ ବଳିଆରସିଂହ, ଗଞ୍ଜାମ ଜିଲାର ରଜନୀକାନ୍ତ ନାୟକ, କନ୍ଧମାଳ ଜିଲାର ବିଷ୍ଣୁଶଙ୍କର ନାୟକ, ପୁରୀ କୁମ୍ଭାରପଡା ଥାନା ଅଞ୍ଚଳର ପିଙ୍କୁ ବେହେରା ଏବଂ କେନ୍ଦ୍ରାପଡା ଜିଲାର ସୁନିଲ ରାଉତ। ପୋଲିସ ଅଭିଯୁକ୍ତମାନଙ୍କ ନିକଟରୁ ୩ ଛୁରି, ମାସ୍କ, ଲଙ୍କାଗୁଣ୍ଡ, ଟ୍ରେନ ଟିକେଟ୍, ୧୦ରୁ ଊର୍ଦ୍ଧ୍ୱ ମୋବାଇଲ ଫୋନ, କ୍ରାଇମ ମ୍ୟାପ୍, ସିଗାରେଟ ପ୍ୟାକେଟ୍ ଓ ଦିଆସିଲି ଜବତ କରିଛି। ପୋଲିସ ଏନେଇ ଏକ ମାମଲା (ନଂ. ୨୨/୨୪) ରୁଜୁ କରିଛି। ରେଲୱେ ପୋଲିସ ସୂଚନା ଅନୁଯାୟୀ, ପୁରୀ ଆର୍‌ପିଏଫ୍ ଏବଂ ଜିଆର୍‌ପି ପକ୍ଷରୁ ପାଟ୍ରୋଲିଂ କରାଯାଉଥିବା ବେଳେ ବିଶେଷ ସୂତ୍ରରୁ ଖବର ମିଳିଥିଲା ଯେ, କେତେଜଣ ଅସମାଜିକ ବ୍ୟକ୍ତି ବିଭିନ୍ନ ମାରଣାସ୍ତ୍ର ଧରି ଟ୍ରେନରେ ଡକାୟତି କରିବା ପାଇଁ ଯୋଜନା କରୁଛନ୍ତି। ଏହି ଖବର ପାଇ ପୋଲିସ ଚଢାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରି ଥାନାକୁ ଆଣି ପଚରାଉଚରା କରିବା ପରେ କୋର୍ଟ ଚାଲାଣ କରିଥିଲା।

## ରୌଦ୍ରତାପ ଅସହ୍ୟ: ଜଳଛତ୍ର ଖୋଲିଲା ନାହିଁ

### ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଣ ହେଉନି

କଣାସ, ୫।୪(ବିଭୂତି ଭୂଷଣ ତ୍ରିପାଠୀ):

ଦିନକୁ ଦିନ ରୌଦ୍ରତାପ ବୃଦ୍ଧି ପାଉଥିବାରୁ କଣାସ ଅଞ୍ଚଳରେ ଅସହ୍ୟ ତାତି ଅନୁଭବ ହେଉଛି । ପଞ୍ଚାୟତ ତରଫରୁ ପ୍ରତ୍ୟେକ ଗ୍ରାମର ଛକଜାଗାରେ ଜଳଛତ୍ର ଖୋଲାଯାଇ ପଥିକମାନଙ୍କୁ ପାନୀୟଜଳ ଯୋଗାଇବା ନିର୍ଦ୍ଦେଶ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ଜଳଛତ୍ର ଖୋଲି ନଥିବାରୁ ପଥିକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସେହିପରି କଣାସ ବ୍ଲକଟି ଚିଲିକା ଉପକୂଳରେ ଥିବାରୁ ବର୍ଷସାରା ପାନୀୟଜଳ ସଙ୍କଟ ଦେଖାଦେଇଥାଏ। ଏହି ଜଳ ସଙ୍କଟ ରୌଦ୍ରତାପ ସମୟରେ ଏପରି ଉଗ୍ରରୂପ ଧାରଣ କରେ ଯେ, ଜିଲା ଓ ବ୍ଲକର ପ୍ରଶାସନର ମୁଣ୍ଡବ୍ୟଥାର କାରଣ ହୋଇପଡ଼େ। ସେଥିପାଇଁ ପ୍ରତିବର୍ଷ କଣାସ ବ୍ଲକର ୨୮ଟି ଗ୍ରାମପଞ୍ଚାୟତରେ ଏପ୍ରିଲ ୨ତାରିଖଠାରୁ ଜୁନ୍ ୩୦ତାରିଖ ପର୍ଯ୍ୟନ୍ତ ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଇବା ପାଇଁ ବିଡିଓଙ୍କ ପକ୍ଷରୁ ନିର୍ଦ୍ଦେଶ ରହିଛି। କିନ୍ତୁ ଚଳିତ ବର୍ଷ କାଁଭାଁ କେତୋଟି ପଞ୍ଚାୟତରେ ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଇଦିଆଯାଉଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ କଣାସ ବିଡିଓ ନାରାୟଣ ସାହୁ କହିଛନ୍ତି, ଜଳଛତ୍ର ଖୋଲାଯାଇନଥିବାରୁ ମୁଁ ସମସ୍ତ ସରପଞ୍ଚଙ୍କୁ ଡାକିଛି। ଟ୍ୟାଙ୍କର ଯୋଗେ ଜଳ ଯୋଗାଇବା ପାଇଁ ନିର୍ଦ୍ଦେଶ ଥିବା ବେଳେ ମାତ୍ର ୭ଟି ପଞ୍ଚାୟତରେ ଟ୍ୟାଙ୍କର ଯୋଗେ ଜଳଯୋଗାଣ କାର୍ଯ୍ୟ ଆରମ୍ଭ ହୋଇଛି। ମୁଁ ଏ ନେଇ ତଦନ୍ତ କରିବି।

## ବର-ଓସ୍ତ ବିବାହ ଦେଲା ସଚେତନତା ବାର୍ତ୍ତା

ସାକ୍ଷୀଗୋପାଳ, ୫।୪(ଭରତ ରାଉତ) :

ପଶ୍ଚିମ ସତ୍ୟବାଦୀ ଅଧୀନ ଡାହାଣ ଗ୍ରାମରେ ବର ଓସ୍ତ ବିବାହ ସମ୍ପନ୍ନ ହୋଇଛି। ରୀତିନୀତି, ହୋମଯଜ୍ଞ ସହିତ ପୁରୋହିତଙ୍କ ମନ୍ତ୍ରଧ୍ୱନିରେ ଏହି ବିବାହ ଉତ୍ସବ ହୋଇଥିଲା। ବାହାଘର ପାଇଁ ବେଦି ବନ୍ଧାଯିବା ସହ ଯୋଡ଼ିମହୁରୀ ବାଜିଛି। ବାଜା, ବାଣରେ ସ୍ଥାନୀୟ ଅଞ୍ଚଳ କମ୍ପିଛି। ସେହିପରି ଭୋଜିଭାତର ଆୟୋଜନ କରାଯାଇଥିଲା। ବର କନ୍ୟାଙ୍କୁ ମଙ୍ଗୁଳା ପରି ଏମାନଙ୍କୁ ମଧ୍ୟ ହଳଦୀ ଲଗାଇ ମଙ୍ଗୁଳାଇବା ସହ ବନ୍ଦାପନା କରାଯାଇଥିଲା।ନିଜ ମାନସିକ ପୂରଣ ହେବା ପରେ ଦୁଇ ପରିବାର ମିଶି ଏହି ବିବାହ ଦାୟିତ୍ୱ ତୁଲାଇଥିଲେ। ଡାହାଣ ଗ୍ରାମର ରଞ୍ଜନ ସ୍ୱାଇଁ ବର ଅର୍ଥାତ ବରଗଛର ପିତା ହୋଇଥିବା ବେଳେ କୁନା ପ୍ରଧାନ କନ୍ୟା ଅର୍ଥାତ୍ ଓସ୍ତ ଗଛର ପିତା ଦାୟିତ୍ୱ ତୁଲାଇଥିଲେ। ଏହି ନିଆରା ବିବାହ ଦେଖିବା ପାଇଁ ଅଞ୍ଚଳର ଅନେକ ଲୋକ ଉପସ୍ଥିତ ଥିଲେ। ଏନେଇ ବରିଷ୍ଠ ନାଗରିକ ତଥା ସ୍ତମ୍ଭକାର ଦେବଚିତ୍ତ ମିଶ୍ର କହିଛନ୍ତି, ବିଶ୍ୱାସ ଓ ବୈଦିକ ମାନ୍ୟତା ଯାହା ଥାଉନା କାହିଁକି ବୃକ୍ଷ ହେଉଛି ଏ ପ୍ରାଣୀ ଜଗତ ପାଇଁ ଅତ୍ୟନ୍ତ ଦରକାରୀ। ବିଶେଷକରି ଉଭୟ ବର ଏବଂ ଓସ୍ତ ଗଛ ବାୟୁମଣ୍ଡଳକୁ ଅଧିକ ଅମ୍ଳଜାନ ଦେଇଥାନ୍ତି। ତେଣୁ ଏଗଛ ଲଗାଇବା ଉଚିତ। ବର ଓସ୍ତ ବାହାଘରରେ ଏହି ବାର୍ତ୍ତା ରହିଛି। ସେହିପରି ସାମାଜିକ କର୍ମୀ ସନ୍ତୋଷ କୁମାର ପଣ୍ଡା କହିଛନ୍ତି, ବୃକ୍ଷ ହିଁ ଜୀବନ। ଏହି ସଚେତନତା ବାର୍ତ୍ତା ଲୋକଙ୍କୁ ଦେବା ଉଦ୍ଦେଶ୍ୟରେ ଅନୁଷ୍ଠିତ ହୋଇଛି ବରଗଛ ସହିତ ଓସ୍ତ ଗଛର ବିବାହ କରାଯାଇଛି।


ବିବାହ କାର୍ଯ୍ୟ ସମ୍ପନ୍ନ କରାଯାଉଛି ।

## ଝାଡ଼େଶ୍ୱରୀ ଠାକୁରାଣୀଙ୍କ ୧୯ତମ ବାର୍ଷିକ ଉତ୍ସବ

ଚାରିଛକ, ୫।୪(ଶିଶିର ସ୍ୱାଇଁ):

ଚାରିଛକ ଥାନା ଅନ୍ତର୍ଗତ ଆଇଁଶମୂଳ ଗ୍ରାମର ମା' ଝାଡ଼େଶ୍ୱରୀ ଠାକୁରାଣୀଙ୍କ ୧୯ତମ ବର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ କର୍ତ୍ତା ଭାବେ କୁମର ମହାରଣା ଓ କର୍ତ୍ତ୍ରୀ ଭାବେ ମିନତୀ ମହାରଣା ଦାୟିତ୍ୱ ତୁଲାଇଥିଲେ। ଗ୍ରାମ ପୋଖରୀରୁ କଳସରେ ପାଣି ଆଣି ଯଜ୍ଞମଣ୍ଡପରେ ସ୍ଥାପନ କରାଯଇଥିଲା। ମୁଖ୍ୟ ପଣ୍ଡିତ ଅମୂଲ୍ୟ କୁମାର ମିଶ୍ର, ସୁବାସ ଚନ୍ଦ୍ର ମିଶ୍ର, ନିରଞ୍ଜନ ମିଶ୍ର, ମନୋରଞ୍ଜନ କର, ତପନ କୁମାର ମିଶ୍ର ଯଜ୍ଞ ଓ ପୂଜା କାର୍ଯ୍ୟ ଏବଂ ଝାଡ଼େଶ୍ୱରୀ ଠାକୁରାଣୀଙ୍କ ପୂଜକ ନବଘନ ଦାଶ ସହଯୋଗ କରିଥିଲେ। ଆଇଁଶିମୂଳ ଗ୍ରାମ ଯୁବକ ସଂଘ ଓ ଗ୍ରାମବାସୀ ସମସ୍ତ ସହଯୋଗ ଯୋଗାଇ ଦେଇଥିଲେ।

## ପ୍ରକଳ୍ପ ଉପସ୍ଥାପନା, ବିଦାୟ ସମ୍ବର୍ଦ୍ଧନା

ସାକ୍ଷୀଗୋପାଳ, ୫।୪ (ଭରତ ରାଉତ/ ପ୍ରଶାନ୍ତ କୁମାର ବାରିକ/ କିଶୋର ମହାପାତ୍ର):

ଉତ୍କଳମଣି ସ୍ମୃତି ମହାବିଦ୍ୟାଳୟର ସଭାଗୃହରେ ଶୁକ୍ରବାର ସଂସ୍କୃତ ବିଭାଗ +୩ ଶେଷବର୍ଷ ଛାତ୍ରୀଛାତ୍ରଙ୍କ ଡିଏସ୍‌ଇ-୪ ପ୍ରକଳ୍ପଉପସ୍ଥାପନା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବାହ୍ୟ ପରୀକ୍ଷକ ସୁରଜ ମଲ୍ଲ ଶାହା ମହାବିଦ୍ୟାଳୟର ସଂସ୍କୃତ ବିଭାଗ ପ୍ରାଧ୍ୟାପିକା ପ୍ରଫେସର ହରପ୍ରିୟା ମହାରଣାଙ୍କ ଉପସ୍ଥିତିରେ ଛାତ୍ରୀଛାତ୍ରୀମାନେ ନିଜ ନିଜ ପ୍ରକଳ୍ପ ଉପସ୍ଥାପନ କରିଥିଲେ। ଏଥିସହ ପ୍ରଫେସର ମହାରଣା ସେମାନଙ୍କୁ ପ୍ରକଳ୍ପର ବିଷୟ ସମ୍ବନ୍ଧରେ କିଛି ମୌଖିକ ପ୍ରଶ୍ନ ପଚାରିଥିଲେ। ପରେ ସମ୍ମାନ ବିଭାଗ +୩ ଦ୍ୱିତୀୟ ବର୍ଷ ଓ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ଦ୍ୱାରା ଶେଷ ବର୍ଷ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ସତ୍ୟଶିବ ସୁନ୍ଦର ମିଶ୍ର ସଭାପତିତ୍ୱ କରି ବିଦାୟୀ ଛାତ୍ରୀଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଓ ଉତ୍ତରୋତ୍ତର କାମନା କରିଥିଲେ। ବିଭାଗୀୟ ମୁଖ୍ୟା ପ୍ରାଧ୍ୟାପିକା ସୁଜାତା ମହାପାତ୍ର, ପ୍ରାଧ୍ୟାପିକା ଡ. କଳ୍ପନା କୁମାରୀ ମହାପାତ୍ର, ପ୍ରାଧ୍ୟାପିକା ସସ୍ମିତା ପ୍ରଧାନ ଛାତ୍ରୀଛାତ୍ରଙ୍କୁ ଉତ୍ତମ ଚରିତ୍ର ଗଠନ ସହ ଜୀବନର ଲକ୍ଷ୍ୟ ଧାର୍ଯ୍ୟ କରି ଅଧ୍ୟୟନ କଲେ ସଫଳତା ମିଳିବ ବୋଲି କହିଥିଲେ। ଶେଷରେ +୩ ଦ୍ୱିତୀୟ ବର୍ଷର ଛାତ୍ରୀ କଳ୍ପନା ନାୟକ ଧନ୍ୟବାଦ ଦେଇଥିଲେ।



ଅତିଥିଙ୍କ ସହ ଉପସ୍ଥିତ ଛାତ୍ରଛାତ୍ରୀ ।

## ଗଙ୍ଗାଧର ମହାପାତ୍ରଙ୍କ ଜୀବନୀ ଉପରେ ଆଲୋକପାତ

### ଅଷ୍ଟାଦଶତମ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ ପାଳିତ

ପୁରୀ, ୫।୪(ଅଜିତ୍ ମହାନ୍ତି)

ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଗଙ୍ଗାଧର ମହାପାତ୍ରଙ୍କ ଅଷ୍ଟାଦଶତମ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ ଶୁକ୍ରବାର ବଡ଼ଦାଣ୍ଡସ୍ଥ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚଠାରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଡ. ନୀଳକଣ୍ଠ ପତି ପୌରୋହିତ୍ୟ କରିଥିଲେ। ଉଦ୍‌ଘାଟକ ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଶଶିକାନ୍ତ ମିଶ୍ର ଏବଂ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସ୍ନାୟୁଶଲ୍ୟ ଚିକିତ୍ସକ ଅଶୋକ କୁମାର ମହାପାତ୍ର ମଞ୍ଚାସୀନ ଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ଅର୍ଥ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ଏବଂ ସମ୍ମାନିତ ଅତିଥି ଭାବେ ମୁକ୍ତିମଣ୍ଡପ ପଣ୍ଡିତ ସଭା ସମ୍ପାଦକ ଚିତ୍ତରଞ୍ଜନ ମିଶ୍ର ଯୋଗଦେଇଥିଲେ। ଅତିଥିମାନେ ସ୍ୱର୍ଗତ ଗଙ୍ଗାଧର ମହାପାତ୍ରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ତାଙ୍କ ଜୀବନାଦର୍ଶ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ଚଳିତ ବର୍ଷ ଆଇନସେବା ପାଇଁ ସୌର୍ଯ୍ୟକାନ୍ତ ପାଢ଼ୀ, ଜୟଦେବ ମିଶ୍ର, ସମାଜସେବା ଓ ନାଟ୍ୟ ନିର୍ଦ୍ଦେଶନା ପାଇଁ ବିଭୂତି ଭୂଷଣ ପଟ୍ଟନାୟକ ଏବଂ ଶ୍ରେଷ୍ଠ ଆଇନ ସ୍ନାତକ ଗୌରଭ ରାଲହନଙ୍କୁ ଗଙ୍ଗାଧର ମହାପାତ୍ର ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଆଇନଜୀବୀ ଉମାବଲ୍ଲଭ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ଚକ୍ରଧର ମହାପାତ୍ର ସମ୍ପାଦକୀୟ ବିବରଣୀ ପାଠ ସହ ସଭାକାର୍ଯ୍ୟ ସଂଯୋଜନା କରିଥିଲେ। ପୁରୀ ଓକିଲ ସଂଘ ସଭାପତି ଆଇନଜୀବୀ ଆଦିତ୍ୟ ହୃଦୟ ମିଶ୍ର, ପୂର୍ବତନ ସଭାପତି ରାମପ୍ରସାଦ ଦାଶ, ପୂର୍ବତନ ସଭାପତି ପୁଷ୍କର ମହାପାତ୍ର, ସୁରେନ୍ଦ୍ରନାଥ ଦାଶ, ବୀରେନ୍ଦ୍ର ମହାନ୍ତି, ବିଶ୍ୱନାଥ ବେହେରା, ରାଧାକାନ୍ତ ଦାଶ, ଡ. ହେମନ୍ତ କୁମାର ଛୋଟରାୟ, ଚନ୍ଦ୍ରଶେଖର ମହାରାଣା, ଲୋକନାଥ ମହାନ୍ତି, ପ୍ରବାସିନୀ ମିଶ୍ର, ରୋହିତ ମହାପାତ୍ର, ଶିବପ୍ରସାଦ ମିଶ୍ର, ଅନନ୍ତ ପ୍ରଧାନ, ହରିହର ପାଢୀ, ଅଶୋକ ମହାନ୍ତି, ଜୀବେଶ ଚନ୍ଦ୍ର ରଥ, ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ସୁରେଶ ପଟ୍ଟନାୟକ, ଜାନକୀ ବଲ୍ଲଭ ମହାପାତ୍ର, ଲକ୍ଷ୍ମୀବଲ୍ଲଭ ମହାପାତ୍ର, ଭାରତୀଭୂଷଣ ଦାସ, ନୀଳକଣ୍ଠ ମହାନ୍ତି, ମହେଶ୍ୱର ହାତୀ, ଗୁଣ୍ଡିଚା ବରାଳ,ଜୟରାମ ବସ୍ତିଆ, ରୁଦ୍ର ନନ୍ଦନ ମିଶ୍ର, ସୌମ୍ୟରଞ୍ଜନ ସ୍ୱାଇଁ, ଶିବପ୍ରସାଦ ମିଶ୍ର, ମିନତି ପଟ୍ଟନାୟକ, ଦେବଦତ୍ତ ନାୟକ ପ୍ରମୁଖଙ୍କ ସମେତ ଗଙ୍ଗାଧର ମହାପାତ୍ରଙ୍କ ପରିବାରବର୍ଗ ଉପସ୍ଥିତ ଥିଲେ। ସ୍ମୃତି କମିଟିର ଯୁଗ୍ମ ସମ୍ପାଦକ ବୀରେନ୍ଦ୍ରଭୂଷଣ ହୋତା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକାରୀ ସମ୍ପାଦକ ବିପିନ ବିହାରୀ ଦଳାଇ, ଆରତୀ ଜେ. ଦାସ, ସୌମ୍ୟରଞ୍ଜନ ସ୍ୱାଇଁ, ସତ୍ୟବ୍ରତ ରଥ, ପୁଷ୍କର ମହାପାତ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲେ। ସେହିପରି ସକାଳେ ଗଙ୍ଗାଧର ମହାପାତ୍ରଙ୍କ ଜନ୍ମସ୍ଥାନ ବିଶ୍ୱନାଥପୁରଠାରେ ସ୍ଥାପିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସ୍ମୃତି ସଭାରେ ଗୋପୀନାଥ ଦେବ ନୋଡାଲ ବିଦ୍ୟାପୀଠ, ବିଶ୍ୱନାଥପୁରରେ ସର୍ବୋଚ୍ଚ ନମ୍ବର ରଖିଥିବା ୭ମ ଶ୍ରେଣୀର ରଶ୍ମିତା ପରିଡ଼ା, ୮ମ ଶ୍ରେଣୀର ତୃପ୍ତାଞ୍ଜଳି ବିଶ୍ୱାଳ, ୯ମ ଶ୍ରେଣୀର ଚିରଞ୍ଜିବୀ ବିଶୋଇ ଏବଂ ଦଶମ ଶ୍ରେଣୀର ସତ୍ୟଜିତ୍ ଶତପଥୀଙ୍କୁ ପ୍ରୋତ୍ସାହନ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ଗୋପୀନାଥଦେବ ନୋଡାଲ ବିଦ୍ୟାପୀଠରେ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ତ୍ରିପାଠୀ ସଭାପତିତ୍ୱ କରିଥିବା ବେଳେ ଦାମୋଦର ମିଶ୍ର ଅତିଥିଙ୍କୁ ସ୍ୱାଗତ କରିଥିଲେ। ଗଙ୍ଗାଧର ମହାପାତ୍ରଙ୍କ ପୁତ୍ର ଉମାବଲ୍ଲଭ ମହାପାତ୍ର, ଆଇନଜୀବୀ ପୁଷ୍କର ମହାପାତ୍ର ଏବଂ ଟିକିତାରା ଶିଶୁ ପତ୍ରିକାର ସମ୍ପାଦକ ତଥା ଆଇନଜୀବୀ ବିପିନ ବିହାରୀ ଦଳାଇ ସ୍ୱର୍ଗତ ମହାପାତ୍ରଙ୍କ ଜୀବନୀ ସମ୍ପର୍କରେ ପିଲାମାନଙ୍କୁ କହିଥିଲେ। ସେହିପରି ସତ୍ୟବାଦୀ ବସ୍‌ଷ୍ଟାଣ୍ଡ ନିକଟରେ ସ୍ଥାପିତ ପଞ୍ଚସଖାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ବିଶ୍ୱନାଥପୁର ଗ୍ରାମରେ ସ୍ଥାପିତ ଗଙ୍ଗାଧର ମହାପାତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ବିଦ୍ୟାଳୟ ପରିସରସ୍ଥ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।



କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ ।

## ସଂକ୍ଷେପରେ

### କ୍ୟାପିଟାଲ ହସ୍ପିଟାଲ: ରୋଗୀଙ୍କ ସମ୍ପର୍କୀୟ ପାଇଁ ହେବ ବିଶ୍ରାମସ୍ଥଳୀ

ଭୁବନେଶ୍ୱର, ୫।୪(ଅସମାପିକା ସାହୁ)– କ୍ୟାପିଟାଲ ହସ୍ପିଟାଲରେ ରୋଗୀଙ୍କ ସମ୍ପର୍କୀୟ ପାଇଁ ବିଶ୍ରାମସ୍ଥଳୀ ନିର୍ମାଣ ହେବ। ଏଥିପାଇଁ ୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବ। ଏ ନେଇ ଶୁକ୍ରବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। କେଉଁ ଦିଗରେ କେତେ ଟଙ୍କା ଖର୍ଚ୍ଚ ହେବ ସେ ନେଇ ସବିଶେଷ ସୂଚନା ଦିଆଯାଇଛି। ୨୦୦ ଶଯ୍ୟା ବିଶିଷ୍ଟ ଏହି ବିଶ୍ରାମ ସ୍ଥଳୀ ପାଇଁ ସ୍ୱାସ୍ଥ୍ୟ ବିଭାଗର ପ୍ରଶାସନିକ ଅନୁମୋଦନ ମିଳିଥିବା ସେଥିରେ ଉଲ୍ଲେଖ କରାଯାଇଛି। ଏଥିପାଇଁ ୮ କୋଟି ୮୧ଲକ୍ଷ ୭୭ହଜାର ୩୦୦ଟଙ୍କା ଖର୍ଚ୍ଚ ହେବ। ଅନୁମୋଦିତ ହୋଇଥିବା ଟଙ୍କା ଠାରୁ ଅଧିକ ଟଙ୍କା ଖର୍ଚ୍ଚ ନ କରିବା ପାଇଁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଶୀଘ୍ର ଏହି କାମ ସାରିବା ପାଇଁ ମଧ୍ୟ କୁହାଯାଇଛି।

### ସାଇବର ଥାନା ହାତରେ ଯୁକ୍ତ୨ ପାସ୍ ଠକ
### ବହୁଗୁଣ ଲାଭ ଦେବା ଆଳରେ ୮୫ ଲକ୍ଷରୁ ଊର୍ଦ୍ଧ୍ୱ ଠକେଇ

ଭୁବନେଶ୍ୱର,୫।୪(ସତ୍ୟଜିତ୍ ରାଉତ): ବହୁଗୁଣ ଲାଭ ଦେବା ଆଳରେ ୮୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ମାମଲାରେ ଭୁବନେଶ୍ୱର ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଥାନା ପୋଲିସ ଜଣେ ଯୁକ୍ତ୨ ପାସ୍ ଠକଙ୍କୁ ଶୁକ୍ରବାର ଗିରଫ କରିଛି। ଅଭିଯୁକ୍ତ ହେଲେ ପୁରୀ ଜିଲା ସଦର ଥାନା ଅନ୍ତର୍ଗତ ଆମ୍ବପଡ଼ାର ପ୍ରକାଶ ଚନ୍ଦ୍ର ସ୍ୱାଇଁ ଓରଫ ଗୁଗୁନା (୨୫)। ଏବେ



ସେ ଖଣ୍ଡଗିରି ଥାନା ଅନ୍ତର୍ଗତ ଡୁମୁଡୁମାରେ ରହୁଛନ୍ତି। କୋର୍ଟଚାଲାଣ ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ପ୍ରକାଶ ପୂର୍ବରୁ ଅନଲାଇନ୍ ଗିଫ୍ଟ କାର୍ଡ ବ୍ୟବସାୟ କରୁଥିଲେ।ଅଧିକ ଟଙ୍କା ରୋଜଗାର କରିବା ଆଶାରେ ସେ ତାଙ୍କ ଗ୍ରାହକଙ୍କୁ ଟାର୍ଗେଟ୍ କରିଥିଲେ। ପୁରୀ ଜିଲା ସଦର ଥାନା ଅଞ୍ଚଳର ବିଶ୍ୱଜିତ ମହାନ୍ତି ଓ ପ୍ରକାଶ ଚୌଧୁରୀଙ୍କୁ ସେ ନିଜ କୋଲ୍ଲିନ୍ ପ୍ରାଇଭେଟ ଲିଃ ଓ ପ୍ରକାଶ କମ୍ୟୁନିକେଶନ୍ ନାମରେ ଦୁଇଟି କମ୍ପାନୀ ଥିବା କହି ଡକୁମେଣ୍ଟ ଦେଖାଇଥିଲେ। ତାଙ୍କ କମ୍ପାନୀରେ ଟଙ୍କା ଲଗାଇଲେ ସପ୍ତାହକୁ ବହୁଗୁଣ ଲାଭ ଦେବେ ବୋଲି କହିଥିଲେ। ବିଶ୍ୱଜିତ ଓ ପ୍ରକାଶ ତାଙ୍କୁ ୨୦୨୨ ମସିହାରେ ୮୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଦେଇଥିଲେ। ଅଭିଯୁକ୍ତ ପ୍ରକାଶ ଉଭୟଙ୍କ ଟଙ୍କା ଆଣି ଷ୍ଟକ୍ ଟ୍ରେଡିଂରେ ଲଗାଇ ଦେଇ ସବୁ କ୍ଷତି ସହିଥିଲେ। ବିଶ୍ୱଜିତ ଓ ପ୍ରକାଶ ଟଙ୍କା ଫେରାଇବାକୁ କହିବାରୁ ଅଭିଯୁକ୍ତ ଆଜିକାଲି କହି ଧରାଛୁଆଁ ଦେଇନଥିଲେ। ଅଭିଯୋଗକାରୀ ଏନେଇ ହାଇକୋର୍ଟରେ ପିଟିଶନ୍ ଫାଇଲ କରିବା ପରେ ଭୁବନେଶ୍ୱର ସାଇବର ଥାନାକୁ ତଦନ୍ତ ନିର୍ଦ୍ଦେଶ ହୋଇଥିଲା। ସାଇବର ଥାନା ପୋଲିସ ମାମଲା (ନଂ.୧୧୯/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ପ୍ରକାଶ ଏହିଭଳି ଅନ୍ୟଲୋକଙ୍କୁ ଠକିଥିବା ପୋଲିସ ସନ୍ଦେହ କରି ଅଧିକ ତଦନ୍ତ ଜାରି ରଖିଛି।

# ପିଇବା ପାଣି ପାଇଁ ଡହଳବିକଳ ପଥଚାରୀ

## ଭଣ୍ଡାଇଦେଲା ବିଏମ୍‌ସି ଜଳସେବା ଶିବିର

ଭୁବନେଶ୍ୱର, ୫।୪ (ବନ୍ଦନା ସେଠୀ)

ରାଜଧାନୀ ଭୁବନେଶ୍ୱରରେ ତାପମାତ୍ରାରେ ହଠାତ୍ ୬ ଡିଗ୍ରୀ ବୃଦ୍ଧି ଚିନ୍ତା ବଢ଼ାଇ ଦେଇଛି। ଶୁକ୍ରବାର ସହରର ତାପମାତ୍ରା ୪୩ ଡିଗ୍ରୀ ଟପିବା ସହ ଏସିଆ ମହାଦେଶର ଷଷ୍ଠ ଓ ଭାରତର ଦ୍ୱିତୀୟ ଉତ୍ତପ୍ତ ସହର ଭାବେ ପରିଗଣିତ ହୋଇଛି। ସକାଳ ଟାଇଁଟାଇଁ ଖରାକୁ ଗରମ ପବନ ସନ୍ଧ୍ୟା ପର୍ଯ୍ୟନ୍ତ ଲାଗି ରହିଥିଲା। ଲୋକେ ଘରୁ ବାହାରିବାକୁ ଭୟ କରିଥିଲେ ମଧ୍ୟ ଜରୁରୀ କାମରେ ଛାତ୍ରୀଛାତ୍ର, ଶ୍ରମିକ ଓ ସାଧାରଣ ଲୋକଙ୍କ ଆତଯାତ ରହିଥିଲା। ହେଲେ ଗରମ ପବନରେ ଲୋକଙ୍କ ତଣ୍ଟି ଶୁଖିଯାଉଥିବା ଭଳି ଅନୁଭବ କରୁଥିଲେ। ଖରାଯୋଗୁ ଅଧିକାଂଶ ଦୋକାନ ବଜାର ବନ୍ଦ ରହିଥିବାରୁ ଲୋକଙ୍କୁ ପିଇବା ପାଣି ଓ ମୃଦୁ ପାନୀୟ ପାଇଁ ବହୁ ବାଟ ଯିବାକୁ ପଡିଥିଲା। ବିଶେଷକରି ଶ୍ରମିକ, ଛାତ୍ରୀଛାତ୍ର ଓ ପଥଚାରୀମାନେ ପିଇବା ପାଣି ପାଇଁ ଡହଳବିକଳ ହେଉଥିବା ଦେଖିବାକୁ ମିଳିଥିଲା। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଜଳସେବା ଶିବିର ଖୋଲିଥିଲେ ମଧ୍ୟ ଏପରି ସମୟରେ ଅଧିକାଂଶ କାମକୁ ଆସି ନ ଥିଲା। ସହରରେ ପଥଚାରୀଙ୍କୁ କିପରି ସ୍ୱଚ୍ଛ ଜଳ ମିଳି ପାରିବ ସେ ନେଇ ଆବଶ୍ୟକ ବ୍ୟବସ୍ଥା କରାଯିବା ସହ ଲୋକଙ୍କୁ ନିୟୋଜିତ କରାଯାଇଥିବା ମେୟର ସୁଲୋଚନା ଦାସ କହୁଥିଲେ ମଧ୍ୟ ବାସ୍ତବ ସ୍ଥିତି କିନ୍ତୁ ଭିନ୍ନ ଥିଲା। ପ୍ରାୟ ମାସେ ହେବ ସହରର ବିଭିନ୍ନ ସ୍ଥାନରେ ଜଳସେବା ଶିବିର ଖୋଲା ଯାଇଥିଲେ ବି ଏଗୁଡ଼ିକ ସେବାରେ ଲାଗିପାରୁ ନ ଥିବା 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିଲା। ହେଲେ ବିଏମ୍‌ସି ଘଟଣାକୁ ଗୁରୁତ୍ୱ ନ ଦେବାରୁ ଶୁକ୍ରବାର ଅହସ୍ୟ ଖରାତାତିରେ ଆଉଟୁପାଉଟୁ ହେଉଥିବା ଲୋକେ ବିଏମ୍‌ସିର ଜଳସେବା ଶିବିର ନିକଟକୁ ଯାଇ ନିରାଶ ହୋଇ ଫେରୁଥିବା ଦୃଶ୍ୟ ବେଶ୍ କଷ୍ଟଦାୟକ ଥିଲା। ଅନେକ ସ୍ଥାନରେ ଖୋଲିଥିବା ଶିବିରରେ ମାଠିଆ ନ ଥିବାବେଳେ ଆଉ କେତେକ ସ୍ଥାନରେ ମାଠିରେ ପାଣି ନ ଥିଲା। ପୁଣି କେଉଁଠି ବି ପାଣି ଦେବାକୁ ଲୋକ ନ ଥିଲେ। ଏହାକୁ ନେଇ ଶୋଷରେ ଥିବା ପଥଚାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଟାଇଁଟାଇଁ ଖରାରେ କିଛି ଲୋକ ରସୁଲଗଡ଼ସ୍ଥିତ ଜଳଛତ୍ର ନିକଟରେ ପାଣି ପିଇବାକୁ ପହଞ୍ଚିଲେ। ଜଳଛତ୍ରରେ ଦୁଇଟି ମାଠିଆ ଘୋଡ଼ାହୋଇ ଥୁଆ ହୋଇଥିଲା। ମାତ୍ର ପାଣି ଦେବାକୁ କେହି ନ ଥିଲେ। ନିଜେ ପାଣି ପିଇବବେ ବୋଲି ଘୋଡ଼ଣି କାଢ଼ିଲା ବେଳକୁ ମାଠିଆ ଖାଲି। ତେଣୁ ନିରାଶ ହୋଇ ସେଠାରୁ ଫେରିଥିଲେ। ଏହା କେବଳ ଗୋଟିଏ ଦିନର ବା ଗୋଟିଏ ଅଞ୍ଚଳର ଘଟଣା ନୁହେଁ। ସହରର ଅନେକ ସ୍ଥାନରେ ଏଭଳି ଖାଲି ଜଳସେବା ଶିବିର ଏବଂ ଖାଲି ମାଠିଆ ରଖି ବିଏମ୍‌ସି ଭଣ୍ଡାଇ ଚାଲିଛି। ହାତଗଣତି କେତେକ ଶିବିରରେ ଲୋକଙ୍କୁ ନିୟୋଜିତ କରି ତାହାର ଫଟୋ ନିଜ ଏକ୍ସ ଆକାଉଣ୍ଟରେ ପୋଷ୍ଟ କରୁଛି। ଏଥିସହ ସମସ୍ତ ୱାର୍ଡରେ ୨ଟି ଲେଖାଏ ଶିବିର କରିବା ସହ ନିୟମିତ ଭାବେ ପାଣି ବଦଳା ଯାଉଥିବା କହି ବାହାବା ନେବାକୁ ଚେଷ୍ଟା କରୁଛି। ତେବେ ଏ ସମ୍ପର୍କରେ ଜଳ ସେବା ଶିବିର ଦାୟିତ୍ୱରେ ଥିବା ବିଏମ୍‌ସିର ଜରୁରୀକାଳୀନ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅଧିକାରୀ ଧନଞ୍ଜୟ ମହାନ୍ତିଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

### ଅଂଶୁଘାତ ମୁକାବିଲା ପାଇଁ ପଦକ୍ଷେପ ନିଆଯାଉଛି : ମେୟର

ଭୁବନେଶ୍ୱର, ୫।୪ (ବନ୍ଦନା ସେଠୀ) - ପ୍ରବଳ ଗ୍ରୀଷ୍ମ ପ୍ରବାହ ପାଇଁ କଲବଲ ହେଲେଣି ରାଜଧାନୀବାସୀ। ଶୁକ୍ରବାର ସହରରେ ତାପମାତ୍ରା ୪୩ ଡିଗ୍ରୀ ପାର୍ କରିଥିବାବେଳେ ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସତର୍କତା ଅବଲମ୍ବନ କରାଯାଇଛି। ସହରର ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲାଯିବା ସହ ସେଠାରେ ପଥଚାରୀଙ୍କୁ ଜଳ ଯୋଗାଇବାକୁ ଲୋକଙ୍କୁ ନିୟୋଜିତ କରାଯାଇଛି। ଏହାବାଦ୍ କ୍ୟାପିଟାଲ୍ ହସ୍ପିଟାଲ ଏବଂ ଅନ୍ୟାନ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଂଶୁଘାତର ଆଶୁ ଚିକିତ୍ସା ପାଇଁ ବ୍ୟବସ୍ଥା କରାଯାଇଥିବା ମେୟର ସୁଲୋଚନା ଦାସ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଅଂଶୁଘାତ ଆକ୍ରାନ୍ତଙ୍କ ଚିକିତ୍ସା ଲାଗି କ୍ୟାପିଟାଲ ହସ୍ପିଟାଲରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସେହିପରି ଶ୍ରମିକଙ୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କ୍ରାଉନ୍ ହୋଟେଲ ନିକଟ, କଳ୍ପନା ଛକ ଏବଂ ଡୁମୁଡୁମାସ୍ଥିତ ଆଇଟିସି ୱେଲ୍‌କମ୍ ହୋଟେଲ ନିକଟରେ ସେଡ୍ ନିର୍ମାଣ କରାଯାଉଛି। ବିଡିଏ ପକ୍ଷରୁ ଏହାର ନିର୍ମାଣ କାର୍ଯ୍ୟ ଚାଲିଛି। ନିର୍ମାଣ ସରିବା ପରେ ଶ୍ରମିକମାନଙ୍କୁ ଖରା, ବର୍ଷା ଦାଉରୁ ରକ୍ଷା ମିଳିବ। ଏହାବାଦ୍ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ମଧ୍ୟ କରାଯାଉଛି। ଏଥିସହ ବିଏମ୍‌ସି ତାର ଏକ୍ସ ଆକାଉଣ୍ଟରେ ସତର୍କ ସୂଚନା ଜାରି କରିଛି। ଟାଣ ଖରାରେ ବାହାରକୁ ଯିବାକୁ ବାରଣ କରାଯିବା ସହ ଖରାରେ କଠିନ ପରିଶ୍ରମ ନ କରିବା, ବାହାରକୁ ଗଲେ ସାଙ୍ଗରେ ପାଣି ବୋତଲ, କଳା ଚଷମା, ଯୋତା, ଚପଲ, ମୁଣ୍ଡରେ ଟୋପି, ଛତା, ଓଦା ଗାମୁଛା ବ୍ୟବହାର କରିବା, ପ୍ରଚୁର ପରିମାଣର ପାଣି, ଓଆର୍‌ଏସ୍ ଦ୍ରବଣ, ପଣା, ତୋରାଣି, ଘୋଳଦହି ଆଦି ପିଇବା, ଅଂଶୁଘାତରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ଯଥାଶୀଘ୍ର ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ପାଇଁ ପରାମର୍ଶ ଦିଆଯାଇଛି।




ରସୁଲଗଡ଼ ଛକରେ ଥିବା ବିଏମ୍‌ସିର ଜଳସେବା ଶିବିରରେ ପାଣି ନ ଥିବାରୁ ଲୋକେ ଶୋଷରେ ରହିଛନ୍ତି।

# ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ସନ୍ଧ୍ୟା




ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ସନ୍ଧ୍ୟାରେ ଶୁଭ୍ରାଂଶୀ ରାଉତ ସଙ୍ଗୀତ ପରିବେଷଣ କରୁଛନ୍ତି।

ଭୁବନେଶ୍ୱର,୫।୪(ଶର୍ମିଷ୍ଠା ପାଣିଗ୍ରାହୀ)

ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ସନ୍ଧ୍ୟା ଶୁକ୍ରବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଡ଼ିଶାର ବିଶିଷ୍ଟ ତବଲା ବାଦକ ହରମୋହନ ଖୁଣ୍ଟିଆ, ସମ୍ମାନିତ ଅତିଥି ଭୁବନେଶ୍ୱର ମ୍ୟୁଜିକ ସର୍କଲର ସଭାପତି ଡ. ଅରବିନ୍ଦ ବେହେରା ଓ ମର୍ଦ୍ଦଳ ବାଦକ ଧନେଶ୍ୱର ସ୍ୱାଇଁ ଯୋଗଦେଇଥିଲେ। ସଙ୍ଗୀତ କାର୍ଯ୍ୟକ୍ରମର ପ୍ରଥମ ଅର୍ଘ୍ୟରେ ଶିଶୁ କଳାକାର ଦିବ୍ୟାଶୀ ରାଉତଙ୍କ ଦ୍ୱାରା ବେହେଲା ବାଦନ ପରିବେଷିତ ହୋଇଥିଲା। ସେ ବାଗେଶ୍ରୀ ରାଗରେ ବିଲମ୍ବିତ, ମଧ୍ୟଲୟ ଏବଂ ଦୃତଲୟରେ ଯୋଡ, ଝାଲା ଆଦି ପରିବେଷଣ କରିଥିଲେ। ଏହା ପରେ ଦାଦ୍ରାତାଳରେ ଏକ ଧୂନ ଉପସ୍ଥାପନ କରିଥିଲେ। ତାଙ୍କୁ ତବଲାରେ ସହଯୋଗ କରିଥିଲେ ଗୁରୁ କୃଷ୍ଣଚନ୍ଦ୍ର ବରାଳ। ଅଧ୍ୟାପକ ପ୍ରଶାନ୍ତ କୁମାର ପାଢୀ ନିର୍ଦ୍ଦେଶନା ଦେଇଥିଲେ। ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ କଣ୍ଠ ସଙ୍ଗୀତ ଗାୟନରେ କୁମାରୀ ଶୁଭ୍ରାଂଶୀ ରାଉତ ଧନାଶ୍ରୀ ରାଗରେ ବିଲମ୍ବିତ ଖୟାଲ, ମଧ୍ୟଲୟ ଛୋଟାଖୟାଲ ତିନ ତାଳରେ ଏବଂ ଦୃତଲୟ ଦୃତ ଏକତାଳରେ, ଅତିଦୃତଲୟରେ ତରାନା ପରିବେଷଣ କରିଥିଲେ। ଶେଷରେ ସେ ଭୈରବୀ ରାଗରେ ଭଜନ ଗାଇ କାର୍ଯ୍ୟକ୍ରମକୁ ସମାପନ କରିଥିଲେ। ତାଙ୍କୁ ତବଲାରେ ଗୁରୁ କୃଷ୍ଣଚନ୍ଦ୍ର ବରାଳ, ହାରମୋନିୟମରେ ଗୁରୁ ବିମଳାନନ୍ଦ ନାୟକ ଏବଂ ତାନପୁରାରେ ସୁଶ୍ରୀ ସସ୍ମିତା ବେହେରା ସହଯୋଗ କରିଥିଲେ। ଏହି ଗାୟନ କାର୍ଯ୍ୟକ୍ରମରେ ସମସ୍ତ ନିର୍ଦ୍ଦେଶନା ଓ ସ୍ୱର ସଂଯୋଜନା କରିଥିଲେ ଗୁରୁଜୀ ବିଜୟାନନ୍ଦ ନାୟକ।

## ଅଭିଯୁକ୍ତଙ୍କୁ ଅଢ଼େଇ ବର୍ଷ ଜେଲଦଣ୍ଡ

### ହରିଶ୍ଚନ୍ଦ୍ର ଯୋଜନା ଅର୍ଥ ହଡ଼ପ ମାମଲା

କଟକ,୫।୪(କାର୍ତ୍ତିକ ସାହୁ)

କଟକ ଜିଲାପାଳଙ୍କ କାର୍ଯ୍ୟାଳୟରୁ ହରିଶ୍ଚନ୍ଦ୍ର ଯୋଜନା ଅର୍ଥ ହଡ଼ପ ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। କଟକ ଚିଫ୍ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ ତଥା ସହକାରୀ ସେସନ୍ସ ଜଜ୍ ଅଭିଯୁକ୍ତ ବିଭୂତି ଭୂଷଣ ମିଶ୍ରଙ୍କୁ ଅଢ଼େଇ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଟଙ୍କା ହଡ଼ପ ସମ୍ପର୍କରେ କଟକ ଜିଲାପାଳଙ୍କ କାର୍ଯ୍ୟାଳୟର ପଞ୍ଚାୟତ ଅଫିସର ରଜନୀକାନ୍ତ ସାହୁ ୨୦୧୬ ଜୁଲାଇ ୨୧ରେ ଲାଲ୍‌ବାଗ୍ ଥାନାରେ ଅଭିଯୋଗ କରିଥିଲେ। ସେ ଏତଲାରେ ଦର୍ଶାଇଥିଲେ, କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ଅଧୀନ ଜିପି ବିଭାଗରେ କାର୍ଯ୍ୟ କରୁଥିବା ନରସିଂହପୁର ବ୍ଲକ୍‌ର ପିଇଓ ବିଭୂତି ଭୂଷଣ ମିଶ୍ର ହରିଶ୍ଚନ୍ଦ୍ର ଯୋଜନାରେ ୨ ଲକ୍ଷ ୫୬ ହଜାର ଟଙ୍କା ହଡ଼ପ କରିଛନ୍ତି। ଏନେଇ ପୋଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏଥିସହ କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା। କଟକ ଚିଫ୍ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ ତଥା ସହକାରୀ ସେସନ୍ସ ଜଜ୍‌ଙ୍କ କୋର୍ଟରେ ମାମଲାର ଶୁଣାଣି ହୋଇଥିଲା।

## ଖୋର୍ଦ୍ଧା ଜିଲାରେ ସ୍କୁଲ ସମୟ ବଦଳିଲା

### ସକାଳ ସାଢ଼େ ୬ଟାରୁ ସାଢ଼େ ୧୦ଟା ପାଠପଢ଼ା

ଭୁବନେଶ୍ୱର, ୫।୪(ଅସମାପିକା ସାହୁ)

ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ଜିଲାରେ ସ୍କୁଲ ସମୟ ପରିବର୍ତ୍ତନ କରାଯାଇଛି। ଦ୍ୱାଦଶ ଶ୍ରେଣୀ ଯାଏ ସମସ୍ତ ସ୍କୁଲ ଓ ଅଙ୍ଗନୱାଡ଼ି ପାଇଁ ସମୟ ନିର୍ଘଣ୍ଟ ହୋଇଛି। ସକାଳ ସାଢ଼େ ୬ଟାରୁ ସ୍କୁଲ ଖୋଲିବ ଓ ସାଢ଼େ ୧୦ଟାରେ ଛୁଟି ହେବ। ଜିଲାର ସମସ୍ତ ସରକାରୀ, ଘରୋଇ ଏବଂ ଅନୁଦାନପ୍ରାପ୍ତ ସ୍କୁଲ ଏହାକୁ ମାନିବେ। ଏ ନେଇ ଶୁକ୍ରବାର ଖୋର୍ଦ୍ଧା ଜିଲାପାଳ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ଶୁକ୍ରବାର ଅପରାହ୍ନରେ ପାଣିପାଗ ବିଭାଗର ହିଟ୍ ୱେଭ୍ ରିପୋର୍ଟ ଆସିବା ପରେ ସ୍କୁଲ ସମୟ ବଦଳାଇବାକୁ ନିଷ୍ପତ୍ତି ନିଆଯାଇଛି। ଏହା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ସକାଳ ୭ଟାରୁ ପୂର୍ବାହ୍ନ ସାଢ଼େ ୧୧ଟା ପର୍ଯ୍ୟନ୍ତ ସ୍କୁଲ ଖୋଲିବା ପାଇଁ ନିର୍ଦ୍ଦେଶ ଥିଲା।

## ଚୋରି ମାମଲା: ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ରଙ୍କୁ ୨ବର୍ଷ ଜେଲ ଦଣ୍ଡ

ଭୁବନେଶ୍ୱର,୫।୪ (ସୂର୍ଯ୍ୟକାନ୍ତ ବେହେରା)

ଏକ ଚୋରି ମାମଲାର ରାୟ ଭୁବନେଶ୍ୱରସ୍ଥିତ ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ କୋର୍ଟ(୪)ରେ ପ୍ରକାଶ ପାଇଛି। ବିଚାରପତି ସୂର୍ଯ୍ୟ ନାରାୟଣ ମହାନ୍ତି ମାମଲାର ଶୁଣାଣି କରି ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ର ବେହେରାଙ୍କୁ ଦୋଷୀ ସାବ୍ୟସ୍ତ କରି ୨ ବର୍ଷର ଜେଲ ଦଣ୍ଡ ଶୁଣାଇଛନ୍ତି। ଏହାସହ ଏକ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ହେଲେ ଅଧିକ ୧୦ ଦିନ ଜେଲ ଦଣ୍ଡ ଭୋଗିବାକୁ ବିଚାରପତି ତାଙ୍କ ରାୟରେ ପ୍ରକାଶ କରିଛନ୍ତି।
ଘଟଣାର ବିବରଣୀ ଅନୁଯାୟୀ, ଗତବର୍ଷ ନଭେମ୍ବର ୨୦ରେ ଅଭିଯୋଗକାରୀ ଓ ତାଙ୍କର ପରିବାର ସଦସ୍ୟ ମଧ୍ୟାହ୍ନ ପ୍ରାୟ ୧୨ ଟାରୁ ଅପରାହ୍ନ ୨ଟା ମଧ୍ୟରେ ଘରେ ନ ଥିବା ସମୟରେ ଏହାର ସୁଯୋଗ ନେଇ ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ର ଘରର ତାଲା ଭାଙ୍ଗି ସୁନା ଗହଣା ଓ ଟଙ୍କା ଚୋରି କରି ନେଇଥିଲେ। ଅଭିଯୋଗକାରୀ ଏନେଇ ବଡଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୬୫୪/୨୦୨୩) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା।

# ୧୫ ପ୍ରେକ୍ଷାଳୟରେ ମୁକ୍ତିଲାଭ କଲା 'ସିନ୍ଦୁରା'

ଭୁବନେଶ୍ୱର,୫।୪(ଶର୍ମିଷ୍ଠା ପାଣିଗ୍ରାହୀ)

### ପେଷ୍ଟିସାଇଡ୍‌ର ନକାରାତ୍ମକ ବ୍ୟବହାର ନେଇ ସତର୍କ କଲା

ଓଡ଼ିଆ ଚଳଚ୍ଚିତ୍ର 'ସିନ୍ଦୁରା' ଓଡ଼ିଶାର ୧୫ଟି ପ୍ରେକ୍ଷାଳୟରେ ଶୁକ୍ରବାର ମୁକ୍ତିଲାଭ କରିଛି। ରାସେଶ୍ୱରୀ ଏଣ୍ଟରଟେନମେଣ୍ଟ ବ୍ୟାନର ଦ୍ୱାରା ପ୍ରସ୍ତୁତ ତଥା ଦିଲ୍ଲୀପ ଦାଶ ନିବେଦିତ ଷଷ୍ଠ ଅବଦାନ ସିନ୍ଦୁରାର କାହାଣୀ ରଚନା ଏବଂ ନିର୍ଦ୍ଦେଶନା ଦେଇଛନ୍ତି ବିରଞ୍ଚି ନାରାୟଣ ପଣ୍ଡା। ଚାଷରେ ବ୍ୟବହୃତ ହେଉଥିବା ପେଷ୍ଟିସାଇଡ୍‌ର ନକାରାତ୍ମକ ପ୍ରଭାବ ଉପରେ ଚଳଚ୍ଚିତ୍ରର କାହାଣୀ ପର୍ଯ୍ୟବଶିତ, ଯାହା ଆମ ଚାଷୀ ପରିବାରର କଥାବସ୍ତୁ ଉପରେ ଆଧାରିତ। ନାୟକ ଭୂମିକାରେ ଅଭିଷେକ ଗିରି ଏବଂ ନାୟିକା ଭୂମିକାରେ ସୁପ୍ରିୟା ନାୟକ ଅଛନ୍ତି। ତାଙ୍କ ସହିତ ଅନ୍ୟାନ୍ୟ ଭୂମିକାରେ ଉଷସୀ ମିଶ୍ର, ଜୀବନ ପଣ୍ଡା, ଧୀର ମଲ୍ଲିକ, ପୃଥ୍ୱୀରାଜ ନାୟକ, ପ୍ରିୟଙ୍କା ମହାପାତ୍ର, ପ୍ରଜ୍ଞା ଖଟୁଆ, ଶଙ୍କର ପ୍ରଧାନ, ସ୍ମୃତିରଞ୍ଜନ ମହାନ୍ତି, ଶିଶୁ କଳାକାର ସାଇଶ୍ରଦ୍ଧା ପ୍ରମୁଖ ଅଭିନୟ କରିଛନ୍ତି। ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ପ୍ରେମ ଆନନ୍ଦ। ଚଳଚ୍ଚିତ୍ରର ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ବିଜୟ କୁମାର ଦାସ। କାର୍ଯ୍ୟକାରୀ ନିର୍ଦ୍ଦେଶନା ଏବଂ ସମ୍ପାଦନା ଦାୟିତ୍ୱ ତୁଲାଇଛନ୍ତି ଜିତେନ୍ଦ୍ର ଜେନା। କାର୍ଯ୍ୟକାରୀ ପ୍ରଯୋଜକ ଶାନ୍ତି ସ୍ୱରୂପ ଶତପଥୀ, ଚିତ୍ରୋତ୍ତୋଳନ ନାରାୟଣ ଦୀକ୍ଷିତ, ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଲୁବୁନ ଟୁବୁନ ଏବଂ ଜୟା ବିଶ୍ୱାସ ଏବଂ ପ୍ରଚାର ପ୍ରସାର ଦାୟିତ୍ୱ ନେଇଛନ୍ତି ମିଡ଼ିଆ ପ୍ଲାନର ମୁଖ୍ୟ ପ୍ରଣୟ ଜେଠୀ।




ଓଡ଼ିଆ ଚଳଚ୍ଚିତ୍ର 'ସିନ୍ଦୁରା'ର ଶୁଭମୁକ୍ତି ଅବସରରେ ଅଭିନେତା, ଅଭିନେତ୍ରୀ ଓ ଅନ୍ୟ କଳାକାରମାନେ।

# ୪ ଲୁଟେରା ଗିରଫ, ୯.୬୯ ଲକ୍ଷ ଜବତ

### ବ୍ୟବସାୟୀଙ୍କଠାରୁ ୧୧ ଲକ୍ଷ ଲୁଟ୍ ଘଟଣା

ଭୁବନେଶ୍ୱର,୫।୪(ସତ୍ୟଜିତ୍ ରାଉତ)

ଦୁଇ ବ୍ୟବସାୟୀଙ୍କୁ ଧମକାଇ ୧୧ ଲକ୍ଷ ଲୁଟ୍ ମାମଲାରେ କମିଶନରେଟ୍ ପୋଲିସ ସଫଳତା ପାଇଛି। ଭୁବନେଶ୍ୱର ଇନ୍‌ଫୋସିଟି ପୋଲିସ ଏହି ମାମଲାରେ ସମ୍ପୃକ୍ତ ୪ ଜଣ ଲୁଟେରାଙ୍କୁ ଶୁକ୍ରବାର ଗିରଫ କରିଛି। ସେମାନେ ହେଲେ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅଞ୍ଚଳର ସୋମନାଥ ଜେନା ଓରଫ ସୋମା (୩୧), ସଦର ଥାନା କଦଳିବାଡ଼ି ଗ୍ରାମର ଦୀପ୍ତିରଞ୍ଜନ ବଳିଆରସିଂ ଓରଫ ଦୀପକ (୩୧), ନୟାଗଡ ଜିଲା ଚାନ୍ଦପୁର ଥାନା ଅଞ୍ଚଳର ଆଶିଷ କୁମାର ଦାସ (୨୫) ଓ ଜଙ୍କିଆ ଥାନା ଅଞ୍ଚଳର ସ୍ମୃତିରଞ୍ଜନ ସେଠୀ ଓରଫ ବବ୍‌ଲୁ (୨୫)। ସେମାନଙ୍କଠାରୁ ନଗଦ ୯ ଲକ୍ଷ ୬୯ ହଜାର ଟଙ୍କା, ୪ ବାଇକ ଓ ୩ ମୋବାଇଲ ଜବତ ହୋଇଛି। ସମସ୍ତଙ୍କୁ କୋର୍ଟଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।



କମିଶନରେଟ ପୋଲିସ ପକ୍ଷରୁ ଗିରଫ ହୋଇଥିବା ୪ ଅଭିଯୁକ୍ତ, ଜବତ ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ।

ଅଭିଯୋଗକାରୀ ଖାରବେଳନଗର ଥାନା ଅନ୍ତର୍ଗତ ଶାସ୍ତ୍ରୀନଗରରର ଉଦୟଭାନୁ ବିଶ୍ୱାଳ ତାଙ୍କ ୫ ସହଯୋଗୀଙ୍କ ସହ ମିଶି ଖୁଚୁରା ଟଙ୍କା ବ୍ୟବସାୟ କରନ୍ତି। ସେ ଶମ୍ଭୁନାଥ ସାହୁ ଓ ଧର୍ମେନ୍ଦ୍ର ରେଣ୍ଡୀଙ୍କୁ ଛୋଟ ନୋଟ୍ ଓ ଖୁଚୁରା ଆଣିବାକୁ ୧୧ ଲକ୍ଷ ବଡ଼ ନୋଟ ଦେଇଥିଲେ। ଶମ୍ଭୁନାଥ ଓ ଧର୍ମେନ୍ଦ୍ର ଗତ ମାର୍ଚ୍ଚ ୩୦ରେ ଏସ୍‌ବିଆଇ ଛତ୍ରପୁର ବ୍ରାଞ୍ଚରେ ୧୧ ଲକ୍ଷ ଟଙ୍କାର ବଡ଼ ନୋଟ ବଦଳାଇ ଦୁଇଟି ବ୍ୟାଗରେ ଖୁଚୁରା ଓ ଛୋଟ ନୋଟ୍ ଆଣି ଏକ ସ୍କୁଟିରେ ଭୁବନେଶ୍ୱର ଫେରୁଥିଲେ। ଅପରାହ୍ନ ୫ଟା ୩୦ରେ ପିତାପଲ୍ଲୀ ଓଭର ବାଇପାସ୍ ନିକଟରେ ୩ଟି ବାଇକରେ ଲୁଟେରାମାନେ ଆସି ଉଭୟଙ୍କୁ ଅଟକାଇଥିଲେ। ସେମାନେ ଉଭୟଙ୍କୁ ଧମକାଇ ସ୍କୁଟି ଓ ଟଙ୍କା ଭର୍ତ୍ତି ବ୍ୟାଗ୍ ନେଇ ଫେରାର ହୋଇଯାଇଥିଲେ। ଏନେଇ ଉଦୟଭାନୁଙ୍କ ଏତଲାକ୍ରମେ ଇନ୍‌ଫୋସିଟି ଥାନା ପୋଲିସ ମାର୍ଚ୍ଚ ୩୧ରେ ମାମଲା (ନଂ.୮୮/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ସୋମନାଥଙ୍କ ନାମରେ ଖୋର୍ଦ୍ଧା ଥାନାରେ ଗୋଟିଏ ହତ୍ୟା ମାମଲା ସମେତ ୩ଟି ମାମଲା ରହିଥିବା ବେଳେ ଖୋର୍ଦ୍ଧା ସଦର ଥାନାରେ ଦୀପ୍ତିରଞ୍ଜନଙ୍କ ନାମରେ ଗୋଟିଏ ମାମଲା ରହିଥିବା ପୋଲିସ କମିଶନର ସଞ୍ଜୀବ ପଣ୍ଡା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ବିଜେଡି ପକ୍ଷରୁ ଟିକେଟ ମିଳିଲେ ପ୍ରାର୍ଥୀ ହେବି: ମନୋଜ

କଳାପଥର,୫।୪(ଗଙ୍ଗାଧର ସାହୁ)

କୋଟଗଡ଼ ପାର୍କ ପରିସରରେ ବେଗୁନିଆ-ବୋଲଗଡ଼ ନିର୍ବାଚନ ମଣ୍ଡଳୀର ସାମାଜିକକର୍ମୀ ତଥା ଯୁବନେତା ମନୋଜ କୁମାର ପ୍ରଧାନଙ୍କ ଦ୍ୱାରା ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶ ତଥା କାର୍ଯ୍ୟଶୈଳୀରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବାକୁ ଇଚ୍ଛା ବ୍ୟକ୍ତ କରିଛନ୍ତି ମନୋଜ। ତେବେ ବିଜେଡି ପକ୍ଷରୁ ଟିକେଟ ମିଳିଲେ ଉକ୍ତ ଅଞ୍ଚଳରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି। ନିର୍ବାଚନ ମଣ୍ଡଳୀରେ ବାକି ରହିଥିବା ମୁଖ୍ୟ କାର୍ଯ୍ୟ ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ, ବେକାରୀ ସମସ୍ୟା ଦୂର ଓ ଜଳସେଚନ ସୁବିଧା ପାଇଁ କାର୍ଯ୍ୟ କରିବେ ବୋଲି ସେ ପ୍ରକାଶ କରିଛନ୍ତି।

### ନବାହ୍ନ ପାରାୟଣ ପ୍ରବଚନ ଜ୍ଞାନଯଜ୍ଞ ଉଦ୍‌ଘାଟିତ

ବୋଲଗଡ଼,୫।୪(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ହଳଦୀପଦାସ୍ଥିତ ମା' ଅପୂଜା ଚଣ୍ଡୀଙ୍କ ପୀଠରେ ଶ୍ରୀମଦ୍ ରାମଚରିତ ମାନସ ନବାହ୍ନ ପାରାୟଣ ପ୍ରବଚନ ଜ୍ଞାନଯଜ୍ଞ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ କଳସଯାତ୍ରାରେ ଯାଇ ପୁଷ୍କରିଣୀର ପବିତ୍ର ଜଳ ଆଣି ଯଜ୍ଞମଣ୍ଡପରେ କଳସ ସହ ସ୍ଥାପନକରାଯାଇଥିଲା।ପରେ ସୂର୍ଯ୍ୟପୂଜା, ଦ୍ୱାରପୂଜା ଓ ପାର୍ଶ୍ୱପୂଜା କରାଯାଇଥିଲା। ନବଦିନାତ୍ମକ ଏହି କାର୍ଯ୍ୟକ୍ରମ ୧୧ତାରିଖ ପର୍ଯ୍ୟନ୍ତ ଚାଲୁରହିବ। କାର୍ଯ୍ୟକ୍ରମ ପରିଚାଳନାରେ ମା' ଅପୂଜାଚଣ୍ଡୀ ମାନସ ପାରାୟଣ ପରିଚାଳନା କମିଟି ଏବଂ ହଳଦୀପଦା ଓ ବାରଦାଣ୍ଡି ଗ୍ରାମବାସୀ ସହଯୋଗ କରୁଛନ୍ତି। ଓଡ଼ିଶାର ବିଶିଷ୍ଟ କଥାବାଚକମାନେ ଏଥିରେ ଯୋଗଦେବେ। ବ୍ୟାସଭାବେ ମହନ୍ତ ମୋହନ ମହାରାଜ ଓ ଆଚାର୍ଯ୍ୟ ଭାବେ ପଣ୍ଡିତ ରମେଶ ଚନ୍ଦ୍ର କର ଦାୟିତ୍ୱ ତୁଲାଇବେ। କଥାବାଚକ ସନ୍ଥ ପୁରୁଷୋତ୍ତମ ଦାସ, ବାବା ଦିବାକର ଦାସ, ପଣ୍ଡିତ ବିପିନ ବିହାରୀ ସାମଲ, ପଣ୍ଡିତ ସନ୍ତୋଷ କୁମାର ସାହୁ, ପଣ୍ଡିତ ପ୍ରଶାନ୍ତ କୁମାର ମିଶ୍ର, ଗୋପାଳ ଚନ୍ଦ୍ର ରାୟଗୁରୁ, ପଣ୍ଡିତ ଆଶୀର୍ବାଦ ମହାରାଜ ପ୍ରମୁଖ ଯୋଗଦେଇ ବିଭିନ୍ନ ପୌରାଣିକ ଉପାଖ୍ୟାନ ଓ ଧାର୍ମିକ ପ୍ରସଙ୍ଗରେ ପ୍ରବଚନ ପ୍ରଦାନ କରିବେ।

### ଦେଶୀମଦ ଜବତ, ବେପାରୀ ଗିରଫ

ବାରଙ୍ଗ,୫।୪(ଲିଙ୍ଗରାଜ ରାଉତ)

ବେଆଇନ ଭାବେ ଦେଶୀମଦ ବିକ୍ରି କରୁଥିବା ଅଭିଯୋଗରେ ନନ୍ଦନକାନନ ଥାନା ପୋଲିସ କେନ୍ଦୁପାଟଣା ଗ୍ରାମର ବୈରାଗୀ ବାରିକଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ୫୪ ଲିଟର ଦେଶୀମଦ ଜବତ ହୋଇଛି।ଏନେଇ ଥାନାରେ ଏକ ମାମଲା (ନଂ.୯୦/୨୪)ରୁଜୁ ହୋଇଛି। ସୂଚନା ମୁତାବକ, ବୈରାଗୀ ଦେଶୀମଦ ବିକ୍ରି କରୁଥିବା ସୂଚନା ପାଇ ନନ୍ଦନକାନନ ଥାନାର ଏକ ଟିମ୍ ଗୁରୁବାର ରାତିରେ କେନ୍ଦୁପାଟଣା ଗ୍ରାମରେ ଚଢ଼ାଉ କରିଥିଲେ। ଏହି ସମୟରେ ବୈରାଗୀ ନିଜ ଘରେ ମଦ ବିକ୍ରି କରୁଥିବା ପୋଲିସ ଦେଖିବାକୁ ପାଇଥିଲା। ଏହା ପରେ ପୋଲିସ ତାଙ୍କୁ ଗିରଫ କରିଥିଲା।

# ଆଶା, ଆଶଙ୍କାରେ ଆଶାୟୀ ପ୍ରାର୍ଥୀ

**ଖୋର୍ଦ୍ଧା, ବେଗୁନିଆ ନିର୍ବାଚନମଣ୍ଡଳୀ**

ଖୋର୍ଦ୍ଧା,୫।୪(ପ୍ରଭାତ ପାଣିଗ୍ରାହୀ)

ନିର୍ବାଚନ ପାଖେଇ ଆସୁଥିବା ବେଳେ ନେତାଙ୍କ ଦଳଡିଆଁ ପର୍ବ ଚାଲିଛି। ରାତି ପାହିଲେ ଭାଜପା ଏବଂ ବିଜେଡିରେ ଚାଲିଛି ମିଶ୍ରଣ ପର୍ବ। ଶୁକ୍ରବାର ବିଜେଡିର ତୃତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା ହୋଇଛି। ଏହା ପରେ ବି ଖୋର୍ଦ୍ଧା ଜିଲାର ଖୋର୍ଦ୍ଧା, ବେଗୁନିଆ ବିଧାନସଭା ପାଇଁ ପ୍ରାର୍ଥୀଙ୍କ ତାଲିକା ଝୁଲି ରହିଛି। ସେହିପରି ଭାଜପା ଓ କଂଗ୍ରେସ ପକ୍ଷରୁ ମଧ୍ୟ ଏପର୍ଯ୍ୟନ୍ତ ଉକ୍ତ ବିଧାନସଭା ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇପାରି ନାହିଁ। ଫଳରେ ଆଶାୟୀ ପ୍ରାର୍ଥୀମାନେ ଆଶା, ଆଶଙ୍କାରେ ରହିଛନ୍ତି।

ଭୁବନେଶ୍ୱର ଲୋକ ସଭା ପାଇଁ ବିଜେଡି ମନ୍ମଥ ରାଉତରାୟ, ଭାଜପା ପୁଣି ଥରେ ଅପରାଜିତା ଷଡ଼ଙ୍ଗୀଙ୍କୁ ପ୍ରାର୍ଥୀ ଭାବେ ଘୋଷଣା କରିଛି। କଂଗ୍ରେସ ଏଯାବତ୍ କାହାକୁ ଏଠାରୁ ପ୍ରାର୍ଥୀ ଘୋଷଣା କରିନାହିଁ। ଅନ୍ୟପଟେ କଂଗ୍ରେସ ଏହି ସଂସଦୀୟ କ୍ଷେତ୍ରର ଖୋର୍ଦ୍ଧା ଓ ବେଗୁନିଆକୁ ବାଦ୍ ଦେଇ ଅନ୍ୟ ଆସନ ପାଇଁ ବିଧାୟକ ପ୍ରାର୍ଥୀ ଘୋଷଣା କରିଛି। ଅନୁରୂପଭାବେ ଭାଜପା ମଧ୍ୟ ଖୋର୍ଦ୍ଧା ଓ ବେଗୁନିଆକୁ ବାଦ୍ ଦେଇ ଅନ୍ୟ ଆସନ ଘୋଷଣା କରିଛି। ବେଗୁନିଆ ନିର୍ବାଚନମଣ୍ଡଳୀ ପାଇଁ କଂଗ୍ରେସରୁ ବର୍ତ୍ତମାନ ସୁଦ୍ଧା ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ପଟ୍ଟନାୟକଙ୍କ ପୁଅ ପୃଥ୍ୱୀବଲ୍ଲଭ ଏକମାତ୍ର ଆଶାୟୀ ରହିଥିବା ବେଳେ ସେ ଗତ ଦୁଇବର୍ଷ ହେବ ତୃଣମୂଳସ୍ତରରେ ସଙ୍ଗଠନକୁ ସଜାଡ଼ିବାରେ ଲାଗିଛନ୍ତି। ତେବେ କଂଗ୍ରେସ କାହିଁକି ତାଙ୍କୁ ପ୍ରାର୍ଥୀ ଘୋଷଣା କରିନି କିମ୍ବା ଏଠାରୁ ଦଳ ଆଉ କାହାକୁ ଛିଡା କରାଇବାକୁ ମସୁଧା ଚଳାଇଛି, ତାହାକୁ ନେଇ କର୍ମୀଙ୍କ ମହଲରେ ଉତ୍କଣ୍ଠା ରହିଛି। ସେହିପରି ଭାଜପାରେ ଖୋର୍ଦ୍ଧା, ବେଗୁନିଆ ପାଇଁ ପ୍ରାର୍ଥୀଙ୍କ ଲମ୍ବା ତାଲିକା ରହିଛି। ୨୦୧୯ରେ ଏଠାରୁ ଋଷଭ ନନ୍ଦ ଦଳରୁ ପ୍ରାର୍ଥୀ ହୋଇଥିଲେ। ତେବେ ବର୍ତ୍ତମାନ ସୁଦ୍ଧା ତାଙ୍କୁ କୌଣସି ଦଳୀୟ କାର୍ଯ୍ୟକ୍ରମରେ ଦେଖିବାକୁ ମିଳୁନାହିଁ। ଅନ୍ୟପଟେ ଏମ୍ପି ଅପରାଜିତାଙ୍କ ପ୍ରାର୍ଥିତ୍ୱକୁ ନେଇ ଏଠାରେ ଦଳୀୟ କର୍ମୀଙ୍କ ମହଲରେ ଅସନ୍ତୋଷ ରହିଛି।ବେଗୁନିଆରେ ବିଜେଡିରୁ ୨୦୧୯ରୁ ରାଜେନ୍ଦ୍ର ସାହୁ ବିଧାୟକ ରହିଥିବା ବେଳେ ଚଳିତ ନିର୍ବାଚନରେ ସେ ଖୋର୍ଦ୍ଧା ପାଇଁ ଆଗଧାଡିର ଆଶାୟୀ ରହିଛନ୍ତି। କଂଗ୍ରେସ ଛାଡି ବିଜେଡିରେ ଯୋଗଦେଇଥିବା ତଥା ୩ଥର ବିଧାୟକ ଲଢିଥିବା ପ୍ରଦୀପ ସାହୁ ଏଠାରୁ ପ୍ରମୁଖ ଆଶାୟୀ ରହିଥିବା ବେଳେ ଦଳରେ ପ୍ରଦୀପଙ୍କୁ ବାଦ୍ ଦେଲେ ଏକାଧିକ ଦାବିଦାର ରହିଥିବା ବେଳେ ବିଜେଡି ପୁଣିଥରେ ଏଠାରେ କାହାକୁ ଥଇଥାନ ଲାଗି ଯୋଜନା କରିଥିବା ଚର୍ଚ୍ଚା ହେଉଛି। ୩ ପ୍ରମୁଖ ଦଳ ଆଶାୟୀ ନେତା ଶୀର୍ଷ ନେତାଙ୍କୁ ମନାଇବାରେ ଲାଗିଛନ୍ତି। ଏପରିକି ସମର୍ଥକଙ୍କୁ ନେଇ ରାଜ୍ୟ କାର୍ଯ୍ୟାଳୟ ଆଗରେ ଶକ୍ତି ପ୍ରଦର୍ଶନରେ ଲାଗିଛନ୍ତି। ନିକଟରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ଭାଜପାରେ ଯୋଗଦାନ ପରଠାରୁ କର୍ମୀଙ୍କ ମଧ୍ୟରେ ଏକପ୍ରକାର ଅସନ୍ତୋଷ ଦେଖାଦେଇଛି। ପ୍ରଶାନ୍ତଙ୍କୁ ଖୋର୍ଦ୍ଧା ବିଧାନସଭା ଦାୟିତ୍ୱ ଦେବା ନେଇ ଅପରାଜିତାଙ୍କ ସାଧାରଣ ସ୍ଥାନରେ ଘୋଷଣାକୁ ନେଇ ଭାଜପାରୁ ଆଶାୟୀ ପ୍ରାର୍ଥୀ କାଳୁଚରଣ ଖଣ୍ଡାୟତରାୟଙ୍କ ଗୋଷ୍ଠୀ ଭାଜପା କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିଥିଲେ। ଏଠାରୁ ଦଳ ପ୍ରଶାନ୍ତଙ୍କୁ ଟିକେଟ ଦେଲେ ଦଳରେ ଫାଟ ସୃଷ୍ଟି ହୋଇପାରେ ବୋଲି ଚର୍ଚ୍ଚା ହେଉଛି। ଭାଜପାରୁ ୮ ଜଣ ଆଶାୟୀ ପ୍ରାର୍ଥୀ ରହିଥିବା ବେଳେ ଦଳ କାହାକୁ ଟିକେଟ ଦେବା ତାହାକୁ ନେଇ ଦ୍ୱନ୍ଦ୍ୱରେ ରହିଛନ୍ତି କର୍ମୀ। ଏଥିରୁ ବାଦ୍ ପଡିନି ଶାସକ ଦଳ। ବିଜେଡି ଟିକେଟ ଦୌଡରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ବିଧାୟକ ରାଜେନ୍ଦ୍ର ସାହୁଙ୍କ ସମେତ ବିଜୁ ମହିଳା ଜନତା ଦଳ ରାଜ୍ୟ ଉପସଭାନେତ୍ରୀ ବାସନ୍ତୀ ମହାପାତ୍ର ଦାବିଦାର ରହିଥିବା ବେଳେ ଏକାଧିକ ପ୍ରାର୍ଥୀ ମଧ୍ୟ ଦୌଡରେ ଅଛନ୍ତି। କଂଗ୍ରେସ କାହାକୁ ପ୍ରାର୍ଥୀ କରିବ, ତାହାକୁ ନେଇ ଦଳରେ ଦ୍ୱନ୍ଦ୍ୱ ଲାଗି ରହିଛି। ଏଥର ଯୁବ ନେତୃତ୍ୱକୁ ଗୁରୁତ୍ୱ ଦିଆଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ତେବେ କାହିଁକି ପ୍ରାର୍ଥୀ ଦେବାରେ ବିଳମ୍ବ ଘଟୁଛି, ତାହାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ବିଷୟ ପାଲଟିଛି।



ଜରିପୁଟସ୍ଥିତ ହନୁମାନ ମନ୍ଦିରରେ ଠାକୁରଙ୍କ ଦର୍ଶନ ଅବସରରେ ଭୁବନେଶ୍ୱର ବିଜେଡି ଲୋକ ସଭା ପ୍ରାର୍ଥୀ ମନ୍ମଥ ରାଉତରାୟ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଓ ଅନ୍ୟମାନେ।

# ଶଙ୍ଖ ଭବନ ଆଗରେ ବାସନ୍ତୀଙ୍କ ଶକ୍ତି ପ୍ରଦର୍ଶନ



ଖୋର୍ଦ୍ଧା,୫।୪(ପ୍ରଭାତ ପାଣିଗ୍ରାହୀ)

ନିର୍ବାଚନ ବିଗୁଲ୍ ବାଜିସାରିଥିବା ବେଳେ ଦଳୀୟ ଟିକେଟକୁ ନେଇ ଅସନ୍ତୋଷ, ବିକ୍ଷୋଭ, ଇସ୍ତଫା ଜାରି ରହିଛି। ଟିକେଟ ଘୋଷଣା ହେବାପରେ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଚାଲିଛି। ଅସନ୍ତୁଷ୍ଟ ପ୍ରାର୍ଥୀ ସମର୍ଥକଙ୍କୁ ନେଇ ଶୀର୍ଷ ନେତୃତ୍ୱଙ୍କ ଆଗରେ ନିଜର ଶକ୍ତି ପ୍ରଦର୍ଶନ ସହ ଟିକେଟ ପାଇଁ ଦାବି ଜାରି ରଖିଛନ୍ତି। ଏଭଳି ଅବସ୍ଥା ୩ ପ୍ରମୁଖ ଦଳ କଂଗ୍ରେସ, ବିଜେଡି ଏବଂ ଭାଜପାରେ ଦେଖିବାକୁ ମିଳିଛି। ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ପାଇଁ ଟିକେଟ ଆଶାୟୀ ବିଜୁ ମହିଳା ଜନତା ଦଳ ରାଜ୍ୟ ଉପସଭାନେତ୍ରୀ ବାସନ୍ତୀ ମହାପାତ୍ର ଶୁକ୍ରବାର ଭୁବନେଶ୍ୱର ଶଙ୍ଖ ଭବନ ଆଗରେ ନିଜର ଶତାଧିକ ସମର୍ଥକଙ୍କ ସହିତ ଶକ୍ତି ପ୍ରଦର୍ଶନ ସହ ଟିକେଟ ପାଇବା ପାଇଁ ଏକମାତ୍ର ଦାବିଦାର ବୋଲି କହିଛନ୍ତି।

ଶୁକ୍ରବାର ବିଜେଡି ତା'ର ୩ୟ ପର୍ଯ୍ୟାୟ ବିଧାନସଭା ଟିକେଟ ଘୋଷଣା କରିଥିବା ବେଳେ ସେଥିରୁ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ବାଦ୍ ପଡ଼ିଛି। ଏ ନେଇ ବାସନ୍ତୀଙ୍କ ସପକ୍ଷରେ ସମର୍ଥକମାନେ ଶଙ୍ଖ ଭବନ ଆଗରେ ଜୋର୍‌ଦାର ବିକ୍ଷୋଭ କରିଥିଲେ। ବାସନ୍ତୀଙ୍କୁ ଟିକେଟ ନ ଦେଲେ ଆଉ କାହାକୁ ଭୋଟ ଦେବେନାହିଁ ବୋଲି ଗଣମାଧ୍ୟମ ଆଗରେ କହିଛନ୍ତି। ଦଳର ଏକମାତ୍ର କର୍ମୀ ଭାବେ ସୁଖଦୁଃଖର ସାଥୀ ଭାବେ ବାସନ୍ତୀ ଛିଡ଼ା ହେଉଥିବା ବେଳେ ବିଧାୟକଙ୍କ ଦେଖା ମିଳେନାହିଁ ବୋଲି ଅଭିଯୋଗ କରିଛନ୍ତି। ଗତ ୫ ବର୍ଷ ମଧ୍ୟରେ ସ୍ଥାନୀୟ ବିଧାୟକଙ୍କ କାର୍ଯ୍ୟ ସନ୍ତୋଷଜନକ ନୁହେଁ। ରାଜ୍ୟ ସରକାର ନିର୍ବାଚନରେ ୩୩ ପ୍ରତିଶତ ସ୍ଥାନ ମହିଳାଙ୍କ ପାଇଁ ସଂରକ୍ଷଣ ଘୋଷଣା କରିଥିବା ବେଳେ ଖୋର୍ଦ୍ଧାରୁ ବାସନ୍ତୀଙ୍କୁ ଟିକେଟ ଦିଆଯାଉ ବୋଲି ସମର୍ଥକମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ବାସନ୍ତୀ କହିଛନ୍ତି, ଶଙ୍ଖ ଭବନ ଆଗରେ ବିକ୍ଷୋଭ କରିବାକୁ ଆସିନାହିଁ। ଶୁଭେଚ୍ଛୁ, ସମର୍ଥକଙ୍କ କଥା ରଖି ଶଙ୍ଖ ଭବନ ଆସିଛି। ଦୀର୍ଘବର୍ଷ ହେବ ଖୋର୍ଦ୍ଧା, ଟାଙ୍ଗୀ ବ୍ଲକରେ ଦଳୀୟ ସଙ୍ଗଠନ ସହ ପୁଣିଥରେ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ଲାଗି ମୁଖ୍ୟମନ୍ତ୍ରୀ ଆସନରେ ବସାଇବା ପାଇଁ ପ୍ରଚାର ଜାରି ରଖିଛି। ମୁଖ୍ୟମନ୍ତ୍ରୀଙ୍କ ଉପରେ ମୋର ବିଶ୍ୱାସ, ଆଶା ରହିଛି। ଶେଷ ମୁହୂର୍ତ୍ତରେ ମୋ ନାମ ଘୋଷଣା ହୋଇପାରେ ବୋଲି ବାସନ୍ତୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

# ବେଗୁନିଆରେ ପୁଣି ଅପରାଜିତାଙ୍କୁ ବିରୋଧ




ବୈଠକରେ ଯୋଗଦେଇଥିବା ଭାଜପା ନେତା ଓ କର୍ମୀମାନେ।

ଖୋର୍ଦ୍ଧା/ବେଗୁନିଆ,୫।୪ (ପ୍ରଭାତ ପାଣିଗ୍ରାହୀ/ହରପ୍ରସନ୍ନ ପଣ୍ଡା)

ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ଏମ୍ପି ଅପରାଜିତା ଷଡ଼ଙ୍ଗୀଙ୍କୁ ନେଇ ଭାଜପା କର୍ମୀଙ୍କ ମହଲରେ ଅସନ୍ତୋଷ ବଢ଼ିବାରେ ଚାଲିଛି। ଶୁକ୍ରବାର ବେଗୁନିଆରେ ପୁଣି ଜୋର୍ ଧରିଛି ଅପରାଜିତା ହଟାଅ ବିଜେପି ବଞ୍ଚାଅ ନାରା। ନିର୍ବାଚନୀ ବିଗୁଲ ବାଜିସାରିଥିବା ବେଳେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ପାଇଁ ଭାଜପା ପ୍ରାର୍ଥୀ ଘୋଷଣା କରିସାରିଛି। ପୂର୍ବରୁ ଅପରାଜିତାଙ୍କ ମନମୁଖି କାର୍ଯ୍ୟକୁ ନେଇ କର୍ମୀଙ୍କ ମହଲରେ ଅସନ୍ତୋଷ ରହିଥିବା ବେଳେ ୨୦୨୪ ପାଇଁ ଦଳ ପୁଣିଥରେ ତାଙ୍କ ନାମ ଘୋଷଣା ପରଠାରୁ ଅସନ୍ତୁଷ୍ଟ କର୍ମୀମାନେ ବିରୋଧ କରିଆସୁଛନ୍ତି। ବେଗୁନିଆ-ବୋଲଗଡ଼ ନିର୍ବାଚନ ମଣ୍ଡଳୀର ଦଳୀୟ କର୍ମକର୍ତ୍ତାଙ୍କୁ ଅବହେଳା ସହ ସଂସଦୀୟ ପାଣ୍ଠିକୁ ଅନ୍ୟ ଦଳର କର୍ମୀଙ୍କୁ ପ୍ରଦାନ ପ୍ରତିବାଦରେ ପୁନର୍ବାର ଅପରାଜିତାଙ୍କୁ ବିରୋଧ କରିଛନ୍ତି ଦଳୀୟ କର୍ମକର୍ତ୍ତା। ଦକ୍ଷିଣ ବେଗୁନିଆ ୨୪ ନମ୍ବର ଜୋନ୍‌ରେ ଏହି ବିରୋଧର ସ୍ୱର ଦେଖିବାକୁ ମିଳିଛି। ନିଧିପୁରର ମା'ଜାଗେଶ୍ୱରୀ ପୀଠରେ ଏକାଠି ହୋଇଥିଲେ ଦଳର ବରିଷ୍ଠ, ଯୁବ, ଛାତ୍ର କର୍ମୀ। ବିଭିନ୍ନ ଫୋରମ୍‌ରେ ଜଣାଇବା ସତ୍ତ୍ୱେ ଦଳ ପୁଣି ତାଙ୍କୁ ଟିକେଟ ଦେଇଥିବାରୁ ଏବେ ଗାଁ ଗାଁ ବୁଲି ନୋଟାରେ ଭୋଟ ଦେବାକୁ ସଜବାଜ ହେଉଛନ୍ତି ଅସନ୍ତୁଷ୍ଟ ଭାଜପା କର୍ମୀ। ଅପରାଜିତା ଭୋଟ ପାଇଁ କିଭଳି ଜନସାଧାରଣଙ୍କୁ ମିଛ ପ୍ରତିଶ୍ରୁତି ଦେଉଛନ୍ତି, ଆଗାମୀ ଦିନରେ ଏହାର ଦୃଢ଼ ଜବାବ ଦିଆଯିବ ବୋଲି କର୍ମୀମାନେ କହିଛନ୍ତି।

# କୃଷକ ସଂଘ ପକ୍ଷରୁ ଖୋଲିଲା ଜଳଛତ୍ର

ବୋଲଗଡ଼,୫।୪(ଦେବବ୍ରତ ହୋତା)

ପ୍ରଚଣ୍ଡ ରୌଦ୍ରତାପରେ ଲୋକମାନେ ଅସ୍ତବ୍ୟସ୍ତ ହୋଇପଡ଼ିଲେଣି। ପୂର୍ବାହ୍ନ ୧୦ଟା ପରେ ଘରୁ ବାହାରିବା ସମ୍ଭବ ହେଉନି। ତେବେ ଜରୁରୀ କାମରେ ଆସୁଥିବା ଲୋକେ ଯାତାୟାତ ସମୟରେ ପାଣି ପାଇଁ ତହଳବିକଳ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ବୋଲଗଡ଼-ବେଗୁନିଆ କୃଷକ ସଂଘ ପକ୍ଷରୁ ଶୁକ୍ରବାର ବୋଲଗଡ଼ ବ୍ଲକ ଅନ୍ତର୍ଗତ ବଡ଼କୁମାରୀ ପଞ୍ଚାୟତର ରାଜସୁନାଖଳା କୁମାରୀ ଛକଠାରେ ଏକ ଜଳଛତ୍ର ଖୋଲାଯାଇଛି। ପ୍ରଥମ ଦିବସରେ ପଥଚାରୀଙ୍କୁ ଦହିପଣା ବଣ୍ଟନ କରାଯାଇଥିଲା। ଚାଷୀନେତା ତଥା ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଡାଇରେକ୍ଟର ପ୍ରକାଶ ଚନ୍ଦ୍ର ରାଉତରାୟ ଉଦ୍‌ଘାଟନ କରିଥିବା ବେଳେ ହରିକେଶ୍ୱର ଗ୍ରାମର ରବୀନ୍ଦ୍ରନାଥ ମଙ୍ଗରାଜ, ବାପୁ ମାଝୀ, ସନ୍ତୋଷ ଜେନା, ଆକାଶ ମହାରଣା, ଆଦିତ୍ୟ ବଳବନ୍ତରାୟ, ହେମନ୍ତ ଛୋଟରାୟ ଓ ପାନ୍ନଗରର ନିଲୁ ସରକାରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଖରାରେ କାମ କରୁଛନ୍ତି ଶ୍ରମିକ

ଖୋର୍ଦ୍ଧା,୫।୪(ପ୍ରଭାତ ପାଣିଗ୍ରାହୀ)

ପ୍ରଚଣ୍ଡ ଖରା ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଜନଜୀବନ ଅସ୍ତବ୍ୟସ୍ତ କରିପକାଉଛି। ପୂର୍ବାହ୍ନ ୧୦ଟା ପରେ ଲୋକେ ଘର ବାହାରକୁ ପାଦ କାଢ଼ିବାକୁ ଡରୁଛନ୍ତି। ରାସ୍ତାଘାଟ ଶୂନ୍‌ଶାନ୍ ହୋଇପଡୁଛି। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଶ୍ରମିକ କାମ କରିବେ ନାହିଁ ବୋଲି ନିର୍ଦ୍ଦେଶ ରହିଥିଲା। ତେବେ ଖରାରେ ଶ୍ରମିକମାନେ କାମ କରୁଥିବା ଦେଖିବାକୁ ମିଳିଛି। ଜିଲା ପ୍ରଶାସନ, ଶ୍ରମ ବିଭାଗ ନୀରବଦ୍ରଷ୍ଟା ସାଜିଛି। ନିର୍ମାଣ ସ୍ଥଳରେ ଜଳ କିଓସ୍କ ଏବଂ ପର୍ଯ୍ୟାପ୍ତ ମାତ୍ରାରେ ପାନୀୟଜଳ ବ୍ୟବସ୍ଥା ଲାଗି ନିର୍ଦ୍ଦେଶ ସତ୍ତ୍ୱେ ଏହା ପ୍ରହସନରେ ପରିଣତ ହୋଇଛି। କୌଣସି ଗାଇଡ୍‌ଲାଇନ ପାଳନ କରାଯାଉନାହିଁ। କୌଣସି ଠିକାସଂସ୍ଥା ପକ୍ଷରୁ ପାନୀୟଜଳ ବ୍ୟବସ୍ଥା କରାଯାଉ ନ ଥିବା ଏକାଧିକ ଶ୍ରମିକ ଗଣମାଧ୍ୟମ ଆଗରେ କହିଛନ୍ତି।

# ମାଠିଆ ଗଡୁଛି, ପାଣି ନାହିଁ



ଖୋର୍ଦ୍ଧା ସହରରେ ଦୈନିକ ତାପମାତ୍ରା ଏବେ ୪୦ ଡିଗ୍ରୀ ଉପରେ ରହୁଛି। ଖରାକୁ ଦୃଷ୍ଟିରେ ରଖି ପୌରାଞ୍ଚଳ ପକ୍ଷରୁ ୬ଟି ଜନଗହଳି ସ୍ଥାନରେ ପାନୀୟଜଳର ବ୍ୟବସ୍ଥା କରାଯାଇନାହିଁ। ତେବେ ଡାକବଙ୍ଗଳା ଏବଂ ନୂଆ ବସ୍‌ଷ୍ଟାଣ୍ଡ, ଗୁରୁଜଙ୍ଗ, ମୁକୁନ୍ଦପ୍ରସାଦ, ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟ ଫ୍ଲାଏଓଭର ବ୍ରିଜ୍‌ରେ ଏକ ଟେଷ୍ଟ ହାଉସ୍ ତଳେ ଦୁଇଟି ପାଣିମାଠିଆ ରଖି ପ୍ରଶାସନ କାମ ସାରିଦେଇଛି। ପାଣି ସରିବା ପରେ ମାଠିଆ ଭରିବାକୁ କେହି ନାହାନ୍ତି। ସକାଳେ ପାଣି ଭରିଦେବା ପରେ ଆଉ ପୂର୍ବାହ୍ନରେ କାହାରିକୁ ଦେଖିବାକୁ ମିଳୁନାହିଁ। ଦୈନିକ ବିଭିନ୍ନ କାର୍ଯ୍ୟକ୍ରମରେ ବହୁ ଦୂରରୁ ଲୋକମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସୁଛନ୍ତି। ଏଠାରେ ଲୋକଙ୍କ ପାଇଁ କୌଣସି ପାନୀୟଜଳର ବ୍ୟବସ୍ଥା ନାହିଁ। କେବଳ ଜିଲାପାଳଙ୍କ କାର୍ଯ୍ୟାଳୟ ନୁହଁ, ପୁରୁଣା ଓ ନୂଆ ବସ୍‌ଷ୍ଟାଣ୍ଡ ସମେତ କୌଣସି ସରକାରୀ କାର୍ଯ୍ୟାଳୟରେ ଲୋକଙ୍କ ଲାଗି ପାନୀୟଜଳ ବ୍ୟବସ୍ଥା କରାଯାଇ ନ ଥିବା ଦେଖିବାକୁ ମିଳିଛି। ଫଳରେ ଲୋକେ ପାଣି ମୁନ୍ଦାଏ ପାଇଁ ତହଳବିକଳ ହେଉଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟିଦେବାକୁ ଦାବି ହେଉଛି।

# ୬ଷ୍ଠ ବାଟାଲିୟନ ପକ୍ଷରୁ ଖୋଲିଲା ଜଳଛତ୍ର

ଖୋର୍ଦ୍ଧା,୫।୪(ପ୍ରଭାତ ପାଣିଗ୍ରାହୀ)




ପ୍ରଚଣ୍ଡ ଖରା ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଜନଜୀବନ ଅସ୍ତବ୍ୟସ୍ତ କରିପକାଉଛି। ୫୭ ନମ୍ବର ରାଜପଥ ଦେଇ ଯାତାୟାତ କରୁଥିବା ଲୋକେ ପାଣି ପାଇଁ ତହଳବିକଳ ହେଉଛନ୍ତି। ଲୋକଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଣ ପାଇଁ ୬ଷ୍ଠ ବାଟାଲିୟନ ଆଗେଇଆସିଛି। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ୬ଷ୍ଠ ଇଣ୍ଡିଆ ରିଜର୍ଭ ବାଟାଲିୟନ ଅର୍ଜୁନପୁର ଖୋର୍ଦ୍ଧା ପକ୍ଷରୁ ଶୁକ୍ରବାର ସର୍ବସାଧାରଣଙ୍କ ନିମନ୍ତେ ବାଟାଲିୟନର ମୁଖ୍ୟ ଫାଟକ ନିକଟରେ ଏକ ଜଳଛତ୍ର ଖୋଲାଯାଇଛି। ଏହି ଜଳଛତ୍ରକୁ ବାଟାଲିୟନର ଦୁର୍ଗପତି ବସନ୍ତ କୁମାର ନାୟକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବାଟାଲିୟନର ଉପଦୁର୍ଗପତି ୟାକୁବ୍ ଖାନ୍, ସହକାରୀ ଦୁର୍ଗପତି ରାମଜିତ୍ ହେମ୍ବ୍ରମ, ପ୍ରଦ୍ୟୁମ୍ନ କୁମାର ପଟେଲ, ଅଶ୍ୱିନ କୁମାର ମହାପାତ୍ର, ଧର୍ମେନ୍ଦ୍ର ପ୍ରଧାନ, ଉମେଶ ଚନ୍ଦ୍ର ଜେନା, କିଶୋର ଚନ୍ଦ୍ର ବଳବନ୍ତରାୟ, ଇନ୍ସପେକ୍ଟର ଆର୍ମଡ ରାଜେନ୍ଦ୍ର ଶିଆଳ, ବିଭୁ ପ୍ରସାଦ ପ୍ରଧାନ, ଗୌରାଙ୍ଗ ଚରଣ ପାତ୍ର, ଦାଶରଥି ସେଠୀ, ମହମ୍ମଦ କୁଦୁସ୍ ପ୍ରମୁଖ ଉପସ୍ଥିତ ଥିଲେ।

# ବୋଲଗଡ଼ ପ୍ରିମିୟର ଲିଗ୍: ଫିଲ୍ଡ ଫାଇଟର ବିଜୟୀ

ବୋଲଗଡ଼,୫।୪(ଦେବବ୍ରତ ହୋତା)

ସ୍ଥାନୀୟ ପରମାନନ୍ଦ କଲେଜ ନିକଟ ଖେଳପଡ଼ିଆରେ ଚାଲିଥିବା ବୋଲଗଡ଼ ପ୍ରିମିୟର ଲିଗ(ବିପିଏଲ)ର ଦଶମ ସଂସ୍କରଣରେ ଶୁକ୍ରବାର ରାଜା ଇଲେଭେନ ଓ ଫିଲ୍ଡ ଫାଇଟର ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ଫିଲ୍ଡ ଫାଇଟର ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୧୦ ଓଭରରେ ୮ ଉଇକେଟ ବିନିମୟରେ ୧୩୧ ରନ୍ ସଂଗ୍ରହ କରିଥିଲା। ଜବାବରେ ରାଜା ଇଲେଭେନ ୧୦ ଓଭରରେ ୯ ଉଇକେଟ ହରାଇ ୮୬ ରନ୍ ସଂଗ୍ରହକରି ପରାଜିତ ହୋଇଥିଲା। ଫଳରେ ଫିଲ୍ଡ ଫାଇଟର ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ବିଜୟୀ ଟିମ୍‌ର ବଣ୍ଟି ପଲେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ରିଙ୍କୁ ଓ ରମାକାନ୍ତ ମହାପାତ୍ର ମ୍ୟାଚ୍ ପରିଚାଳନା କରିଥିଲେ। ବିପିଏଲ୍ ପରିଚାଳନା କମିଟି ସଦସ୍ୟ ଗୁଡୁ, ମୋହିତ, ସାଗର, କାଳିଆ, ପିଣ୍ଟୁ, ହାପି, ସ୍ନେହାଂଶୁ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।



# ଛାତ୍ରୀଛାତ୍ରଙ୍କୁ ଗଢ଼ିବାରେ ଅଭିଭାବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ନିରାକାରପୁର,୫।୪(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ ଆର୍ଯ୍ୟବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଊନତ୍ରିଂଶତମ ସାମ୍ବତ୍ସରିକ ଉତ୍ସବ ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବିଶିଷ୍ଟ ସ୍ତମ୍ଭକାର ଡ. ଦାଶ ବେନହୁର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଗଢ଼ିବାରେ ଅଭିଭାବକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଏଥିସହ ଶିଶୁମନ୍ଦିର ଭାରତୀୟ ଐତିହ୍ୟ ଓ ପରମ୍ପରାର ଗୁରୁଦାୟିତ୍ୱ ବହନ କରୁଛି, ଯାହା ହୃଦୟସ୍ପର୍ଶୀ ବୋଲି କହିଥିଲେ। ମୁଖ୍ୟବକ୍ତା ଡ.ସଙ୍ଗୀତା ଗୋସାଇଁ ଯୋଗଦେଇ ସ୍କୁଲ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଛାତ୍ରୀଛାତ୍ରଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଉର୍ମିଳା ଦେବୀ ଯୋଗଦେଇଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ବିଭୂତି ଭୂଷଣ ଆଚାର୍ଯ୍ୟ ଅତିଥି ପରିଚୟ କରିବା ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟା ନଳିନୀ ରଥ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ମୁଖପତ୍ର 'ଉପାୟନ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ଗୁରୁଜୀ ନୀହାର ରଞ୍ଜନ ସାମନ୍ତସିଂହାର ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ସମସ୍ତ ଗୁରୁଜୀ, ଗୁରୁମା, କର୍ମଚାରୀ, ଅଭିଭାବକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ବିଦ୍ୟାଳୟର ମୁଖପତ୍ର 'ଉପାୟନ'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## ସଂକ୍ଷେପରେ

### ଦେଶାତ୍ମବୋଧକ କବିତା ପାଠୋତ୍ସବ

କଟକ,୫।୪(କାର୍ତ୍ତିକ ସାହୁ)

ବାଇମୁଣ୍ଡି ସାହିତ୍ୟ ସଂସ୍କୃତି ସୁରକ୍ଷା ସମାଜ ପକ୍ଷରୁ ଦେଶାତ୍ମବୋଧକ କବିତା ପାଠୋତ୍ସବ କଟକ ଶତାବ୍ଦୀବିହାରସ୍ଥିତ ନଳିନୀ ଭବନଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ ସଞ୍ଜିତ୍ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନରସିଂହ ମହାପାତ୍ର, କିଶୋର କୁମାର ସାହୁ ଅତିଥି ଭାବେ ଯୋଗଦେଇ ସାଂପ୍ରତିକ ସମୟରେ ଜାତୀୟତାବାଦୀ କବିତାର ମୂଲ୍ୟବୋଧ ସମ୍ପର୍କରେ ଆଲୋଚନା କରିଥିଲେ। ସଭାପତି ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ ମାତୃଭାଷା, ମାତୃଭୂମି ପ୍ରତି ସମ୍ମାନ ଓ ଆଦର ସୃଷ୍ଟି କରିବା ପାଇଁ ଅଧିକରୁ ଅଧିକ କବିତା ରଚନା କରିବା ଲାଗି ଆହ୍ୱାନ ଦେଇଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ଦୀନବନ୍ଧୁ ସାହୁ ପ୍ରାରମ୍ଭିକ ସୂଚନା ଦେଇଥିଲେ। କବି ମନ୍ମଥ ବରାଳ, ସନ୍ଧ୍ୟା ଶତପଥୀ, ସୁକାନ୍ତି ମହାନ୍ତି, ଭଗବତୀ ଖଟୁଆ, ନମିତା ମହାନ୍ତି, ବସନ୍ତ ସାହୁ, ଅରୁଣ କୁମାର ଅଗ୍ରୱାଲ, ଶରତ ଚନ୍ଦ୍ର ମହାନ୍ତି, ନରେଶ ଚନ୍ଦ୍ର ରାୟମହାପାତ୍ର, ନୃସିଂହ ଚରଣ ଜେନା, ସ୍ୱର୍ଣ୍ଣଲତା ସିଂହସାମନ୍ତ, ଶୂନ୍ୟ ଦାସଙ୍କ ସମେତ ଅନ୍ୟ କବିମାନେ ସ୍ୱରଚିତ ଦେଶାତ୍ମବୋଧକ କବିତା ପାଠ କରିଥିଲେ।

### ରାଜ୍ୟସ୍ତରୀୟ ନାଟ୍ୟୋତ୍ସବକୁ ସଂକ୍ରାନ୍ତି ସାଂସ୍କୃତିକ ପରିଷଦର ଗସ୍ତ

କଟକ,୫।୪(କାର୍ତ୍ତିକ ସାହୁ)

କୋରାପୁଟର ଦାମନଯୋଡ଼ିଠାରେ ହେଉଥିବା ରାଜ୍ୟସ୍ତରୀୟ ପଞ୍ଚପଞ୍ଚମାଳି ନାଟ୍ୟୋତ୍ସବରେ ଯୋଗଦେବାକୁ କଟକ ଦରଘାବଜାରସ୍ଥିତ ସଂକ୍ରାନ୍ତି ସାଂସ୍କୃତିକ ପରିଷଦ ଯାତ୍ରାରମ୍ଭ କରିଛି। ସେଠାରେ ପରିଷଦ ପକ୍ଷରୁ ନାଟକ 'କ୍ଷତାକ୍ତ ଅପରାହ୍ନ' ଶନିବାର ସନ୍ଧ୍ୟାରେ ମଞ୍ଚସ୍ଥ କରାଯିବ। ପରିଷଦର ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, ନାଟକର ନିର୍ଦ୍ଦେଶକ ହେମନ୍ତ ଦାଶଙ୍କ ନେତୃତ୍ୱରେ ପରିଷଦର କଳାକାରମାନେ ଶୁକ୍ରବାର ସନ୍ଧ୍ୟାରେ କୋରାପୁଟ ଅଭିମୁଖେ ଯାତ୍ରା କରିଛନ୍ତି। ଏହି ନାଟକରେ ଆଲୋକ ନାୟକ, ବିଶ୍ୱଭୂଷଣ ମହାନ୍ତି, ଚିତ୍ତରଞ୍ଜନ ପାତ୍ର, ଚନ୍ଦନ ସାହୁ, ମାନସୀ ପାତ୍ର, ସୁଭଦ୍ରା ମହାରଣା, ସନ୍ତୋଷ ପାତ୍ର, ସୁଧାଂଶୁ ମହାପାତ୍ର, ସୌମ୍ୟାଶ୍ରୀ ଦାଶ ଏବଂ ନକୁଳ ଓଝା ପ୍ରମୁଖ ଅଭିନୟ କରିବେ ବୋଲି ସଭାପତି ପ୍ରଣବ କର ସୂଚନା ଦେଇଛନ୍ତି। ଡ. ବିଧୁଭୂଷଣ ପଣ୍ଡାଙ୍କ ରଚିତ ଏହି ନାଟକରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ବିନୟ ଦାଶ। ପରିଷଦର ସଭ୍ୟ ଅଶୋକ ଦଳାଇ ଏବଂ ମମତା ବେହେରା ନାଟକ ପରିଚାଳନା କରୁଛନ୍ତି।

### ଅସୁରେଶ୍ୱରର ପ୍ରସିଦ୍ଧ ଶ୍ରୀରାମ ନବମୀ ଯାତ୍ରା ପାଇଁ ପ୍ରସ୍ତୁତି

ନିଶ୍ଚିନ୍ତକୋଇଲି,୫।୪(ଅଶୋକ କୁମାର ମହାପାତ୍ର)

ଓଡ଼ିଶା ପ୍ରସିଦ୍ଧ ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱରସ୍ଥିତ ଶ୍ରୀଶ୍ରୀ ରଘୁନାଥ ଜୀଉଙ୍କ ପବିତ୍ର ଶ୍ରୀରାମ ନବମୀ ଯାତ୍ରା ନିମନ୍ତେ ଶୁକ୍ରବାର ମନ୍ଦିର ପରିସରରେ ଏକ ପ୍ରଶାସନିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିଶ୍ଚିନ୍ତକୋଇଲି ତହସିଲଦାର ଅନିତା ନାୟକ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ମ୍ୟାନେଜିଂ ଟ୍ରଷ୍ଟି ପ୍ରକାଶ ଚନ୍ଦ୍ର ସାହୁ ଯାତ୍ରା ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲା ବେଳେ ସମ୍ପାଦକ ପ୍ରଭାତ କୁମାର ରଥ ବାର୍ଷିକ ବିବରଣୀ ପାଠ କରିଥିଲେ। ପୀଠରେ ଆଗାମୀ ୧୭ରୁ ୧୧ ଦିନ ବ୍ୟାପି ଶ୍ରୀରାମ ନବମୀ ଯାତ୍ରା ଏବଂ ୨୩ରେ ଦାଣ୍ଡଯାତ୍ରା କରାଯିବ। ଏହି ଯାତ୍ରାକୁ କିପରି ଶାନ୍ତିଶୃଙ୍ଖଳାର ସହ ଆୟୋଜନ କରାଯିବ ସେନେଇ ପ୍ରଶାସନିକସ୍ତରରେ ଆଲୋଚନା କରାଯାଇଥିଲା। ଯାତ୍ରା ସମୟରେ ପାନୀୟ ଜଳ ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା,ଉଜ୍ଜ୍ୱଳ ଆଲୋକୀକରଣ, ସ୍ୱାସ୍ଥ୍ୟସେବା, ସାଇକେଲ ଷ୍ଟାଣ୍ଡ, ଯାତ୍ରୀମାନଙ୍କ ଦର୍ଶନ ପାଇଁ ସୁବନ୍ଦୋବସ୍ତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ପ୍ରସ୍ତୁତି ବୈଠକରେ ସାଲେପୁର ଏସ୍‌ଡିପିଓ ନୀହାର ରଞ୍ଜନ ପ୍ରଧାନ, ନିଶ୍ଚିନ୍ତକୋଇଲି ଥାନା ଆଇଆଇସି ଯୁଗଳ କିଶୋର ଦାସ, ନିଶ୍ଚିନ୍ତକୋଇଲି ବିଡିଓ ବିରଞ୍ଚି ନାରାୟଣ ବେହେରା, ଅଗ୍ନିଶମ ଅଧିକାରୀ ମନୋଜ କୁମାର ବେହେରା, ଅସୁରେଶ୍ୱର ମେଡିକାଲ ଅଫିସର ସସ୍ମିତା ବେହେରା ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଶିକ୍ଷାବିତ୍ ପୁରୁଷୋତ୍ତମ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଂଶୁଘାତ ମୁକାବିଲା ପାଇଁ ଏସ୍‌ସିବି ପ୍ରସ୍ତୁତ

କଟକ,୫।୪(ଶିଳ୍ପା ପ୍ରିୟଦର୍ଶିନୀ)




ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଖରା ସାଙ୍ଗକୁ ଗୁଳୁଗୁଳି ଲୋକଙ୍କୁ କଲବଲ କରୁଛି। ଅଂଶୁଘାତ ମୁକାବିଲା ପାଇଁ ରାଜ୍ୟ ସରକାର ସମସ୍ତ ମେଡିକାଲକୁ ସତର୍କ କରାଇଛନ୍ତି। ଫଳରେ ଏସ୍‌ସିବି ମେଡିକାଲରେ ଏଥିପାଇଁ ସମସ୍ତ ପ୍ରସ୍ତୁତି କରାଯାଇଛି। ବିଶେଷକରି ଅଂଶୁଘାତ ମୁକାବିଲା ପାଇଁ ଗତ ୨ ତାରିଖରେ ମେଡିକାଲରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏସ୍‌ସିବି ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ବିଭାଗର ମୁଖ୍ୟ ଯୋଗଦେଇଥିଲେ। ଏସ୍‌ସିବି ମେଡିକାଲ୍‌ର ପ୍ରଶାସନିକ ଅଧିକାରୀ ଅବିନାଶ ରାଉତ କହିଛନ୍ତି, ଟ୍ରମା କାଜୁଆଲ୍‌ଟିରେ ୧୦ଟି ସାଧାରଣ ବେଡ୍, ୫ଟି ଆଇସିୟୁ ବେଡ୍ ବ୍ୟବସ୍ଥା ସହ ତୃତୀୟ ମହଲାରେ ମଧ କିଛି ବେଡ୍ ପ୍ରସ୍ତୁତ କରାଯାଇଛି। ଏଥିସହ ମେଡିସିନ ବିଭାଗୀୟ ମୁଖ୍ୟଙ୍କୁ ଆବଶ୍ୟକ ଡାକ୍ତର, ପାରାମେଡିକ୍ ଓ ନର୍ସିଂ ଅଧିକାରୀଙ୍କୁ ନିୟୋଜିତ କରିବା ପାଇଁ କୁହାଯିବା, ଅଂଶୁଘାତ ସମ୍ପର୍କିତ ଔଷଧ ପର୍ଯ୍ୟାପ୍ତ

**ପର୍ଯ୍ୟାପ୍ତ ଔଷଧ ମହଜୁଦ ରଖିବାକୁ ନିର୍ଦ୍ଦେଶ**

ପରିମାଣର ମହଜୁଦ୍ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅପରପକ୍ଷରେ ଏସ୍‌ସିବି ମେଡିକାଲର ସମସ୍ତ ବିଭାଗରେ ଜେନେରେଟର ରହିଛି। ତେଣୁ ବିଦ୍ୟୁତ୍ ସମସ୍ୟା ରହିବ ନାହିଁ। ସେହିପରି ମାର୍ଚ୍ଚ ସୁଧା ସମସ୍ତ ବିଭାଗର ଏସିଗୁଡିକ ମରାମତି କରାଯାଇଛି। ଏଥିପାଇଁ ଯଦି କିଛି ସମସ୍ୟା ଉପୁଜେ, ତା'ହେଲେ ମରାମତି ପାଇଁ ଏକ ଟିମ୍ ପ୍ରସ୍ତୁତ ରହିଛି। ମୋଟାମୋଟି ଭାବେ କହିବାକୁ ଗଲେ ପ୍ରତିବର୍ଷ ଭଳି ଚଳିତବର୍ଷ ଅଂଶୁଘାତ ମୁକାବିଲା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି।

# ଆଇପିଏସ୍ ଅଫିସର ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୫।୪(ସତ୍ୟଜିତ୍ ରାଉତ)

- ଉମାଶଙ୍କର ଦାଶ ହେଲେ ଅନୁଗୋଳ ଏସ୍‌ପି
- ବ୍ରିଜେଶ କୁମାର ରାଏଙ୍କୁ ରାଉରକେଲା ଏସ୍‌ପି ଦାୟିତ୍ୱ

ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସରକାର ଆଇପିଏସ୍ ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି। ଏନେଇ ଗୃହ ବିଭାଗ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଭିଜିଲାନ୍ସ ଡିଆଇଜି ଥିବା ପ୍ରକାଶ ଆର୍‌ଙ୍କୁ କଟକ ଡିସିପି ଭାବେ ନୂଆ ନିଯୁକ୍ତି ଦିଆଯାଇଛି। କେନ୍ଦ୍ରାଞ୍ଚଳ ପୋଲିସ ଆଇଜି ଆଶିଷ କୁମାର ସିଂଙ୍କୁ ସିଏମ୍ ସିକ୍ୟୁରିଟି ଦାୟିତ୍ୱ ଦିଆଯାଇଥିବାବେଳେ କଟକ ଡିସିପି ଥିବା କନ୍‌ୱର ବିଶାଲ ସିଂଙ୍କୁ ଏସ୍‌ଆଇଡବ୍ଲ୍ୟୁ ଡିଆଇଜି ଭାବେ ଅବସ୍ଥାପିତ କରାଯାଇଛି। ରାଉରକେଲା ଏସ୍‌ପି ମିତ୍ରଭାନୁ ମହାପାତ୍ରଙ୍କୁ ଅତିରିକ୍ତ ଏସ୍‌ଆର୍‌ସି, ଖୋର୍ଦ୍ଧା ଏସ୍‌ପି ଯୁଗଳ କିଶୋର ବାନୋଥଙ୍କୁ ପୋଲିସ ମୁଖ୍ୟାଳୟ ଏଆଇଜି, ବ୍ରହ୍ମପୁର ଏସ୍‌ପି ସର୍ଭଣା ବିବେକ ଏମ୍‌ଙ୍କୁ ଭିଜିଲାନ୍ସ ଏସ୍‌ପି ଓ ଅନୁଗୋଳ ଏସ୍‌ପି ସୁଧାଂଶୁ ଶେଖର ମିଶ୍ରଙ୍କୁ ଭିଜିଲାନ୍ସ ଏସ୍‌ପି ଭାବେ ବଦଳି କରାଯାଇଛି। ସେହିପରି ଭିଜିଲାନ୍ସ ଆଇଜି ସଞ୍ଜୟ କୁମାର କୌସାଲଙ୍କୁ କେନ୍ଦ୍ରାଞ୍ଚଳ ଆଇଜି ଭାବେ ବଦଳି କରାଯାଇଥିବାବେଳେ ଏସ୍‌ଆଇଡବ୍ଲ୍ୟୁ ଡିଆଇଜି ଉମାଶଙ୍କର ଦାଶଙ୍କୁ ଅନୁଗୋଳ ଏସ୍‌ପି ଓ ସିକ୍ୟୁରିଟି ୱିଙ୍ଗ୍‌ର ଇଣ୍ଟେଲିଜେନ୍ସ ଇନ୍‌ଚାର୍ଜ ଥିବା ଡିଆଇଜି ବ୍ରିଜେସ କୁମାର ରାଏଙ୍କୁ ରାଉରକେଲା ଏସ୍‌ପି ଭାବେ ଅବସ୍ଥାପିତ କରାଯାଇଛି।

ଉଲ୍ଲେଖଯୋଗ୍ୟ, ଗତ ମଙ୍ଗଳବାର ନିର୍ବାଚନ କମିଶନ ୬ ଆଇପିଏସ୍ ଅଫିସର ଆଶିଷ କୁମାର ସିଂ, କନ୍‌ୱର ବିଶାଲ ସିଂ, ମିତ୍ରଭାନୁ ମହାପାତ୍ର, ଯୁଗଳ କିଶୋର ବାନୋଥ, ସର୍ଭଣା ବିବେକ ଏମ୍ ଓ ସୁଧାଂଶୁ ଶେଖର ମିଶ୍ର ଏବଂ ଦୁଇ ଆଇଏସ୍ ଅଫିସର ବିନୀତ ଭରଦ୍ୱାଜ ଓ ପାରୁଲ ପଟ୍ଟୱାରିଙ୍କ ବିଶ୍ୱସନୀୟତା ଉପରେ ସନ୍ଦେହ ପ୍ରକଟ କରି ତୁରନ୍ତ ନିର୍ବାଚନ ସଂକ୍ରାନ୍ତୀୟ କାର୍ଯ୍ୟରୁ ଦୂରେଇ ରଖିବାକୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ଦିଆଯିବ




କାର୍ଯ୍ୟକ୍ରମରେ ଲୋକ ସଭା ପ୍ରାର୍ଥୀ ରାଜଶ୍ରୀ ମଲ୍ଲିକ, ବିଧାନସଭା ପ୍ରାର୍ଥୀ ପ୍ରମୋଦ ମଲ୍ଲିକଙ୍କ ସମେତ କର୍ମୀମାନେ।

ଫୁଲନଖରା,୫।୪(ସତ୍ୟରଞ୍ଜନ ଦାସମହାପାତ୍ର)

ବାରଙ୍ଗ ବ୍ଲକ ଅନ୍ତର୍ଗତ କୋରକୋରା ପଞ୍ଚାୟତରେ ବିଜେଡିର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କଟକ ଜିଲା ବିଜେଡି ସାଧାରଣ ସମ୍ପାଦକ ଅକ୍ଷୟ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜଗତ୍‌ସିଂହପୁର ଲୋକ ସଭା ପ୍ରାର୍ଥୀ ଡ. ରାଜଶ୍ରୀ ମଲ୍ଲିକ ଓ ସମ୍ମାନିତ ଅତିଥି ଭାବେ ନିଆଳି ବିଧାନସଭା ପ୍ରାର୍ଥୀ ଡ. ପ୍ରମୋଦ କୁମାର ମଲ୍ଲିକ ଯୋଗଦେଇଥିଲେ। ନିଆଳି ନିର୍ବାଚନମଣ୍ଡଳୀର ବାରଙ୍ଗ ବ୍ଲକ୍‌ରେ ଥିବା ୮ଟି ପଞ୍ଚାୟତ ପାଇଁ ଖୁବ୍‌ଶୀଘ୍ର ଏକ ମାଇକ୍ରୋ ମ୍ୟାନେଜମେଣ୍ଟ ଟିମ୍ ଗଠନ କରାଯାଇ ଲୋକମାନଙ୍କ ସମସ୍ୟା ଉପରେ ଗୁରୁତ୍ୱ ଦିଆଯିବ ବୋଲି ପ୍ରମୋଦ କହିଛନ୍ତି। ଏହି ଅବସରରେ ବିଭିନ୍ନ ଦଳରୁ ଆସିଥିବା କର୍ମୀମାନେ ବିଜେଡିରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ବାରଙ୍ଗ ବ୍ଲକ ବିଜେଡି ସଭାପତି ଗୋଲଖ ଚନ୍ଦ୍ର ପାତ୍ର, ବିଜେଡି ଯୁବ ସଭାପତି ଶଶିଭୂଷଣ ଦାଶ, ବାରଙ୍ଗ ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ ସରୋଜ ସାହୁ, ୩୩ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ପ୍ରଦୀପ ଭୋଇ, ସରପଞ୍ଚ ଅଶୋକ ପାତ୍ର, ସୁମିତ୍ରା ପାଢୀ, ସୁପ୍ରିୟା ଭୋଇ, ବରିଷ୍ଠ ନାଗରିକ ଶେଷଦେବ ରଥଙ୍କ ସମେତ କର୍ମୀମାନେ ଯୋଗଦେଇଥିଲେ।

# ଲୋକଙ୍କ ସହ ଯୋଡ଼ିହୋଇ କାମ କର

କଟକ,୫।୪(ଶିଳ୍ପା ପ୍ରିୟଦର୍ଶିନୀ)

କଂଗ୍ରେସ ନେତା ଇଂ. ମହମ୍ମଦ ମୋକିମଙ୍କ କଟକସ୍ଥିତ ଆବାସିକ କାର୍ଯ୍ୟାଳୟଠାରେ ୯ନଂ. ୱାର୍ଡର ବୁଥ୍‌ସ୍ତରୀୟ ସାଙ୍ଗଠନିକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋକିମ ଯୋଗଦେଇ ୱାର୍ଡ ଅଞ୍ଚଳରେ ସଙ୍ଗଠନକୁ ସୁଦୃଢ଼ କରାଯିବା ଓ ଆଗାମୀ ଦିନରେ ସଙ୍ଗଠନରେ ଅଧିକ ମହିଳା, ପୁରୁଷ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ଆଗାମୀ ଦିନରେ ଲୋକଙ୍କ ସହ ଯୋଡ଼ିହୋଇ କାମ କରିବାକୁ କର୍ମୀଙ୍କୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଶୁତୋଷ ଦାସ, ଅମରେନ୍ଦ୍ର ପରିଡ଼ା, କୁନା ପୁଲାର, ସଞ୍ଜୟ ସେନାପତି, ମୁନି ସାହୁ, ସୌରଭ ଦାସ, ସୌମ୍ୟ ପଟ୍ଟନାୟକ, ସୁରଜିତ୍ ସାହୁ, ଶୁବାଶିଷ ଦାସ, ପ୍ରଦୀପ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଅଭିଯୁକ୍ତଙ୍କୁ ଅଢ଼େଇ ବର୍ଷ ଜେଲଦଣ୍ଡ

**ହରିଶ୍ଚନ୍ଦ୍ର ଯୋଜନା ଅର୍ଥ ହଡ଼ପ ମାମଲା**

କଟକ,୫।୪(କାର୍ତ୍ତିକ ସାହୁ)

କଟକ ଜିଲାପାଳଙ୍କ କାର୍ଯ୍ୟାଳୟରୁ ହରିଶ୍ଚନ୍ଦ୍ର ଯୋଜନା ଅର୍ଥ ହଡ଼ପ ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। କଟକ ଚିଫ୍ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ ତଥା ସହକାରୀ ସେସନ୍ସ ଜଜ୍ ଅଭିଯୁକ୍ତ ବିଭୂତି ଭୂଷଣ ମିଶ୍ରଙ୍କୁ ଅଢ଼େଇ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଟଙ୍କା ହଡ଼ପ ସମ୍ପର୍କରେ କଟକ ଜିଲାପାଳଙ୍କ କାର୍ଯ୍ୟାଳୟର ପଞ୍ଚାୟତ ଅଫିସର ରଜନୀକାନ୍ତ ସାହୁ ୨୦୧୬ ଜୁଲାଇ ୨୧ରେ ଲାଲ୍‌ବାଗ୍ ଥାନାରେ ଅଭିଯୋଗ କରିଥିଲେ। ସେ ଏତଲାରେ ଦର୍ଶାଇଥିଲେ, କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ଅଧୀନ ଜିପି ବିଭାଗରେ କାର୍ଯ୍ୟ କରୁଥିବା ନରସିଂହପୁର ବ୍ଲକ୍‌ର ପିଇଓ ବିଭୂତି ଭୂଷଣ ମିଶ୍ର ହରିଶ୍ଚନ୍ଦ୍ର ଯୋଜନାରେ ୨ ଲକ୍ଷ ୫୬ ହଜାର ଟଙ୍କା ହଡ଼ପ କରିଛନ୍ତି। ଏନେଇ ପୋଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏଥିସହ କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା। କଟକ ଚିଫ୍ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ ତଥା ସହକାରୀ ସେସନ୍ସ ଜଜ୍‌ଙ୍କ କୋର୍ଟରେ ମାମଲାର ଶୁଣାଣି ହୋଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର ମଧୁସ୍ମିତା ମହାନ୍ତି ଓ ମଧୁଛନ୍ଦା ପାଢ଼ୀ ମାମଲା ପରିଚାଳନା କରୁଥିଲେ।

# 'ଶୃଙ୍ଖଳିତ ନିର୍ବାଚନକୁ ଗୁରୁତ୍ୱ ଦେବି'

କଟକ,୫।୪(କାର୍ତ୍ତିକ ସାହୁ)

**କଟକ ଡିସିପି ଭାବେ ଦାୟିତ୍ୱ ନେଲେ ପ୍ରକାଶ ଆର୍**



ବରିଷ୍ଠ ଆଇପିଏସ୍ ଅଧିକାରୀ ତଥା ଡିଆଇଜି ପ୍ରକାଶ ଆର୍ ଶୁକ୍ରବାର ଅପରାହ୍ନରେ କଟକ ଡିସିପି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏନେଇ ସେ କହିଛନ୍ତି, ଚଳିତ ନିର୍ବାଚନକୁ ଶୃଙ୍ଖଳିତ ଭାବେ ପରିଚାଳନା ଉପରେ ଗୁରୁତ୍ୱ ଦେବି। ବିଶେଷକରି ନିର୍ବାଚନକୁ ଶାନ୍ତିଶୃଙ୍ଖଳା ସହ ପରିଚାଳନା ଉପରେ ଅଧିକ ଧ୍ୟାନ ଦିଆଯିବ। ଅପରାଧୀଙ୍କ ଉପରେ ସତର୍କ ଦୃଷ୍ଟି ରହିବ। ନିର୍ବାଚନ ବେଳେ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ ବୋଲି ସେ କହିଛନ୍ତି। ନୂତନ ଡିସିପି କାର୍ଯ୍ୟାଳୟରେ ପହଞ୍ଚିବା ପରେ ତାଙ୍କୁ ଆନୁଷ୍ଠାନିକ ଭାବେ ସ୍ୱାଗତ କରାଯାଇଥିଲା। ଅତିରିକ୍ତ ଡିସିପି ଅନିଲ ମିଶ୍ରଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ରହି ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଦାୟିତ୍ୱ ଗ୍ରହଣ କରିବା ପରେ ନୂତନ ଡିସିପି ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ନିର୍ବାଚନକୁ ଶୃଙ୍ଖଳିତ କରିବା ପାଇଁ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ, କିଛିମାସ ତଳେ ରାଜ୍ୟ ସରକାର ଆଇପିଏସ୍ କେ.ବି. ସିଂଙ୍କୁ କଟକ ଡିସିପି ଭାବେ ଅବସ୍ଥାପିତ କରିଥିଲେ। ମାତ୍ର ନିର୍ବାଚନର ଅବ୍ୟବହିତ ପୂର୍ବରୁ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ଅପସାରିତ କରାଯାଇ ତାଙ୍କ ସ୍ଥାନରେ ପ୍ରକାଶଙ୍କୁ ନିଯୁକ୍ତ କରାଯାଇଛି।




କଟକ ମାତୃଭବନରେ ୫୩ତମ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀର ଶୁକ୍ରବାର ଦ୍ୱିତୀୟ ସନ୍ଧ୍ୟାରେ ଡ. ଆଲୋକ ପାଣ୍ଡେ ବକ୍ତବ୍ୟ ଦେଉଛନ୍ତି।

# 'ନୀତିନିଷ୍ଠ ବାମପନ୍ଥୀ ଥିଲେ ରାମଚନ୍ଦ୍ର ବେହେରା'



କଟକ,୫।୪ (କାର୍ତ୍ତିକ ସାହୁ)

ରାମଚନ୍ଦ୍ର ବେହେରା ଜଣେ ନୀତିନିଷ୍ଠ ବାମପନ୍ଥୀ ଥିଲେ। ଟ୍ରେଡ୍ ୟୁନିୟନ ବିପ୍ଳବୀ ଭାବେ ସେ ତାଙ୍କ ପଦଚିହ୍ନ ଶ୍ରମିକ ଆନ୍ଦୋଳନରେ ରଖି ଯାଇଛନ୍ତି। ତାଙ୍କର ବିୟୋଗ ଓଡ଼ିଶାର ଶ୍ରମିକ ଆନ୍ଦୋଳନରେ ଅପୂରଣୀୟ ଶୂନ୍ୟତା ସୃଷ୍ଟି କରିଛି। କଟକ ନୟାସଡ଼କସ୍ଥିତ ଓଷ୍ଟା ସମ୍ମିଳନୀ କକ୍ଷରେ ଶ୍ରମିକ ନେତା କିଶୋର ଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ରାମଚନ୍ଦ୍ର ବେହେରାଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ବକ୍ତାମାନେ ଏହି ମତବ୍ୟକ୍ତ କରିଛନ୍ତି। ସିପିଆଇ ରାଜ୍ୟ ସମ୍ପାଦକ ଅଭୟ ସାହୁ, ଏଆଇଟିୟୁସି ରାଜ୍ୟ ସମ୍ପାଦକ ବିଜୟ ଜେନା, ଡ. ସତ୍ୟ ରାୟ, ସିଆଇଟିୟୁ ନେତା ରବି ନାରାୟଣ ମଲ୍ଲିକ, ଏଆଇୟୁଟିୟୁସି ନେତା ବସନ୍ତ ନାୟକ, କଟକ ମହାନଗର ଶାନ୍ତି କମିଟିର ସାଧାରଣ ସମ୍ପାଦକ ଭିକାରି ଦାସ, ସିପିଆଇ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଡା. ପ୍ରଶାନ୍ତ ମିଶ୍ର ଓ ସିପିଆଇ ଜିଲା ସମ୍ପାଦକ ବିନୋଦ ବେହେରା ପ୍ରମୁଖ ସ୍ମୃତିଚାରଣ କରିଥିଲେ।

# ସୂଚନା ଅଧିକାର ଆଇନ ଏକ ଅମୋଘ ଅସ୍ତ୍ର

କଟକ,୫।୪ (କାର୍ତ୍ତିକ ସାହୁ)




କାର୍ଯ୍ୟକ୍ରମରେ ଯୋଗଦେଇଥିବା ବିଭିନ୍ନ ବର୍ଗର ବ୍ୟକ୍ତିବୃନ୍ଦ।

ସରକାର ସାଧାରଣ ଲୋକଙ୍କ ସ୍ୱାର୍ଥରକ୍ଷା ପାଇଁ ଅନେକ ଯୋଜନା ପ୍ରସ୍ତୁତ କରୁଛନ୍ତି। ହେଲେ କେତେକ ଲୋଭଖୋର ଅଧିକାରୀ ଏହାର ଅପବ୍ୟବହାର କରୁଛନ୍ତି। ସେମାନେ ନିଜର ସ୍ୱାର୍ଥ ହାସଲ ପାଇଁ ସାଧାରଣ ଲୋକଙ୍କ ସ୍ୱାର୍ଥକଥା ଭୁଲିଯାଉଛନ୍ତି। ସେମାନଙ୍କ ପାଇଁ ସରକାରଙ୍କୁ ନିନ୍ଦିତ ହେବାକୁ ପଡୁଛି। ଏସବୁକୁ ନିୟନ୍ତ୍ରଣ କରିବା ପାଇଁ ସୂଚନା ଅଧିକାର ଆଇନ୍(ଆର୍‌ଟିଆଇ) ଏକ ଅମୋଘ ଅସ୍ତ୍ର। ଦୁର୍ନୀତିକୁ ପଦାରେ ପକାଇ ଲୋକଙ୍କୁ ନିଜ ଅଧିକାର ଦେବାରେ ମୋ କଟକ ସୁରକ୍ଷା ମଞ୍ଚର ଭୂମିକା ଉଲ୍ଲେଖନୀୟ। ସହରରେ ଭାଇଚାରା ପରମ୍ପରା ବଜାୟ ରଖିବା ସହ ଲୋକଙ୍କ ମୌଳିକ ସମସ୍ୟାର ସମାଧାନ ନିମନ୍ତେ ମଞ୍ଚ ସର୍ବଦା କାର୍ଯ୍ୟ କରିଆସୁଛି। ମଞ୍ଚ ପକ୍ଷରୁ ମଧୁପାଟଣାସ୍ଥିତ ଏକ ମଣ୍ଡପରେ ଅନୁଷ୍ଠିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ବ୍ୟକ୍ତିମାନେ ଏହି ମତପ୍ରକାଶ କରିଛନ୍ତି।

ମଞ୍ଚ ସମ୍ପାଦକ ଜିତେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ରାଜନୈତିକ ନେତୃବୃନ୍ଦ, ବୁଦ୍ଧିଜୀବୀ, ସାମାଜିକ ସଙ୍ଗଠନର କର୍ମକର୍ତ୍ତା, ପ୍ରଶାସନିକ ଅଧିକାରୀ, ସୂଚନା ଅଧିକାର କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଅତିଥି ଭାବେ ଭାଜପା ନେତା ନୟନ କିଶୋର ମହାନ୍ତି, ୨୨ ଦିଗଭାଗ କାର୍ଯ୍ୟକାରୀ ସର୍ବାଧିକାରୀ ବାବାଜୀ ସାହୁ, ମଞ୍ଚ ଉପଦେଷ୍ଟା ଅଶୋକ କୁମାର ମହାନ୍ତି, ଦେବକୁମାର ନାଥ, ନମିତା ମଞ୍ଜରୀ ସାହୁ, ବିଶ୍ୱଜିତ୍ ସୂର୍ଯ୍ୟବଂଶୀ, ଭାଜପା ନେତା ପବିତ୍ର ଉପାଧ୍ୟାୟ, ବିଭୂତି ଭୂଷଣ ସାହୁ, ନୀଳମାଧବ ଖୁଣ୍ଟିଆ, କର୍ପୋରେଟର ଜେ. କାମେଶ୍ୱର ରାଓ, ଜନାର୍ଦ୍ଦନ ପରିଡ଼ା, ସୁବାଶିଷ ପଟ୍ଟନାୟକ, ମୀନା ସାହୁ, ଦୀପକ ଦାସଙ୍କ ସମେତ କଟକ ସହରର ବହୁ ସାମାଜିକ ସଙ୍ଗଠନର କର୍ମକର୍ତ୍ତା, ସାମାଜିକ କର୍ମୀ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ସହରବାସୀଙ୍କ ମୌଳିକ ଅଧିକାର ଦିଗରେ ଦୀର୍ଘବର୍ଷ ଧରି ମୋ' କଟକ ସୁରକ୍ଷା ମଞ୍ଚ ଅହରହ ସଂଗ୍ରାମ ଜାରି ରଖିଛି। ସମସ୍ତଙ୍କ ସହଯୋଗ ରହିଲେ ଆହୁରି ଅନେକ କାର୍ଯ୍ୟ କରାଯାଇପାରିବ ବୋଲି ମଞ୍ଚ ଉପଦେଷ୍ଟା କ୍ଷୀରୋଦ କୁମାର ସାହୁ କହିଛନ୍ତି। ଅକ୍ଷୟ ପଣ୍ଡା ଧନ୍ୟବାଦ ଦେଇଥିଲେ।






ମାନବ ସେବା ହିଁ ମାଧବ ସେବା ଅନୁଷ୍ଠାନ ପକ୍ଷରୁ କଟକ ନୁଆବଜାରସ୍ଥିତ ବେଲେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ସାମୂହିକ ବ୍ରତୋପନୟନ। ■ କଟକ କ୍ରିମିନାଲ କୋର୍ଟସ୍ ବାର୍ ଆସୋସିଏଶନ ସମ୍ମିଳନୀ କକ୍ଷରେ ନବ ନିର୍ବାଚିତ ସଦସ୍ୟଙ୍କ ଶପଥ ଗ୍ରହଣ ଉତ୍ସବ।

